ବର୍ଷ-୨୫, ସଂଖ୍ୟା-୨୬୪
ଭୁବନେଶ୍ୱର
୦୫, ଅକ୍ଟୋବର, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 264
Bhubaneswar
05, October, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଶିଳ୍ପା-ରାଜ କୁନ୍ଦ୍ରାଙ୍କୁ ବିଦେଶ ଯାତ୍ରା ମନା

# ସାମ୍ବାଦିକମାନେ ପ୍ରକୃତ ଅବ୍ୟବସ୍ଥା ଓ ସମସ୍ୟା ସଂପର୍କରେ ସମାଲୋଚନା କରିବା ଉଚିତ୍ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୧୦(ମହାଭାରତ) : ସମ୍ବାଦପତ୍ର ଗୁଡ଼ିକ ସରକାରଙ୍କ ମୁଖପତ୍ର ନ ହୋଇ ଜନତାଙ୍କର ମୁଖପତ୍ର ରୂପେ କାର୍ଯ୍ୟ କରନ୍ତୁ ଏବଂ ସମାଜର ବାସ୍ତବ ଚିତ୍ର ଉପସ୍ଥାପନ କରି ସରକାରଙ୍କ ଦୃଷ୍ଟିକୁ ଆଣନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ସଂଧ୍ୟାରେ ସ୍ୱସ୍ତି ପ୍ରିମିୟମ ହୋଟେଲରେ ଦୈନିକ ଖବର କାଗଜ ସମ୍ବାଦ ଓ କନକ ନ୍ୟୁଜର ୪୧ତମ ବାର୍ଷିକ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମ୍ବାଦପତ୍ର ଗୁଡ଼ିକ ସମାଜର ଦର୍ପଣ ଭଳି କାର୍ଯ୍ୟ କରିବା ଉଚିତ୍। ଜନସାଧାରଣଙ୍କର ସମସ୍ୟାକୁ ଲୋକଲୋଚନକୁ ଆଣି ସମସ୍ୟାର ସମାଧାନ ପାଇଁ ଦିଗ୍‌ଦର୍ଶନ ଦେବା ଉଚିତ୍।

ଗତ କିଛି ବର୍ଷ ଧରି ସମ୍ବାଦପତ୍ର ଓ ସାମ୍ବାଦିକମାନଙ୍କ ଉପରେ ଯେଉଁ କଟକଣା ସରକାରଙ୍କ ପକ୍ଷରୁ ଲାଗୁ ହୋଇଥିଲା ବର୍ତ୍ତମାନ ସରକାର ସମୟରେ ସେ କଟକଣା ଆଉ ନାହିଁ। ଗୋଟିଏ ଦାୟିତ୍ୱସମ୍ପନ୍ନ ସମ୍ବାଦପତ୍ର କିମ୍ବା ସାମ୍ବାଦିକ କେବେ ସରକାରଙ୍କର ବନ୍ଧୁ ନୁହଁନ୍ତି। ସେମାନେ ସାଧାରଣ ଲୋକଙ୍କର ବନ୍ଧୁ ଭାବି ଦାୟିତ୍ୱସମ୍ପନ୍ନତାର ସହିତ ସମସ୍ୟା ସବୁକୁ ଲୋକଲୋଚନକୁ ଆଣିବା ଦରକାର।

ସାମ୍ବାଦିକମାନେ ବ୍ୟକ୍ତିଗତ ଆକ୍ଷେପରୁ ନିବୃତ ରହି ପ୍ରକୃତ ଅବ୍ୟବସ୍ଥା ଓ ସମସ୍ୟା ସଂପର୍କରେ ସମାଲୋଚନା କରାଯିବା ସବୁବେଳେ ସ୍ୱାଗତଯୋଗ୍ୟ ବୋଲି ଶ୍ରୀ ମାଝୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ସମ୍ବାଦପତ୍ରର ସଂଖ୍ୟା ବୃଦ୍ଧି ସାଙ୍ଗକୁ ସାମ୍ବାଦିକ ମାନଙ୍କର ସଂଖ୍ୟା ବି ବୃଦ୍ଧି ଘଟିଛି। ସେମାନଙ୍କର ସାମଗ୍ରିକ ବିକାଶ ଦିଗରେ ସରକାର ସଚେତନ ରହି କାର୍ଯ୍ୟ କରୁଛନ୍ତି। ସାମ୍ବାଦିକତା କେବଳ ଏକ ବୃତ୍ତି ନୁହେଁ। ଏହାଦ୍ୱାରା ସମାଜର ସେବା କରିବା ପାଇଁ ବହୁତ ସୁଯୋଗ ରହିଛି। ସାମ୍ବାଦିକମାନେ ଏ ଦିଗରେ ନିଜକୁ ବ୍ରତୀ କରିବାକୁ ମୁଖ୍ୟମମନ୍ତ୍ରୀ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଯେଉଁ ସମ୍ବାଦପତ୍ର ଶ୍ରୋତ ବିରୁଦ୍ଧରେ ଯାଇ ସଂଗ୍ରାମ କରି ସଫଳତା ଲାଭ କରିଥାଏ ତାହା ହେଉଛି ପ୍ରକୃତ ସଫଳତା। ସାମ୍ବାଦିକମାନେ ଏ ଦିଗରେ ସଚେତନ ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ସେ କହିଲେ ଯେ, ସେ ନିୟମିତ ସବୁ ସମ୍ବାଦପତ୍ର ପଢନ୍ତି। ଟେଲିଭିଜନ ଦେଖିବାରେ ତାଙ୍କର ସଉକ ରହିଛି। ଏପରିକି ଯେଉଁ ସମ୍ବାଦ ବା ସମ୍ପାଦକୀୟ ତାଙ୍କୁ ଭଲ ଲାଗେ ସେ ଗୁଡିକୁ ସେ କାଟି ରଖନ୍ତି। ଭବିଷ୍ୟତରେ କେତେବେଳେ କାମରେ ଆସେ ସେ ତାର ବ୍ୟବହାର କରିଥାଆନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ଗଣମାଧ୍ୟମର ସ୍ୱାଧୀନତା, ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବା ସହିତ ଓଡିଶାର ବିକାଶ ଯାତ୍ରାକୁ କିପରି ଆଗକୁ ନେବାକୁ ପଡ଼ିବ ସେ ଦିଗରେ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ଗତ କିଛି ବର୍ଷ ଧରି ସାମ୍ବାଦିକମାନଙ୍କ ଉପରେ ଯେଉଁ ସବୁ ଅତ୍ୟାଚାର ଚାଲିଥିଲା, ବିଧାନସଭା ଓ ଲୋକସେବା ଭବନକୁ ପ୍ରବେଶ ବନ୍ଦ କରାଯାଇଥିଲା ବର୍ତ୍ତମାନ ସରକାରରେ ସେ ସବୁକୁ କଟକଣାମୁକ୍ତ କରାଯାଇଛି ବୋଲି ସେ କହିଥିଲେ। ଏହି ଉତ୍ସବରେ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍‌ର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ସମ୍ବାଦ ଓ କନକନ୍ୟୁଜର ଜୟଯାତ୍ରା ସଂପର୍କରେ ଭାଷଣ ଦେଇଥିଲେ। 'ସମ୍ବାଦ'ର ସମ୍ପାଦକ ତନୟା ପଟ୍ଟନାୟକ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ବର୍ତ୍ତମାନ ଦେଶ ଏକ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଦେଶ ଆଭ୍ୟନ୍ତରୀଣ ତଥା ଆନ୍ତର୍ଜାତିକ ସ୍ତରରେ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି। ଗତ କିଛି ମାସ ତଳେ ପେହେଲଗାମ ନାରକୀୟ ଗଣହତ୍ୟା ଏବଂ ତା ପରେ ଅପରେଶନ ସିନ୍ଦୁର ଘଟି ଯାଇଛି। ସୌଭାଗ୍ୟର କଥା ଯେ ଏହି ସମୟରେ ଦେଶର ନେତୃତ୍ୱ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଅନ୍ୟଥା, ଆମେ ବିଗତ ଦିନରେ ଏପରି ଆତଙ୍କବାଦୀ ଆକ୍ରମଣ ପରେ ସେ ସମୟରେ ଥିବା ନେତୃତ୍ୱଙ୍କ ପଦକ୍ଷେପ ବିଷୟରେ ଜାଣିଛୁ। ୨୬/୧୧ (ମୁମ୍ବାଇ ଛବିଶ-ଏଗାର) ଆକ୍ରମଣ ପରେ ପାକିସ୍ତାନ ବିରୁଦ୍ଧରେ ସେ ସମୟର ସରକାର କି ପ୍ରକାର ପଦକ୍ଷେପ ନେଲେ, ଏବଂ ଦେଶ କଣ ଆଶା କରୁଥିଲା ତାହା କାହାକୁ ଅଛପା ନାହିଁ। ଗତ ଏଗାର ବର୍ଷରେ ଭାରତ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସବୁ କ୍ଷେତ୍ରରେ ଅସାଧାରଣ ଭାବେ ପ୍ରଗତି କରିଛି। ଗତ ୧୧ ବର୍ଷରେ ଅର୍ଥନୈତିକ ବିକାଶର ଚିଠା ବହୁତ ଲମ୍ବା କିନ୍ତୁ, ସାଧାରଣ ଲୋକଙ୍କ ପାଇଁ ଯେଉଁ ପଦକ୍ଷେପ ନିଆଯାଇଥିଲା, ତାହା କାହିଁକି ସ୍ୱାଧୀନତାର ପ୍ରଥମ ୬୭ ବର୍ଷରେ ନିଆଯାଇ ପାରିଲା ନାହିଁ ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥା କେବଳ ଧନୀ ଓ ସମ୍ଭ୍ରାନ୍ତ ଲୋକଙ୍କ ପାଇଁ ଥିଲା। କିନ୍ତୁ, ଜନଧନ ଯୋଜନା ମାଧ୍ୟମରେ ଆଜି ଦେଶର ପ୍ରତ୍ୟେକ ପରିବାର ପାଖରେ ଗୋଟିଏ ଲେଖାଏଁ ବ୍ୟାଙ୍କ ପାସ୍ ବୁକ ଅଛି ଯେଉଁଥିରେ ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସବୁ ପ୍ରକାର ଆର୍ଥିକ ସହାୟତା ପାଉଛନ୍ତି।

ଯଦି ଟଙ୍କାଟେ ଦିଲ୍ଲୀରୁ ମୋଦୀ ଜୀ ପଠାଉ କହନ୍ତି, କି ଆମ ରାଜ୍ୟ ସରକାର ଭୁବନେଶ୍ୱରରୁ ପଠାଉଛନ୍ତି, ତେବେ ହିତାଧିକାରୀକୁ ମିଳୁଛି ପୁରା ଟଙ୍କାଟିଏ। କିନ୍ତୁ, ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ କ୍ଷୋଭର ସହିତ କହିଥିଲେ ଯଦି ମୁଁ ଦିଲ୍ଲୀରୁ ଟଙ୍କା ଟିଏ ପଠାଉଛି, ତେବେ ଲୋକଙ୍କ ପାଖରେ ପହଞ୍ଚୁଛି ମାତ୍ର ୧୫ ପଇସା, ବାକି ସବୁ ବାଟ ମାରଣା ହୋଇ ଯାଉଛି। ସେହିପରି ଘରେ ଶୌଚାଳୟ ଟେ ହେଉ କିମ୍ବା ଏଲପିଜି ଗ୍ୟାସ ହେଉ, ତାହାକୁ ଏକ ଲଗଜୁରୀ ଭାବେ ଦେଖା ଯାଉଥିଲା। କିନ୍ତୁ, ମୋଦୀ ଜୀ ଶାସନ ଭାର ନେବାର ମାତ୍ର ଅଢେଇ ମାସ ଭିତରେ ଆରମ୍ଭ କରିଥିଲେ ସ୍ୱଚ୍ଛ ଭାରତ। ଲାଲକିଲ୍ଲାର ପ୍ରାଚୀରରୁ ୨୦୧୪ ମସିହାର ସ୍ୱାଧୀନତା ଦିବସ ଅବସରରେ ମାତ୍ର ଦୁଇ ବର୍ଷ ଭିତରେ ଦେଶର ସବୁ ପରିବାରକୁ ଶୌଚାଳୟ ଯୋଗାଇ ଦିଆଯାଇଥିଲା।

ଏମିତି ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମ ଗତ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଚାଲି ଆସୁଛି, ଯାହାର ଫଳ ସ୍ୱରୂପ ବର୍ତ୍ତମାନ ଭାରତ ଦେଶର ଚତୁର୍ଥ ବୃହତ୍ତମ ଅର୍ଥନୀତି, ଆଗାମୀ ଦୁଇ ବର୍ଷ କିମ୍ବା ତିନି ବର୍ଷରେ ଏହା ପାଞ୍ଚ ଟ୍ରିଲିଅନ ସହିତ ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି। ଜି.ଏସ୍.ଟି ସଂସ୍କାର ଦେଶର ସବୁ ମୁଖ୍ୟମନ୍ତ୍ରୀ ତଥା ଅନ୍ୟ ଙ୍କ ସହିତ ବିସ୍ତୃତ ବାର୍ତ୍ତାଳାପ ପରେ ୨୦୧୭ ମସିହାରୁ ଲାଗୁ ହୋଇଥିଲା। ସ୍ୱାଧୀନତା ପରଠାରୁ ସବୁଠାରୁ ବଡ ଆର୍ଥିକ ସଂସ୍କାର। ପ୍ରାୟ ୧୭ ଗୋଟି ବିଭିନ୍ନ ଟ୍ୟାକ୍ସ ବଦଳରେ କେବଳ ଗୋଟିଏ ଟାକ୍ସ ଜି.ଏସ୍.ଟି ପ୍ରଚଳନ କରାଯାଇଥିଲା ଗୋଟିଏ ଦେଶ, ଗୋଟିଏ ଟାକ୍ସ ପରିକଳ୍ପନା ବାସ୍ତବ ରୂପ ନେଇଥିଲା। ଏହି ବ୍ୟବସ୍ଥାକୁ ଆହୁରି ସରଳୀକରଣ କରି ଗତ ମାସ ତିନି ତାରିଖରେ ଐତିହାସିକ ଜି.ଏସ୍.ଟି ୨.୦ ସଂସ୍କାରକୁ ପାରିତ କରାଯାଇଥିଲା ଯାହା ସାଧାରଣ ଲୋକଙ୍କୁ ୫ ରୁ ୧୨% ପର୍ଯ୍ୟନ୍ତ ସଞ୍ଚୟର ସୁଯୋଗ ପ୍ରଦାନ କରୁଛି। ମୁଖ୍ୟମନ୍ତ୍ରୀ ସହିତ ରାଜ୍ୟର ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବାରୁ ମୁଁ ଜିଏଷ୍ଟି କାଉନସିଲର ଏହି ଐତିହାସିକ ନିଷ୍ପତ୍ତିର ଏକ ଅଂଶ ବିଶେଷ ଥିଲି। ରାଜ୍ୟ ସରକାରଙ୍କ ପରାମର୍ଶ ଅନୁସାରେ କେନ୍ଦୁପତ୍ର ଉପରେ ୫ ପ୍ରତିଶତ ଜିଏଷ୍ଟି ଲାଗୁ ହେଉଛି। ଏହା ସହିତ କୋଇଲା ଉପରେ ଜିଏଷ୍ଟି ସଂସ୍କାର, କୃଷି ଯନ୍ତ୍ରପାତି ଓ କୃଷି ଇନ୍‌ପୁଟ ଉପରେ ଜି.ଏସ୍.ଟି କମ କରିବା ପାଇଁ ରାଜ୍ୟ ଦେଇଥିବା ପରାମର୍ଶକୁ ଜି.ଏସ୍.ଟି କାଉନସିଲ ସକାରାତ୍ମକ ଭାବେ ନେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି।

# ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଓ ସଭାପତି



**ଭୁବନେଶ୍ୱର,୪।୧୦(ମହାଭାରତ):** ଆଜି ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜନୈତିକ ପରିସ୍ଥିତି ଓ ଭବିଷ୍ୟତ କର୍ଯ୍ୟାପନ୍ଥା ନେଇ ଆଲୋଚନା କରିଛନ୍ତି।

ଏହି ଗସ୍ତ ସମୟରେ ଜେପି ନଡ୍ଡାଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜି ନୂଆଦିଲ୍ଲୀରେ ଆମ ଦଳର ମାନନୀୟ ରାଷ୍ଟ୍ରୀୟ ଅଧକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡାଜୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବାର ସୁଯୋଗ ପ୍ରାପ୍ତ ହେଲା।

ଏହି ସାକ୍ଷାତକାର ସମୟରେ ବିଭିନ୍ନ ସାଙ୍ଗଠନିକ ବିଷୟ, ରାଜନୈତିକ ରିସ୍ଥିତି ଓ ଭବିଷ୍ୟତର କାର୍ଯ୍ୟନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ନଡ୍ଡା ଜୀଙ୍କ ଦୃଷ୍ଟିଭଙ୍ଗୀ ଓ ପରାମର୍ଶ ଆମକୁ ଆଗାମୀ ଦିନରେ ଅଧିକ ସକ୍ରିୟ ଭାବରେ କାର୍ଯ୍ୟ କରିବା ପାଇଁ ପ୍ରେରିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଦିଲ୍ଲୀ ଗସ୍ତରେ ଗଲେ ମନମୋହନ ସାମଲ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଦିଲ୍ଲୀ ଗସ୍ତ କରିଛନ୍ତି। ମନମୋହନଙ୍କ ଏହି ଦିଲ୍ଲୀ ଗସ୍ତ ରାଜ୍ୟ ବିଜେପି ।ଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ସରକାର ଏବଂ ସଙ୍ଗଠନ ପାଇଁ ବିଜେପି ରାଜ୍ୟ ସଭାପତି ଦଳର ଶୀର୍ଷ ନେତୃତ୍ୱଙ୍କ ସହ କରିବେ ଆଲୋଚନା। ବିଶେଷ କରି ଆଗକୁ ନୂଆପଡ଼ା ଉନିର୍ବାଚନ ବିଜେପି କାହାକୁ କରିବ ପ୍ରାର୍ଥୀ ତାକୁ ନେଇ ମଧ୍ୟ ମନମୋହନ ଦଳୀୟ ନେତାଙ୍କ ସହ କରିବେ ବିଚାର ବିମର୍ଶ।

# ଦୁର୍ଗାମେଢଙ୍କୁ ୭ କୋଟି ଅନୁଦାନ

**ଭୁବନେଶ୍ୱର,୪।୧୦(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟର ଦଶହରା ଦୁର୍ଗାମେଢ଼ଙ୍କୁ ୭କୋଟି ୧ ଲକ୍ଷ ୪୦ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଦୁର୍ଗାମେଢ଼କୁ ୩ ଗୋଟି ବର୍ଗରେ ବିଭକ୍ତ କରାଯାଇ ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। 'କ' ବର୍ଗ – ଐତିହ୍ୟ ସମ୍ପନ୍ନ ଦୁର୍ଗାମେଢ଼ – ଏହି ବର୍ଗରେ ୨୧୫ଟି ମେଢ଼କୁ ୨ କୋଟି ୧୭ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। (ପ୍ରତ୍ୟେକ ଐତିହ୍ୟ ସମ୍ପନ୍ନ ମେଢ଼କୁ ୧ ଲକ୍ଷ ୧ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ )। 'ଖ' ବର୍ଗ – ୭୫ ବର୍ଷ ପୁରୁଣା ଦୁର୍ଗାମେଢ଼ – ଏହି ବର୍ଗରେ ୧୯୭ଟି ମେଢ଼କୁ ୧ କୋଟି ୪୭ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯିବ (ଏହି ବର୍ଗରେ ପ୍ରତ୍ୟେକ ମେଢ଼କୁ ୭୫ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ )। 'ଗ' ବର୍ଗ : ୫୦ ବର୍ଷ ପୁରୁଣା ଦୁର୍ଗାମେଢ଼ – ଏହି ବର୍ଗରେ ୬୭୩ଟି ମେଢ଼କୁ ୩ କୋଟି ୩୬ ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଯିବ (ଏହି ବର୍ଗରେ ପ୍ରତ୍ୟେକ ମେଢ଼କୁ ୫୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ)। ରାଜ୍ୟର ସମୁଦାୟ ୧ ହଜାର ୮୫ଟି ଦଶହରା ଦୁର୍ଗାମେଢ଼ଙ୍କୁ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯୋଇଛି।

# ୨୦୦ କୋଟି ବ୍ୟୟରେ ବିପର୍ଯ୍ୟୟ ଭବନ

ଭୁବନେଶ୍ୱର,୪।୧୦(ମହାଭାରତ: ପ୍ରାକୃତିକ ବିର୍ଯ୍ୟୟ ମୁକାବିଲା ।ଇଁ ସରକାରଙ୍କ ବଡ଼ ଯୋଜନା। ବିର୍ଯ୍ୟୟ ଭବନ କରିବେ ସରକାର। ଭୁବନେଶ୍ୱରରେ ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ଖୋଲିବେ ସରକାର ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିର୍ଯ୍ୟୟ ରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଗୋଟିଏ ବିଲ୍ଡିଂରେ ରହିବ ଏସଆରସି, ଅଗ୍ନିଶମ, ପାଣିପାଗ, ଓଡ୍ରାଫ, ଏନଡିଆରଏଫ, ଜଙ୍ଗଲ ବିଭାଗର କାର୍ଯ୍ୟାଳୟ। ସବୁ କାର୍ଯ୍ୟାଳୟ ଗୋଟିଏ ବିଲ୍ଡିଂରେ ରହିବ। ଏଥିପାଇଁ ୨୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ମଲ୍ଟି ଷ୍ଟରେଡ ଏବଂ ଭୂତଳ ବିଲ୍ଡିଙ୍ଗ ନିର୍ମାଣ ହେବ। ସଚିବାଳୟ ନିକଟରେ ଜମି ଚିହ୍ନଟ କରାଯାଇଛି। ବିଲ୍ଡିଂରେ ଅତ୍ୟାଧୁନିକ କାରିଗରୀ କୌଶଳର ବ୍ୟବସ୍ଥା କରାଯିବ। କାର୍ଯ୍ୟାଳୟ ନିର୍ମାଣ ପାଇଁ ଲାଗିବ ୨ ବର୍ଷ ସମୟ। ବିର୍ଯ୍ୟୟ ସମୟରେ କାମ କରୁଥିବା ସଂସ୍ଥା ଗୋଟିଏ ଛାତ ତଳେ ରହିବେ। ସବୁ ବିଭାଗ ନିଜ ଭିତରେ ସହଯୋଗ ରକ୍ଷା କରି କାମ କରିବେ। ସବୁ ଜିଲ୍ଲାକୁ ଏହି ଭବନରୁ ଯେମିତି ଯୋଡ଼ି ହେବ ସେ ନେଇ ବ୍ୟବସ୍ଥା କରାଯିବ। ଏ ନେଇ କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି। ବିପର୍ଯ୍ୟୟ ମୁକାବିଲା ପାଇଁ ଆଧୁନିକ ଜ୍ଞାନକୌଶଳର ସାହାଯ୍ୟ ବି ମଗାଯାଇଛି। ବିର୍ଯ୍ୟୟ ମୁକାବିଲାରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ହେଲେ ମଧ୍ୟ ଆଗକୁ ଆହୁରି କାମ କରାଯାଇପାରିବ। ତା ।ଇଁ ବର୍ତ୍ତମାନ ଠାରୁ ପଦକ୍ଷେପ ଆରମ୍ଭ କରାଯାଉଛି ବୋଲି ସେ କହିଛନ୍ତି।



ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ, ଭୂସ୍ଖଳନ ପାଇଁ ସରକାର କରିବେ ମାଷ୍ଟର ପ୍ଲାନ୍। ଗଜପତି ଭଳି ରାଜ୍ୟର ପାହାଡ଼ ପର୍ବତ ଅଞ୍ଚଳରେ ଭୂସ୍ଖଳନ ପ୍ରବଣ ଅଞ୍ଚଳ ଗୁଡିକୁ ଚିହ୍ନଟ କରାଯିବ। ଭୂସ୍ଖଳନ ରୋକିବା ପାଇଁ ପଦକ୍ଷେ ନେବେ ସରକାର। ଯେମିତି ପଥର ଖସି ଲୋକଙ୍କର ମୃତ୍ୟୁ ହେବ ନାହିଁ। ଓଡ଼ିଶାରେ ଭୂସ୍ଖଳନ ଏକ ନୂଆ ସମସ୍ୟା ହୋଇ ଉଭା ହୋଇଛି। ବର୍ଷା ଯୋଗୁଁ ବୁଡି ଯାଉଥିବା ତଳିଆ ରୋଡ଼ ଗୁଡ଼ିକୁ ଠାବ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେମିତି ବର୍ଷା ଯୋଗୁଁ ରାସ୍ତା ବୁଡି ଯୋଗାଯୋଗ ବିଚ୍ଛିନ୍ନ ହେବ ନାହିଁ। ମାଲକାନଗିରି ଅଞ୍ଚଳରେ ଅଧିକ ତଳିଆ ରୋଡ଼ ଥିବାରୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲଘୁଚାପ ବର୍ଷା ଯୋଗୁଁ ଗଜପତି, ରାୟଗଡ଼ା ଏବଂ କଳାହାଣ୍ଡି ଜିଲ୍ଲା ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ରାୟଗଡ଼ାର କିଛି ଗାଁରେ ବର୍ଷା ପାଣି ପଶିବା ଯୋଗୁଁ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା। କଳାହାଣ୍ଡି ଜିଲ୍ଲାର ୯ ଟି ଗାଁ ପାଣି ଘେରରେ ଥିଲା। ଲୋକଙ୍କ ସରକାର ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ବର୍ଷା ଯୋଗୁଁ ଗଜପତି ଜିଲ୍ଲା ସବୁଠୁ ଅଧିକ ଗଜପତି ପ୍ରଭାବିତ ହେଲା। ଜଣେ ଲୋକଙ୍କର ମୁଣ୍ଡରେ ପଥର ବାଜିବା ଫଳରେ ମୃତ୍ୟୁ ହେଲା ଏବଂ ଆଉ ଆଉ ଜଣଙ୍କର ପୋଷ୍ଟ ମର୍ଟମ ପରେ କେମିତି ମୃତ୍ୟୁ ହେଲା ଜଣାପଡିବ। ଏତେ ବଡ଼ ଭୁସ୍ଖଳନ ହେଲା ଯେ, ରାତି ସାରା ଦୁଇ ଜଣ ଲୋକ ମାଟି ପଥର ତଳେ ଦବି ରହିଗଲେ। ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଧ୍ୟ ଦୁଇ ଦିନ ରହି ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏବେ ପରିସ୍ଥିତି ନିୟନ୍ତ୍ରଣରେ ଅଛି ବୋଲି ମନ୍ତ୍ରୀ କହିଛନ୍ତି।

## ଏସ୍‌ଆଇ ପରୀକ୍ଷା ଘୋଟାଲା

# ତଦନ୍ତ କରିବ କ୍ରାଇମ୍‌ବ୍ରାଞ୍ଚ

**ଭୁବନେଶ୍ୱର,୪।୧୦(ମହାଭାରତ):** ଏସଆଇ ରୀକ୍ଷା ଘୋଟାଲା ମାମଲା ଖୋଳତାଡ଼ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଡିଏସପି ରତ୍ନପ୍ରଭା ଶତପଥୀଙ୍କୁ ଦାୟିତ୍ୱ ଦିଆଯାଇଛି। ଗଂଜାମ ଗୋଳନ୍ଥରା ଥାନାରେ ରୁଜୁ ହୋଇଥିବା ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରିବା ନେଇ ବିଧିବଦ୍ଧ ନୋଟିସ ଜାରି ହୋଇଛି। ମାମଲାର ତଦନ୍ତରେ ଡିଏସପି ରତ୍ନପ୍ରଭାଙ୍କୁ ସୁପରଭାଇଜ କରିବେ କ୍ରାଇମବ୍ରାଞ୍ଚ ଏସପି ଅନୀଲ କୁମାର ବେହୁରିଆ। ଏହାପୂର୍ବରୁ ପୋଲିସ୍ ଏସଆଇ ପରୀକ୍ଷା ଦୁର୍ନୀତି ନେଇ ଓପିଆରବିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା।

ଓପିଆରବି ଦ୍ୱାରା ପରିଚାଳିତ ହେବାକୁ ଥିବା ଓଡିଶା ପୋଲିସ ସବ-ଇନ୍ସପେକ୍ଟର ପଦବୀ ନିଯୁକ୍ତି ମାମଲାରେ ରାଜ୍ୟ କ୍ରାଇମ୍ ବ୍ରାଂଚକୁ ଆଉ ଏକ ସଫଳତା ମିଳିଛି। ଘଟଣାର ଅନ୍ୟତମ ଅଭିଯୁକ୍ତ କଟକର ବିଦ୍ୟାଧରପୁରର ବାସିନ୍ଦା ବିଶ୍ୱରଞ୍ଜନ ବେହେରା (୨୯)ଙ୍କୁ ଗିରଫ କରିବା ସହ ବ୍ରହ୍ମପୁର କୋର୍ଟ ଚାଲାଣ କରାଯାଇଛି। ଏହା ସହ ଏହି ମାମଲାରେ ଗିରଫଦାରୀ ସଂଖ୍ୟା ୧୧୮କୁ ବୃଦ୍ଧି ପାଇଛି। ଉଲ୍ଲେଖ ଯୋଗ୍ୟ ଯେ, ଅଭିଯୁକ୍ତ ବିଶ୍ୱରଞ୍ଜନ ଏହି ଘଟଣାରେ ଜଣେ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରୁଥିଲେ। ଏହି ସିଣ୍ଡିକେଟର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁଯାୟୀ, ବିଶ୍ୱ ରଞ୍ଜନଙ୍କ ସକ୍ରିୟ ଭୂମିକା ରହିଥିଲା। ଆଶାୟୀ ପ୍ରାର୍ଥୀଙ୍କ ସହିତ ସେ ନିୟମିତ ଯୋଗାଯୋଗ କରିବା ସହ ପ୍ରଶ୍ନପତ୍ର ପ୍ରଦାନ କରିବା ଭଳି କାର୍ଯ୍ୟ କରୁଥିଲେ। ଏହାର ପ୍ରତି ବଦଳରେ ଆଶାୟୀ ପ୍ରାର୍ଥୀଙ୍କ ଠାରୁ ସେମାନଙ୍କ ଅରିଜିନାଲ ଶିକ୍ଷାଗତ ପ୍ରମାଣପତ୍ର ଏବଂ ଖାଲି ଚେକ୍ ସଂଗ୍ରହ କରିଥିଲେ। ପରବର୍ତ୍ତୀ ସମୟରେ ଏହି କାଗଜପତ୍ର ଗୁଡିକୁ ସିଣ୍ଡିକେଟ୍ ର ଅନ୍ୟ ଜଣେ ସଦସ୍ୟକୁ ହସ୍ତାନ୍ତର କରିବା ଭଳି କାର୍ଯ୍ୟ କରୁଥିଲେ। ଏହି ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଚଢ଼ାଉ ଜାରି ରହିଛି।

# ଆସୁଛି ପୁଣି ଲଘୁଚାପ

**ଭୁବନେଶ୍ୱର,୪।୧୦(ମହାଭାରତ):** ମୌସୁମୀ ଆସିବାଠାରୁ ଏପର୍ଯ୍ୟନ୍ତ ୧୬ ଲଘୁଚାପ ରାଜ୍ୟକୁ ପ୍ରଭାବିତ କରିଛି। ଏବେ ଲଘୁଚାପଜନିତ ବର୍ଷା ଲାଗି ରହିଥିବାବେଳେ ବଙ୍ଗୋପସାଗରରେ ପୁଣି ଲଘୁଚାପ ସୃଷ୍ଟି ହେବାକୁ ଯାଉଛି। ଅକ୍ଟୋବର ୯ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା କରିଛି ଭାରତୀୟ ପାଣିପାଗ ବିଭାଗ। ଅନ୍ୟପକ୍ଷରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ ବର୍ଷାର ପରିମାଣ କମ୍ ରହିଥିଲେ ହେଁ ରବିବାର ପର୍ଯ୍ୟନ୍ତ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଦେଇଛି। ନବରଙ୍ଗପୁର, ନୂଆପଡ଼ାରେ ପବନ ଓ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଆଦି ଜିଲାରେ ଝଟକା ପବନ ସହିତ ଘଡ଼ଘଡ଼ି ଓ ବର୍ଷା ହେବାର ଆକଳନ କରାଯାଇଛି।

# ଅସ୍ତରଙ୍ଗ ଉପକୂଳରେ ଜେଲିଫିସ ମଡ଼କ

**ଅସ୍ତରଙ୍ଗ/କାକଟପୁର,୪।୧୦ (ମହାଭାରତ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ସମୁଦ୍ର କୂଳରେ କେଲୁଣୀ ମୁହାଣ ନିକଟରେ ଶତାଧିକ ବ୍ଲୁ ଜେଲି ଫିସି ମରି ପଡିଛନ୍ତି। ସମୁଦ୍ରରେ ସ୍ନାନ କରୁଥିବା ପର୍ଯ୍ୟଟକଙ୍କ ଦେହରେ ଏ ମୃତ ଜେଲି ଫିସି ଲାଳ ବାଜିଗଲେ କୁଣ୍ଡେଇ ହୋଇ ଯାଦୁ ଭଳି ଫଳି ଯାଉଛି। ଜେଲି ଫିସି ଭୟରେ ପର୍ଯ୍ୟଟକ ସମୁଦ୍ରରେ ଗାଧୋଇବାକୁ ଡରିଲେଣି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଛି। ସମୁଦ୍ର ପାଣି ଗୋଳିଆ ଦେଖାଯାଉଥିବା ବେଳେ ଜେଲିଫିସ୍ ଗୁଡିକ ମରି ସମୁଦ୍ର କୂଳରେ ଲାଗିଛନ୍ତି।

# ଭସାଣି ଶୋଭାଯାତ୍ରାରେ ଗୋଷ୍ଠୀ ସଂଘର୍ଷ : ୬ ଗିରଫ

**କଟକ,୪।୧୦ (ମହାଭାରତ):** ଦଶହରା ଭସାଣି ଶୋଭାଯାତ୍ରା ଚାଲିଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ଗୋଟାଏ ସମୟରେ ହାତୀପୋଖରୀ ନିକଟରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ଝାଞ୍ଜିରୀମଙ୍ଗଳା ଭାଗବତ ପୂଜା କମିଟି ମେଢ଼ ହାତୀପୋଖରୀ ଅତିକ୍ରମ କରୁଥିବା ବେଳେ ନାରାବାଜି ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହାକୁ ନେଇ ଉଭୟ ପକ୍ଷରୁ ଢେଲା ଓ କାଚ ବୋତଲ ମାଡ଼ ହୋଇଥିଲା। ଝାଞ୍ଜିରୀମଙ୍ଗଳା ଭାଗବତ ପୂଜା କମିଟି ମେଢ଼ ଅଟକି ରହିଥିବା ବେଳେ ରାଉସାପାଟଣା ଦୁର୍ଗାକାଳୀ ମେଢ଼ ତା'କୁ ଅତିକ୍ରମ କରି ଆଗକୁ ଯାଇଥିଲା। ରାଉସାପାଟଣା ମେଢ଼ ଦରଘାବଜାର ଥାନା ଅତିକ୍ରମ କରୁଥିବା ସମୟରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ମେଢ଼ ଶୋଭାଯାତ୍ରାରେ ଯାଉଥିବା ଯୁବକଙ୍କୁ ଆକ୍ରମଣ କରିଥିଲେ। କେଉଁ କାରଣରୁ ଏହି ସଂଘର୍ଷ ହେଲା ତାହାର କାରଣ ଖୋଜୁଛି ପୁଲିସ। ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି। ଘଟଣାସ୍ଥଳରେ ଅନେକ କ୍ୟାମେରା ଓ ଡ୍ରୋନ ଥିବାରୁ ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ କରାଯାଇଥିଲା। ଏଥିରେ ୬ରୁ ଅଧିକ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଥିବା ଜଣାପଡ଼ିଛି। ରାସ୍ତା ପାର୍ଶ୍ୱରେ ଥିବା ବାଇକ୍ ଭଙ୍ଗାରୁଜା ହେବା ସହ ବିଭିନ୍ନ ଦୋକାନ ଆଗରେ ଷ୍ଟଲ୍ ଭଙ୍ଗାରୁଜା ହୋଇଛି। ତୀବ୍ର ଉତ୍ତେଜନା ସୃଷ୍ଟି ହେବା ଯୋଗୁଁ ରାଉସାପାଟଣା ମେଢ଼ ଅଟକି ରହିଥିବା ବେଳେ ସେଠାରେ ଲୋକେ ଧାରଣାରେ ବସିଥିଲେ। ପୁଲିସ ଉପସ୍ଥିତିରେ ଏଭଳି ଗଣ୍ଡଗୋଳକୁ ନିନ୍ଦା କରିବା ସହ ପୁଲିସର ନିଷ୍କ୍ରିୟତା ଅଭିଯୋଗ ଆଣିଛନ୍ତି। ଡିସିପି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ। ତିନିକୋଣିଆ ବଗିଚା ପଟୁ ଯାଉଥିବା ମେଢ଼ଗୁଡ଼ିକ ଆଗକୁ ବଢ଼ି ନପାରି ଦରଘାବଜାରରେ ଦୀର୍ଘ ସମୟ ଧରି ଅଟକି ରହିଥିଲା।


କଟକ ଭସାଣୀ ହିଂସାକୁ ନେଇ କଟକ ଜିଲ୍ଲାପାଳ ଦତାତ୍ରେୟ ସିନ୍ଦେ କହିଛନ୍ତି ଶାନ୍ତି କମିଟି ଓ ପୂଜା କମିଟି ସହ ଆଲୋଚନା କରଯାଇଛି। ଆଇନ ତା ବାଟରେ ଯିବ। ଯେଉଁମାନେ ବି ଦୋଷୀ ସେମାନଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବ। ଆଗକୁ କିପରି ଘଟଣା ନ ଘଟିବ ତା ଉପରେ ନଜର ରହିଛି।

ଗୋଷ୍ଠୀସଂଘର୍ଷ ଘଟଣା ପରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏହାକୁ ତୀବ୍ର ନିନ୍ଦା କରାଯିବା ସହ ସମସ୍ତ ଦୋଷୀମାନଙ୍କୁ ଗିରଫ କରାଯିବା ସହ ଆସନ୍ତା ସୋମବାର କଟକ ବନ୍ଦ ଡାକରା ଦେଇଛି।

# ୬ ବର୍ଷରେ ୧୭ କୋଟି ନିଯୁକ୍ତି ସୃଷ୍ଟି

**ନୂଆଦିଲ୍ଲୀ,୪।୧୦(ପିଆଇବି)** ବିଶ୍ୱ ଆର୍ଥିକ ମଞ୍ଚର ଭବିଷ୍ୟତ ନିଯୁକ୍ତି ରିପୋର୍ଟ ୨୦୨୫ ମୁତାବକ ଭାରତ ଏପରି ଦେଶମାନଙ୍କ ମଧ୍ୟରେ ସାମିଲ ଅଛି ଯେଉଁ ଦେଶଗୁଡ଼ିକ ଆଗାମୀ ବର୍ଷରେ ପ୍ରାୟ ଦୁଇ-ତୃତୀୟାଂଶ ନୂତନ କର୍ମଶକ୍ତି ଯୋଗାଣ କରିବେ। ଭାରତ ନିଜ ଜନସାଂଖ୍ୟିକ ଲାଭାଂଶର ଫାଇଦା ଉଠାଇ ଦେଶରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ନିଜର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରୁଛି। ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ପାଲଟିଥିବା ଭାରତ ଗତ ୬ ବର୍ଷ ମଧ୍ୟରେ ପ୍ରାୟ ୧୭ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି।

ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଭାରତରେ ନିଯୁକ୍ତି ୨୦୨୩-୨୪ ରେ ୬୪.୩୩ କୋଟିକୁ ବୃଦ୍ଧି ପାଇଛି, ଯାହା ୨୦୧୭-୧୮ ରେ ୪୭.୫ କୋଟି ଥିଲା ଛଅ ବର୍ଷ ମଧ୍ୟରେ ୧୬.୮୩ କୋଟି ଲୋକଙ୍କୁ ଅତିରିକ୍ତ ନିଯୁକ୍ତି ମିଳିଛି। ଏହା ଯୁବ-କୈନ୍ଦ୍ରିକ ନୀତି ଏବଂ ବିକଶିତ ଭାରତ ଦୃଷ୍ଟିକୋଣ ଉପରେ ସରକାରଙ୍କ ଗୁରୁତ୍ୱକୁ ପ୍ରତିଫଳିତ କରେ ଭାରତ କେବଳ ଜିଡିପି ଅଭିବୃଦ୍ଧି ହାସଲ କରୁନାହିଁ, ବରଂ ନିଜ ଲୋକମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରି ସେମାନଙ୍କର ଆର୍ଥିକ ଓ ସାମାଜିକ ସ୍ଥିତିରେ ମଧ୍ୟ ଉନ୍ନତି ଆଣୁଛି। ଅବଧି କାଳୀନ ଶ୍ରମ ବଳ ସର୍ବେକ୍ଷଣ (ପିଏଲଏଫଏସ)ର ତଥ୍ୟ ଅନୁଯାୟୀ, ନିଯୁକ୍ତି ହାସଲ କରିଥିବା ୧୫ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ଜୁନ୍ ୨୦୨୫ରେ ୫୪.୨% ଥିବା ବେଳେ ଏହା ଅଗଷ୍ଟ ମାସରେ ୫୫%କୁ ବୃଦ୍ଧି ପାଇଛି। ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ନିଯୁକ୍ତି ପରିମାଣ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ କୃଷି କ୍ଷେତ୍ରରେ ଅଧିକ ନିଯୁକ୍ତି ମିଳିଛି। ଏହି କ୍ଷେତ୍ରରେ ୪୪.୬% ପୁରୁଷ



ଏବଂ ୭୦.୯% ମହିଳାଙ୍କୁ ନିଯୁକ୍ତି ମିଳିଛି ସହରାଞ୍ଚଳରେ ତୃତୀୟ କ୍ଷେତ୍ରରେ ୬୦.୬% ପୁରୁଷ ଏବଂ ୬୪.୯% ମହିଳାଙ୍କୁ ଅଧିକ ନିଯୁକ୍ତି ମିଳିଛି। ୨୦୨୪-୨୫ ରେ, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ରେ ୧.୨୯ କୋଟିରୁ ଅଧିକ ମୋଟ୍ ଉପଭୋକ୍ତା ଯୋଡ଼ି ହୋଇଥିଲେ, ଯାହାକି ୨୦୧୮-୧୯ ରେ ପ୍ରାୟ ୬୧.୧୨ ଲକ୍ଷ ଥିଲା। ସେପ୍ଟେମ୍ବର ୨୦୧୭ ରେ ଟ୍ରାକିଂ ସିଷ୍ଟମ ଆରମ୍ଭ ହେବା ପରଠାରୁ, କେବଳ ଜୁଲାଇ ୨୦୨୫ରେ ୨୧.୦୪ ଲକ୍ଷ ସମେତ ୭.୭୩ କୋଟିରୁ ଅଧିକ ଉପଭୋକ୍ତା ଯୋଗ ଦେଇଛନ୍ତି। ଏହା କ୍ରମବର୍ଦ୍ଧିଷ୍ଣୁ ଆନୁଷ୍ଠାନିକ ନିଯୁକ୍ତି ଏବଂ ବର୍ଦ୍ଧିତ ସାମାଜିକ ସୁରକ୍ଷା ବିସ୍ତାରକୁ ସୂଚିତ କରେ ବର୍ଦ୍ଧିତ ନିଯୁକ୍ତି ସୁଯୋଗ, କର୍ମଚାରୀ ଲାଭ ବିଷୟରେ ସଚେତନତା ବୃଦ୍ଧି ଏବଂ ଇପିଏଫଓର ସଫଳ କାର୍ଯ୍ୟକ୍ରମ କାରଣରୁ ଜୁଲାଇ ୨୦୨୫ରେ ୯.୭୯ ଲକ୍ଷ ନୂଆ। ଉପଭୋକ୍ତା ଯୋଡ଼ି ହୋଇଥିଲେ। ଏହା ବ୍ୟତୀତ, ନିଯୁକ୍ତି ଢାଞ୍ଚାରେ ଏକ ସ୍ପଷ୍ଟ ପରିବର୍ତ୍ତନ ଆସିଛି ଆତ୍ମନିଯୁକ୍ତି ୨୦୧୭-୧୮ରେ ୫୨.୨% ରୁ ୨୦୨୩-୨୪ ରେ ୫୮.୪% କୁ ବୃଦ୍ଧି ପାଇଛି ଅନ୍ୟପକ୍ଷରେ ଅସ୍ଥାୟୀ ଶ୍ରମ ୨୪.୯% ରୁ୧୯.୮% କୁ ହ୍ରାସ ପାଇଛି, ଯାହା ସରକାରୀ ପଦକ୍ଷେପ ଦ୍ୱାରା ସମର୍ଥିତ ଉଦ୍ୟୋଗୀ ଏବଂ ସ୍ୱାଧୀନ କାର୍ଯ୍ୟ ଦିଗରେ ଏକ ପଦକ୍ଷେପକୁ ସୂଚିତ କରେ।

ସାଧାରଣ ଶ୍ରମିକଙ୍କ ପାଇଁ ହାରାହାରି ଦୈନିକ ମଜୁରୀ (ସାର୍ବଜନୀନ କାର୍ଯ୍ୟ ବ୍ୟତୀତ) ଜୁଲାଇ-ସେପ୍ଟେମ୍ବର ୨୦୧୭ ରେ ୨୯୪ ଟଙ୍କା ରୁ ବୃଦ୍ଧି ପାଇ ଏପ୍ରିଲ-ଜୁନ୍ ୨୦୨୪ ରେ ୪୩୩ ଟଙ୍କାରେ ପହଞ୍ଚିଛି। ସେହିପରି, ନିୟମିତ ବେତନଭୋଗୀ କର୍ମଚାରୀଙ୍କ ହାରାହାରି ମାସିକ ରୋଜଗାର ସମାନ ସମୟ ମଧ୍ୟରେ ୧୬,୫୩୮ ଟଙ୍କାରୁ ବୃଦ୍ଧି ପାଇ ୨୧,୧୦୩ ଟଙ୍କାରେ ପହଞ୍ଚିଛି। ଏହି ଲାଭଗୁଡ଼ିକ ଉଚ୍ଚ ଆୟ ସ୍ତର, ଉନ୍ନତ ଚାକିରି ସ୍ଥିରତା ଏବଂ ଚାକିରି ଗୁଣବତ୍ତାକୁ ପ୍ରତିଫଳିତ କରିଥାଏ। ଆଉ ଏକ ସକାରାତ୍ମକ ସଙ୍କେତ ହେଉଛି ବେକାରୀ ହାରରେ ପ୍ରଭାବଶାଳୀ ହ୍ରାସ, ଯାହା ୨୦୧୭-୧୮ରେ ୬.୦% ରୁ ୨୦୨୩-୨୪ରେ ୩.୨% କୁ ହ୍ରାସ ପାଇଛି। ଏହି ସମୟ ମଧ୍ୟରେ, ଯୁବ ବେକାରୀ ହାର ୧୭.୮% ରୁ ୧୦.୨% କୁ ହ୍ରାସ ପାଇଛି, ଯାହା ଏହାକୁ ବିଶ୍ ହାରାହାରି ୧୩.୩% ଠାରୁ ତଳେ ରହିଛି ବିଶ୍ୱ ନିଯୁକ୍ତି ଏବଂ ସାମାଜିକ ଆଉଟଲୁକ ୨୦୨୪ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାର ଏକ ପ୍ରମୁଖ ସ୍ତମ୍ଭ ହେଉଛି ଭାରତରେ ୭୦ ପ୍ରତିଶତ ମହିଳା ଶ୍ରମଶକ୍ତିର ଅଂଶଗ୍ରହଣ ସୁନିଶ୍ଚିତ କରିବା ଆଜି ବିଶ୍ୱର ପ୍ରମୁଖ ଅନୁଷ୍ଠାନଗୁଡ଼ିକ ଭାରତର ପ୍ରଶଂସା କରୁଛନ୍ତି, କାରଣ ଏହା ସର୍ବାଧିକ ସମାନତା ଥିବା ଶୀର୍ଷ ଦେଶ ତାଲିକାରେ ସ୍ଥାନ ପାଇଛି ୨୦୧୭-୧୮ ରୁ ୨୦୨୩-୨୪ ମଧ୍ୟରେ ମହିଳା ନିଯୁକ୍ତି ହାର ପ୍ରାୟ ଦ୍ୱିଗୁଣିତ ହୋଇଛି। ଗତ ସାତବର୍ଷରେ ୧.୫୬ କୋଟି ମହିଳାଙ୍କୁ ଆନୁଷ୍ଠାନିକ ନିଯୁକ୍ତି ମିଳିଛି। ବର୍ତ୍ତମାନ, ଭାରତ ବୈଷୟିକ ନବସୃଜନ, ଜଗତୀକରଣ ଏବଂ ଉପଭୋକ୍ତା ଆଚରଣର ବିକାଶ ଦ୍ୱାରା ପରିଚାଳିତ ନୂତନ ଶିଳ୍ପ ଏବଂ ନିଯୁକ୍ତି କ୍ଷେତ୍ରର ଦ୍ରୁତ ଉ□ାନ ଦେଖୁଛି ସ୍ୱାସ୍ଥ୍ୟସେବା ପ୍ରଯୁକ୍ତିବିଦ୍ୟା, ଇ-କମର୍ସ ଲଜିଷ୍ଟିକ୍ସ, ଆର୍ଥିକ ପ୍ରଯୁକ୍ତିବିଦ୍ୟା ଏବଂ ଏଡ-ଟେକ୍ ଭଳି କ୍ଷେତ୍ର ଅଭୂତପୂର୍ବ ଗତିରେ ବୃଦ୍ଧିପାଉଛି ବୃଦ୍ଧି ପାଉଥିବା ଡିଜିଟାଲ ଅର୍ଥବ୍ୟବସ୍ଥା ଏବଂ ଅକ୍ଷୟ ଶକ୍ତି କ୍ଷେତ୍ର ନିଯୁକ୍ତି ସୃଷ୍ଟି ପାଇଁ ଅଧିକସୁଯୋଗ ପ୍ରଦାନ କରୁଛି।

# କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ-ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬-ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ୧୦ ମିନିଟ ଗରମ ପାରିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।



ପରଦା ଖବର

# ରାଜକୀୟ ବେଶରେ ନଜର ଆସିଲେ କଙ୍ଗନା



ବଲିଉଡ୍‌ର ଜଣେ ଲୋକପ୍ରିୟ ଓ ଚର୍ଚ୍ଚିତ ଅଭିନେତ୍ରୀ ହେଉଛନ୍ତି କଙ୍ଗନା ରଣାୱତ । ବହୁତ ଦିନ ପରେ ଗତକାଲି ତାଙ୍କୁ ଅଳଙ୍କାର ପିନ୍ଧିଥିବା ସହ ଏକ ବ୍ରାଇଡଲ ଲୁକ୍‌ରେ ନଜର ଆସିଥିଲେ। ଦର୍ଶକ ଓ ପ୍ରଶଂସକ କଙ୍ଗନାଙ୍କୁ ଦେଖିଥିଲେ । ଏହି ଆକର୍ଷଣୀୟ ବେଶରେ ସେ ଖୁବ ସୁନ୍ଦର ଦେଖାଯାଉଥିଲେ । ତାଙ୍କୁ ଏକ ରାମ୍ପ ୱାକ୍ ରେ ଦେଖିବାକୁ ମିଳିଥିଲା । ତେବେ କଙ୍ଗନାଙ୍କ ଏହି ରାମ୍ପରେ ଚାଲୁଥିବାର ଦେଖି ତାଙ୍କ ପ୍ରଶଂସକ ମାନେ ଫିଲ୍ମ ଫ୍ୟାଶନରେ ତାଙ୍କୁ ଦେଖିବା ଭଳି ପୁରୁଣା ସ୍ମୃତି ତାଜା ହୋଇଯାଇଥିଲା । ତେବେ କଙ୍ଗନା ଡିଜାଇନର ରାହୁଲ୍‌ଙ୍କ ନୂଆ ବ୍ରାଇଡଲ ଅଳଙ୍କାର ସହ ସେ ସମସ୍ତଙ୍କ ଠାରୁ ଭିନ୍ନ ଦେଖାଯାଉଥିଲେ । ସେ ଅତି ସୁନ୍ଦର ଦେଖାଯାଉଥିଲେ ।ରାମ୍ପରେ ଚାଲିବା ପରେ ରଙ୍ଗନା ଏକ ଗଣ ମାଧ୍ୟମକୁ କହିଥିଲ । ମୋର ନିଜ ସାଙ୍ଗ ଏବଂ ସବୁ ଯୁବପିଢୀ ମାନଙ୍କୁ ମୋର ଅନୁରୋଧ ଏବେ ଆମେ ସମସ୍ତେ ଆତ୍ମ ନିର୍ଭରଶୀଳ ଭାରତ ଆଡକୁ ଆମେ ବଢ଼ିବା ଉଚିତ । ଏହା ସହ ଆମେ ଆମ ଲୋକଙ୍କୁ ଆମ ସଂସ୍କୃତିକୁ କିପରି ଆଗକୁ ବଢିବାକୁ ଦେବା ପାଇଁ ଚେଷ୍ଟା କରିବା । ଗତକାଲି ମୁଁ ଖଦିର ଶାଢୀ ପିନ୍ଧିବାକୁ ଚେଷ୍ଟା କଲି । ଆପଣମାନେ ମଧ୍ୟ ଖଦି ଶାଢୀ ପିନ୍ଧିବାକୁ ଚେଷ୍ଟା କରନ୍ତୁ ବୋଲି କହିଛନ୍ତି କଙ୍ଗନା । ଏହି ଶାଢୀ ୧୫୦୦ ଟଙ୍କାର ଥିଲା । ଆଉ ଏହି ଶାଢୀ ପିନ୍ଧି ମୁଁ ବହୁତ ଖୁସି ହେବା ସହ ଭଲ ଅନୁଭବ କରିଥିଲି ।ଏହି କପଡା ଜୌବିକ ପରିବେଶ ସହ ଅନୁକୂଳ । ଜେନେରେସନ ଜି ପର୍ଯାବରଣଙ୍କ ପାଇଁ ବହୁତ ଦରକାରୀ ଅଟନ୍ତି ।

# ନିତ୍ୟସ୍ମରଣ ପାଇଁ ଶ୍ରୀଗଣେଶଙ୍କ ୧୪ଟି ନାମ



ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ଉପାସନା ସର୍ବଦା ଶୁଭଫଳଦାୟୀ ହୋଇଥାଏ । ଭଗବାନ ଗଜାନନଙ୍କ ପୂଜା ସମସ୍ତ ବିଘ୍ନ ହରଣ କରିବା ସହ ମଣିଷ ଜୀବନକୁ ମଙ୍ଗଳମୟ କରି ଦେଇଥାଏ । ଅନ୍ୟପଟେ ଶ୍ରୀଗଣେଶଙ୍କର ନିୟମିତ ଉପାସନା ଦ୍ୱାରା ଭକ୍ତର ସମସ୍ତ ରିଷ୍ଟ ଖଣ୍ଡନ ହୁଏ । ତେବେ ପ୍ରଭୁ ଗଜାନନଙ୍କ ୧୪ ନାମ ନିତ୍ୟ ସ୍ମରଣ କଲେ ଭକ୍ତ ଅଶେଷ ସିଦ୍ଧି ପ୍ରାପ୍ତି କରିଥାଏ ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ଗଜାନନଙ୍କ ଏହି ୧୪ଟି ନାମ ହେଉଛି- ବିନାୟକ, ଗଜାନନ, ଗଣେଶ, ଲମ୍ବୋଦର, ଏକଦନ୍ତ, ବକ୍ରତୁଣ୍ଡ, ବିଘ୍ନରାଜ, ଭାଲଚନ୍ଦ୍ର, ଗଣାଧୀଷ, ବିକଟ, ହେରମ୍ବ, କୃଷ୍ଣପିଙ୍ଗାକ୍ଷ, ଆଖୁରଦ୍ଧ, ଗୌରୀପୁତ୍ର । ଯେଉଁବ୍ୟକ୍ତି ପ୍ରତିଦିନ ଏହି ନାମଗୁଡ଼ିକୁ ଉଚ୍ଚାରଣ କରି ଶ୍ରୀଗଣେଶଙ୍କ ପୂଜା କରିଥାଏ, ତା' ଜୀବନରେ ସମସ୍ତ ଦୁଃଖ କଷ୍ଟ ଦୂର ହେବା ସହ ସେ ସୁଖସମୃଦ୍ଧି ଲାଭ କରିଥାଏ ।

# କୋଲେଷ୍ଟର କମ୍ କରେ ନାସପାତି



ଆପଣମାନେ ହୁଏତ ପ୍ରତିଦିନ ସେଓ ଖାଉଥିବେ । କିନ୍ତୁ ପ୍ରତିଦିନ ନାସପାତି ଖାଉଥିବା ଲୋକ ଖୁବ୍ କମ୍ । ସେଓ ଭଳି ଆଉ ଏକ ଫଳ ହେଉଛି ନାସପାତି । ଏଥିରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ରହିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି, ନାସପାତି ଖାଇବା ଅନ୍ୟ ଫଳ ତୁଳନାରେ ଅଧିକ ଫାଇଦା ରହିଥାଏ । ଆସନ୍ତୁ ଜାଣିବା କ'ଣ ରହିଛି ନାସପାତିର ଫାଇଦା...

ନାସପାତିର ଭରପୂର ମାତ୍ରାରେ ଫାଇବର ରହିଥାଏ । ଫାଇବର ଯୋଗୁଁ ପାଚନ ତନ୍ତ୍ର ମଜବୁତ ହୋଇଥାଏ । ନାସପାତିରେ ଥିବା ପୋକଟିନ ନାମକ ତତ୍ତ୍ୱ କୋଷ୍ଠକାଠିନ୍ୟ ସମସ୍ୟା ପାଇଁଞ୍ଚ ରାମବାଣ ହୋଇଥାଏ ।

ନାସପାତି ଚୋପାର ମଧ୍ୟ ଅନେକ ଫାଇଦା ରହିଥାଏ । ଏହାର ଚୋପାରେ ୩-୪ ଗୁଣା ଅଧିକ ଫାଇଟୋନ୍ୟୁଟ୍ରି ଏଣ୍ଟନ୍ସ ରହିଥାଏ । ଯାହା ଶରୀରର ଇମ୍ୟୁନିଟ୍ ବଢାଇଥାଏ । ଏହାକୁ ଖାଇବା ଦ୍ୱାରା କ୍ୟାନସର ଏବଂ ହୃଦ ସମ୍ବନ୍ଧୀୟ ରୋଗ ଆଶଙ୍କା କମ୍ ହୋଇଥାଏ ।


ନାସ ପାତିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ । ଯାହା ହିମୋଗ୍ଲୋବିନର ସ୍ତର ବଢାଇଥାଏ । ଏନିମିୟା ଗ୍ରସ୍ତ ରୋଗୀଙ୍କୁ ସୁରକ୍ଷା ଦେଇଥାଏ ନାସପାତି ।

ନାସପାତିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନର ଉଚିତ ମାତ୍ରା ରହିଛି, ଯାହା ରୋଗ ପ୍ରତିରକ୍ଷା ପ୍ରଣାଳୀକୁ ସୁଧାରିଥାଏ ଏବଂ ବିଭିନ୍ନ ରୋଗ ସହିତ ଲଢିବା ପାଇଁ ଶକ୍ତି ଯୋଗାଇଥାଏ ।

ନାସପାତିରେ ପୋକଟିନ୍ ରହିଛି, ଯାହା କୋଲେଷ୍ଟ୍ରଲକୁ କମ୍ କରିବାରେ ସହାୟକ ହୋଇଥାଏ ।

ଯଦି ଆପଣଙ୍କୁ ଭୋକ ବାରମ୍ବାର ଲାଗୁଛି, ତେବେ ନାସପାତି ଖାଆନ୍ତୁ । ଏଥିରେ ଥିବା ଫାଇବର ଆପଣଙ୍କ ପେଟକୁ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ । ଫାଇବର ଛଡା ଏଥିରେ ଭିଟାମିନ ସି, ଆଇରନ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଥାଏ ।

# ରାଜା ପରୀକ୍ଷିତଙ୍କର ହୋଇଥିଲା ପୁନର୍ଜନ୍ମ



ମହାଭାରତର ଅଶ୍ୱମେଧ ପର୍ବ ଅନୁଯାୟୀ, ବିରାଟ ରାଜାଙ୍କ ପୁତ୍ରୀ ଥିଲେ ଉତ୍ତରା। ପାଣ୍ଡବମାନେ ଅଜ୍ଞାତବାସ କରିବା ସମୟରେ ଅର୍ଜୁନ ବୃହନ୍ନଳା ରୂପରେ ଅଜ୍ଞାତବାସ କାଟୁଥିଲେ । ଉତ୍ତରାଙ୍କୁ ବୃହନ୍ନଳା ନୃତ୍ୟ, ସଂଗୀତ ଆଦି ଶିକ୍ଷା ଦେଉଥିଲେ । କୌରବମାନେ ବିରାଟ ରାଜାଙ୍କ ଗାଇ ଚୋରାଇ ନେଲେ । ସେ ସମୟରେ ଅର୍ଜୁନ କୌରବଙ୍କ ସହ ଯୁଦ୍ଧ କରି ଅପୂର୍ବ ପରାକ୍ରମ ଦେଖାଇଥିଲେ ଏବଂ ଗାଇ ଫେରାଇ ଆଣିଥିଲେ । ଅର୍ଜୁନଙ୍କ ଏହି ବୀରତ୍ୱ ଦେଖି ରାଜା ବିରାଟ ନିଜ ପୁତ୍ରୀ ଉତ୍ତରାଙ୍କ ସହ ତାଙ୍କର ବିବାହ କରିବାକୁ ପ୍ରସ୍ତାବ ଦେଲେ । ମାତ୍ର ଉତ୍ତରାଙ୍କୁ ଶିକ୍ଷା ଦେଉଥିବାରୁ ସେ ତାଙ୍କର କନ୍ୟା ସମାନ ଥିଲେ । ଏହି ଦୃଷ୍ଟିରୁ ଅର୍ଜୁନ ତାଙ୍କୁ ବିବାହ କରିବା ଲାଗି ମନା କରିଦେଲେ । ଶେଷରେ ଉତ୍ତରାଙ୍କୁ ଅର୍ଜୁନ ଏବଂ ସୁଭଦ୍ରାଙ୍କ ପୁତ୍ର ଅଭିମନ୍ୟୁ ବିବାହ କରିଥିଲେ । ମହାଭାରତ ଯୁଦ୍ଧ ପରେ ପାଣ୍ଡବଙ୍କ ଦ୍ୱାରା ଅଶ୍ୱମେଧ ଯଜ୍ଞ ଆୟୋଜନ କରିବା ଲାଗି ପ୍ରସ୍ତୁତି ଚାଲିଥିଲା । ଏହି ସମୟରେ ଉତ୍ତରାଙ୍କ ପୁତ୍ର ଜନ୍ମ ନେଲା । ଏହି ଆନନ୍ଦର ସମୟ ହଠାତ୍ ଶୋକରେ ଭରିଗଲା । ଜଣାପଡ଼ିଲା ଯେ ଉତ୍ତରା ଏକ ମୃତ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି । ପାଣ୍ଡବଙ୍କ ପାଇଁ ତର୍ପଣ କରିବା ଲାଗି କେହି ନଥିଲେ ।

ସମସ୍ତେ ଏହି ବାଳକ ଉପରେ ଆଶା ରଖିଥିଲେ । ଭଗବାନ ଶ୍ରୀକୃଷ୍ଣ ବୁଝିପାରିଲେ ଯେ ଅଶ୍ୱତ୍‌ଥାମାଙ୍କ ବ୍ରହ୍ମାସ୍ତ୍ର ପ୍ରୟୋଗ ଯୋଗୁ ଏହି ବାଳକ ଉତ୍ତରାଙ୍କ ଗର୍ଭରେ ମୃତ୍ୟୁବରଣ କରିଛି । ତେଣୁ ମୃତ ଶିଶୁ ଜନ୍ମ ହୋଇଛି । ଶ୍ରୀକୃଷ୍ଣ ସେହି ମୃତଶିଶୁକୁ କୋଳେଇ ନେଲେ ଏବଂ ଉତ୍ତରା ଏବଂ ସୁଭଦ୍ରାଙ୍କ ଉଦ୍ଦେଶ୍ୟରେ କହିଲେ, ମୁଁ କେବେ ବି ଯୁଦ୍ଧଭୂମିରୁ କାପୁରୁଷ ଭଳି ପଳାୟନ କରିନାହିଁ । କେବେ ମିଥ୍ୟାର ଆଶ୍ରୟ ନେଇନାହିଁ । ଯାହା ବି କରିଛି ସର୍ବଦା ଧର୍ମ ପ୍ରତିଷ୍ଠା ପାଇଁ ହିଁ କରିଛି । ମୋର ପୂଣ୍ୟ ବଳରେ ମୁଁ ଏବେ ଏହି ଶିଶୁକୁ ଜୀବନଦାନ ଦେଉଛି । ଏହା କହିବା ପରେ ଶିଶୁଟି ତତ୍‌କ୍ଷଣାତ୍ ଜୀବିତ ହୋଇଗଲା । ଜନ୍ମ ପୂର୍ବରୁ ହିଁ ସେହି ଶିଶୁ ଈଶ୍ୱରଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଭଗବାନ ଶ୍ରୀକୃଷ୍ଣ ତା'ର ନାଁ ଦେଲେ 'ପରୀକ୍ଷିତ' । ପରବର୍ତ୍ତୀ କାଳରେ ଏହି ଶିଶୁ ହିଁ ପାଣ୍ଡବଙ୍କ ଉତ୍ତରାଧିକାରୀ ରୂପରେ ହସ୍ତିନାପୁରର ଶାସନ କଲା । ରାଜା ପରୀକ୍ଷିତ ଭାରତବର୍ଷରେ ଧର୍ମପୂର୍ବକ ଶାସନ କରିଥିଲେ । ତାଙ୍କ ଯୋଗୁ ଆର୍ଯ୍ୟାବର୍ତ୍ତ ଏକ ଭୂଖଣ୍ଡ ରୂପରେ ଶାସିତ ହୋଇଥିଲା ଏବଂ ସମୃଦ୍ଧିର ଶିଖରରେ ପହଞ୍ଚିପାରିଥିଲା । ରାଜା ପରୀକ୍ଷିତଙ୍କ ସମୟରେ ହିଁ ଦ୍ୱାପର ଯୁଗର ପରିସମାପ୍ତି ଘଟି ସଂସାରରେ କଳିଯୁଗର ଆଗମନ ହୋଇଥିଲା ।

# ଅର୍ଜୁନଙ୍କୁ ଅଭିଶାପ

ସ୍ୱର୍ଗରେ ୧୧୧ ଅପସରା ରହିଥିଲେ। ଏମାନଙ୍କ ମଧ୍ୟରୁ ଉର୍ବଶୀଙ୍କ ସ୍ଥାନ ସର୍ବୋଚ୍ଚ ଥିଲା। ତାଙ୍କର ସୁନ୍ଦରତା ଅତ୍ୟନ୍ତ ମନମୁଗ୍ଧକାରୀ ଥିଲା। ଦିନେ



ମର୍ତ୍ତ୍ୟମଣ୍ଡଳରୁ ରାଜା ପୁରୁରବା ଇନ୍ଦ୍ରଦେବଙ୍କ ସଭାକୁ ଆସିଥିଲେ। ତାଙ୍କୁ ଦେଖି ଉର୍ବଶୀ ମୋହିତ ହୋଇପଡ଼ିଲେ। ଏମିତିରେ ତାଙ୍କ ନୃତ୍ୟ ବିଗିଡ଼ିଗଲା। ଏହା ଜାଣିପାରି ଦେବରାଜ ଇନ୍ଦ୍ର କୋପିତ ହେଲେ। ସେ ଉର୍ବଶୀଙ୍କୁ ଅଭିଶାପ ଦେଲେ । ଏହି ଅଭିଶାପ କାରଣରୁ ଉର୍ବଶୀ ମର୍ତ୍ତ୍ୟମଣ୍ଡଳରେ ଯାଇ ରାଜା ପୁରୁରବାଙ୍କୁ ବିବାହ କରି ରହିଲେ। ଦୁହିଁଙ୍କ ଔରସରୁ ୯ଜଣ ପୁତ୍ର ସନ୍ତାନ ଜନ୍ମ ନେଲେ। କିଛି ବର୍ଷ ପର୍ଯ୍ୟନ୍ତ ମୃତ୍ୟୁଲୋକରେ ପୁରୁରବାଙ୍କ ସହ ସମୟ ବିତାଇବା ପରେ ଉର୍ବଶୀ ସ୍ୱର୍ଗକୁ ଫେରିଆସିଲେ ଏବଂ ଇନ୍ଦ୍ରଦେବ ତାଙ୍କୁ ପୁଣି ଥରେ ସ୍ୱୀକାର କରିନେଲେ। ଏମିତି ସମୟ ବିତିଗଲା। ଦେବରାଜ ଇନ୍ଦ୍ରଙ୍କ କୃପାରୁ ରାଜା ପାଣ୍ଡୁଙ୍କ ପତ୍ନୀ କୁନ୍ତୀଙ୍କ ପୁତ୍ର ରୂପେ ଅର୍ଜୁନ ଜନ୍ମନେଲେ। ଦିନେ ଅର୍ଜୁନ ସ୍ୱର୍ଗଲୋକ ଯାଇଥିଲେ। ସେଠାରେ ଉର୍ବଶୀଙ୍କ ନଜର ତାଙ୍କ ଉପରେ ପଡ଼ିଲା । ଉର୍ବଶୀ ଅର୍ଜୁନଙ୍କୁ ଦେଖି ମୋହିତ ହୋଇଗଲେ ଏବଂ ତାଙ୍କ ସହ ପ୍ରଣୟ ଲାଗି ପ୍ରସ୍ତାବ ଦେଲେ। ମାତ୍ର ଅର୍ଜୁନ କହିଲେ, ଆପଣ ମୋର ପୂର୍ବଜ ରାଜା ପୁରୁରବାଙ୍କୁ ବିବାହ କରିଥିଲେ। ଏହି ଦୃଷ୍ଟିରୁ ଆପଣ ମୋର ମାତାଙ୍କ ଭଳି। ତେଣୁ ଆପଣଙ୍କୁ ବିବାହ କରିବା ମୋ ପାଇଁ ପାପ ହେବ। ଏଥିରେ ଉର୍ବଶୀ କ୍ରୋଧିତ ହୋଇପଡ଼ିଲେ। ସେ ଅର୍ଜୁନଙ୍କୁ ନପୁଂସକ ହୋଇଯିବା ଲାଗି ଅଭିଶାପ ଦେଲେ। ତେବେ ସେ ଏହାର ଅବଧି ସୀମିତ ରଖିଲେ। ଅଜ୍ଞାତବାସ କାଳରେ ଅର୍ଜୁନଙ୍କୁ ନପୁଂସକ ଭଳି ଜୀବନ ବିତାଇବାକୁ ପଡ଼ିଲା। ସେ ରାଜା ବିରାଟଙ୍କ ରାଜଦରବାରରେ ନର୍ତ୍ତକୀ 'ବୃହନଳା' ରୂପରେ ନିଜ ପରିଚୟ ଲୁଚାଇ ରହିଥିଲେ।

# ଉପରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୪।୧୦ (ମହାଭାରତ): ନୂଆଦିଲ୍ଲୀରେ ଉପରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜି ନୂଆଦିଲ୍ଲୀରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନଜୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବାର ସୁଯୋଗ ପ୍ରାପ୍ତ ହେଲା। ଏହି ଅବସରରେ ରାଜ୍ୟରେ ଆମ ସରକାରଙ୍କ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣ ଯୋଜନା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କଲି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଉପରାଷ୍ଟ୍ରପତିଙ୍କୁ 'ଓଡ଼ିଶା ଭିଜନ୍ ୨୦୩୬ । ୨୦୪୭' ପ୍ରଦାନ କରି ରାଜ୍ୟର ଦୀର୍ଘମିଆଦୀ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଲି । ତାଙ୍କର ପ୍ରେରଣା ଓ ମାର୍ଗଦର୍ଶନ ପାଇଁ କୃତଜ୍ଞ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ସଂସଦୀୟ ସଂଘ ଓ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବେ ବାଚସ୍ପତି

ଭୁବନେଶ୍ୱର,୪।୧୦ (ମହାଭାରତ): ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ୬୮ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ ଓ ନବମ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବା ପାଇଁ ଅକ୍ଟୋବର ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଦେଶଗସ୍ତରେ ଯିବେ । ଶନିବାର ଏ ସଂପର୍କରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘରେ ୫୬ଟି ଦେଶ ସଭ୍ୟ ଭାବେ ରହିଥିବାବେଳେ ଭାରତ ଏହା ମଧ୍ୟରୁ ଅନ୍ୟତମ ସର୍ବବୃହତମ ରାଷ୍ଟ୍ର । ଲୋକସଭାର ବାଚସ୍ପତି ଶ୍ରୀ ଓମ୍ ବିର୍ଲାଙ୍କ ନେତୃତ୍ୱରେ ରାଜ୍ୟସଭାର ଉପାଧ୍ୟକ୍ଷ ଶ୍ରୀ ହରିବଂଶ, ପାର୍ଲାମେଂଟ ସଦସ୍ୟ, ୨୨ଟି ରାଜ୍ୟର ବାଚସ୍ପତି, ଉପବାଚସ୍ପତି ଓ ସଚିବ ଏହି ସମ୍ମିଳନୀରେ ଯୋଗଦେଉଛନ୍ତି।

ବାଚସ୍ପତିଙ୍କ ସୂଚନା ଅନୁଯାୟୀ ସେ ଅକ୍ଟୋବର ୫ ତାରିଖ ଦିନ ଭୁବନେଶ୍ୱରରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରି ଲଣ୍ଡନ ଦେଇ ଅକ୍ଟୋବର ୬ ତାରିଖ ଦିନ ବାର୍ବାଡୋସ୍ ରେ ପହଂଚିବେ । ଅକ୍ଟୋବର ୬ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ବାର୍ବାଡୋସ୍ ର ରାଜଧାନୀ ବ୍ରିଜ୍ ଟାଉନ୍ ଠାରେ ଅବସ୍ଥାନ କରିବା ସହ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ ଓ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ସେ ନିଜର ବକ୍ତବ୍ୟ ରଖିବେ।



ପ୍ରଥମେ ଅକ୍ଟୋବର ୭ ତାରିଖ ଦିନ ବାଚସ୍ପତି ୬୮ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ସମ୍ମିଳନୀ ଓ ନବମ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀର ପୂର୍ଣ୍ଣ ଅଧିବେଶନରେ ଯୋଗଦେଇ 'ରାଜ୍ୟଗୋଷ୍ଠୀ ମଧ୍ୟରେ ଲିଙ୍ଗଗତ ସମ୍ବେଦନଶୀଳତା ଓ ସଂସଦଗୁଡ଼ିକୁ ସାକାର କରିବା ପାଇଁ ଭଲ ଅଭ୍ୟାସ ଓ ରଣନୀତି' ଉପରେ ସେ ନିଜର ବକ୍ତବ୍ୟ ରଖିବେ । ଅକ୍ଟୋବର ୮ ତାରିଖ ଦିନ 'ରାଜ୍ୟଗୋଷ୍ଠୀ: ଏକ ବୈଶ୍ୱିକ ସହଭାଗୀ' ଓ 'ବେଜିଂ +୩୦ ପରଠାରୁ ସଂସଦ: ଲିଙ୍ଗଗତ ସମାନତା ପାଇଁ ପ୍ରଗତି, ଆହ୍ୱାନ ଓ ମାର୍ଗ' ଶୀର୍ଷକ ଆଲୋଚନାଚକ୍ରରେ ଓ 'ଗଣତନ୍ତ୍ରର ସମର୍ଥନ ପାଇଁ ଆମ ଅନୁଷ୍ଠାନଗୁଡ଼ିକର ସଶକ୍ତିକରଣ' ଉପରେ ବାଚସ୍ପତି ନିଜର ଆଭିମୁଖ୍ୟ ରଖିବେ । ଏଥି ସହିତ 'ରାଜନୀତିରେ ଭିନ୍ନକ୍ଷମ ମହିଳାଙ୍କ ଅଂଶଗ୍ରହଣ ପାଇଁ ଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା' ଆଲୋଚନାରେ ମଧ୍ୟ ବାଚସ୍ପତି ନିଜର ମତ ଉପସ୍ଥାପନ କରିବେ ।


ଅକ୍ଟୋବର ୯ ତାରିଖ ଦିନ 'ଜଳବାୟୁ ପରିବର୍ତନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ଓ ଏହାର ଦୀର୍ଘସ୍ଥାୟୀ ସମାଧାନର ପନ୍ଥା ନିର୍ଦ୍ଧାରଣ' ଓ 'ଜାତୀୟ ସଂସଦ ବନାମ ପ୍ରାଦେଶିକ, ଆଞ୍ଚଳିକ ଓ ବିକଶିତ ବିଧାନସଭା: କ୍ଷମତା ପୃଥକୀକରଣକୁ ସୁରକ୍ଷା ଓ ସଂରକ୍ଷଣ' ଆଲୋଚନାରେ ବାଚସ୍ପତି ଅଭିଭାଷଣ ଉପସ୍ଥାପନ କରିବେ।

ଅକ୍ଟୋବର ୧୧ ତାରିଖ ଦିନ ସମ୍ମିଳନୀ ପରବର୍ତୀ ଗସ୍ତ କାର୍ଯ୍ୟକ୍ରମ ଅନୁସାରେ ବାଚସ୍ପତି ଅଧ୍ୟୟନ ଗସ୍ତରେ (ଷ୍ଟଡିଟୁର) ବ୍ରିଜଟାଉନ୍ ରୁ ଲଣ୍ଡନ ଅଭିମୁଖେ ଗସ୍ତ କରି ସେଠାରେ ଅକ୍ଟୋବର ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବେ । ଏହି ଅବଧି ମଧ୍ୟରେ ସେ ଲଣ୍ଡନରେ ପ୍ରବାସୀ ଓଡ଼ିଆମାନଙ୍କ ସହିତ ସମ୍ମିଳନୀର ବାର୍ତା ଓ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ରଣପୁର ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବାରୁ ସେ ତାଙ୍କର ଲଣ୍ଡନ ଗସ୍ତ ସମୟରେ ଶହୀଦ ରଘୁ-ଦିବାକର ବେଜେଲ୍ ଗେଟ୍ ଙ୍କୁ ଯେଉଁ ଠେଙ୍ଗାରେ ପ୍ରହାର କରି ମାରି ଦେଇଥିଲେ, ବ୍ରିଟିଶ ମ୍ୟୁଜିୟମ୍ ରେ ଥିବା ସେହି ଠେଙ୍ଗାକୁ ନିଶ୍ଚୟ ଦେଖିବେ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଥିଲେ। ଅକ୍ଟୋବର ୧୪ ତାରିଖରେ ସୁଇଜରଲ୍ୟାଣ୍ଡର ଜୁରିକ୍ ?ରେ ପହଞ୍ଚି ମାନ୍ୟବର ବାଚସ୍ପତି ସେଠାରେ ୧୬ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବାର କାର୍ଯ୍ୟକ୍ରମ ରହିଛି । ଏହା ଅବଧିରେ ସେ ଭାରତୀୟ ହାଇକମିଶନର ଓ ପ୍ରବାସୀ ଓଡ଼ିଆମାନଙ୍କ ସହିତ ସମ୍ମିଳନୀରେ ଆଲୋଚିତ ବିଷୟବସ୍ତୁ ଉପରେ ମତବିନିମୟ କରିବେ । ଅକ୍ଟୋବର ୧୬ରୁ ୧୮ ତାରିଖ ମଧ୍ୟରେ ପ୍ୟାରିସ୍ ରେ ଅବସ୍ଥାପନ କରି ବାଚସ୍ପତି ପ୍ରବାସୀ ଓଡ଼ିଆମାନଙ୍କ ସହିତ ଭାବବିନିମୟ କରିବେ।

# ପଞ୍ଚସଖା ଶିକ୍ଷା ସେତୁର ପ୍ରଥମ ପରିଚାଳନା ପରିଷଦର ବୈଠକ

ଭୁବନେଶ୍ୱର,୪।୧୦ (ମହାଭାରତ): ପୁରାତନ ଛାତ୍ରଛାତ୍ରୀଙ୍କ ଅବଦାନ ଅତୁଳନୀୟ । ସେମାନଙ୍କ ସହଯୋଗ ଓ ସହଭାଗିତାରେ ବିଦ୍ୟାଳୟର ସମୃଦ୍ଧି ହେଉଛି । ବିଦ୍ୟାଳୟର ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷାଦାନରେ ପରିବର୍ତ୍ତନ ଆସିଛି । ସେମାନଙ୍କର ଏହି ନିଷ୍ଠାପର ସହଯୋଗ ଓ ତ୍ୟାଗ ବିଦ୍ୟାଳୟକୁ ଅଗ୍ରଗତି ଆଡକୁ ନେଉଛି । ଆଗାମୀ ଦିନରେ ଅଧିକରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ନିଜ ବିଦ୍ୟାଳୟ ସହ ଯୋଡ଼ି ହୋଇ ଏହାର ବିକାଶରେ ଯେପରି ନିଜକୁ ସାମିଲ କରିବେ ସେ ଦିଗରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଶନିବାର ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ପ୍ରଥମ ପରିଚାଳନା ପରିଷଦ ବୈଠକରେ ପରିଷଦର ଅଧ୍ୟକ୍ଷ ମୁଖ୍ୟଶାସନ ସଚିବ ଶ୍ରୀ ମନୋଜ ଆହୁଜା ଏହା ଉଲ୍ଲେଖ କରିଛନ୍ତି ।

ମୁଖ୍ୟ ଶାସନ ସଚିବଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସଂଗଠନର ପ୍ରଥମ ଓ ଦ୍ୱିତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଦୁଇଟି ବୈଠକରେ ରାଜ୍ୟର ୨୫ଟି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ଆର୍ଥିକ ଅନୁଦାନ ସହ ସରକାରଙ୍କ ଦୁଇଗୁଣା ଅନୁଦାନ ରାଶିକୁ ମିଶାଇ ମୋଟ ୨୬ କୋଟି ଟଙ୍କାରେ ୧୫୬୯ଟି ପ୍ରକଳ୍ପକୁ ମଞ୍ଜୁର ଦିଆଯାଇଥିଲା । ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ



ଶାସନ ସଚିବ ଶ୍ରୀ ଆହୁଜା ସଂଗଠନ ଅଧୀନରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ । ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପିଏମ୍ ?ଶ୍ରୀ ବିଦ୍ୟାଳୟ ଗୁଡିକରେ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସାକ୍ଷରତା ଉପରେ ଶିକ୍ଷା ଦିଆଯିବ । ଏଥିପାଇଁ ଜାତୀୟ ଆର୍ଥିକ ଶିକ୍ଷା କେନ୍ଦ୍ର (ଏନ୍ ?ସିଏଫ୍ ?ଇ) ସହ ପିଏସଏସର ଚୁକ୍ତିନାମା ସ୍ୱାକ୍ଷରିତ ହେବ । ଏହି ବୈଠକରେ ଐତିହ୍ୟ ବିଦ୍ୟାଳୟ ଅଧୀନରେ ରାଜ୍ୟର ୫୧ଟି ସବୁଠାରୁ ପୁରାତନ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶକୁ ଅନୁମୋଦନ ଦିଆଯାଇଛି । ଏହା ସହ ରାଜ୍ୟରେ ଚିହ୍ନଟ କରାଯାଇଥିବା କିଛି ବିଦ୍ୟାଳୟରେ ସିଏସଆର ଅର୍ଥରେ ମଧ୍ୟାହ୍ନଭୋଜନ ହଲ୍ ନିର୍ମାଣ ପ୍ରସ୍ତାବକୁ ମଧ ଅନୁମୋଦନ ଦିଆଯାଇଛି । ଏହା ସହ ପରିଚାଳନା ପରିଷଦ ସଂଗଠନର ବାର୍ଷିକ ବ୍ୟୟକୁ ଅନୁମୋଦନ ଦେବା ସହ ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା ଓ ଅଟକଳ ବ୍ୟୟକୁ ମଞ୍ଜୁର ଦେଇଛନ୍ତି । ବୈଠକରେ ଉପାଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ ବିଦ୍ୟାଳୟ ବିକାଶରେ ପୁରାତନ ଛାତ୍ରଛାତ୍ରୀ ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ପରିଷଦର ସଦସ୍ୟ ସଂଯୋଜକ ତଥା ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟ ସଚିବ ଶ୍ରୀମତୀ ଅନନ୍ୟା ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ଶିବାଶିଷ ଧଳ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ବାଳମୁକୁନ୍ଦ ଭୂଇଆଁ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ବୀରେନ୍ଦ୍ର କୋରକୋରା, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀମତୀ ନିୟତି ପଟ୍ଟନାୟକ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଟୁକୁ ବାରିକ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଭିନୀତ ଭରଦ୍ୱାଜ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ସଚିବ ଭାସ୍କର ରାଇତୋ, କେନ୍ଦ୍ରାପଡ଼ାର ଜିଲ୍ଲାପାଳ ରଘୁରାମ ଆୟର, ସୁନ୍ଦରଗଡ଼ର ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ମାଲକାନଗିରିର ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ଓଡ଼ିଶା ସମାବେଶ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୪।୧୦ (ମହାଭାରତ): କୃଷି ଓଡ଼ିଶା ୨୦୨୫-୨୬ ନିମନ୍ତେ ପ୍ରସ୍ତୁତି ବୈଠକ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଜାନୁଆରୀ ମାସ ୨୨ ତାରିଖରୁ ୨୪ ତାରିଖ ଯାଏଁ ତିନିଦିନ ବ୍ୟାପୀ କୃଷି ଓଡ଼ିଶା ସମାବେଶ ଖୁବ୍ ଉତ୍ସାହର ସହ ପାଳନ କରାଯିବ। ବୈଠକର ନିଷ୍ପତ୍ତି ଅନୁଯାୟୀ



ଚଳିତବର୍ଷ ଠାରୁ ପ୍ରତିବର୍ଷ ଜାନୁଆରୀ ମାସ ଏହି ଦିନରେ ହିଁ କୃଷି ଓଡ଼ିଶା ସମାବେଶର ଆୟୋଜନ କରାଯିବ । ଦେଶ ତଥା ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ବୁଦ୍ଧିଜୀବୀ, ସଫଳ ଚାଷୀ, ବୈଜ୍ଞାନିକ, କୃଷି ଉତ୍ପାଦକମାନେ ଯୋଗଦେବେ । କୃଷି ଉଦ୍ୟୋଗୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନ ଶକ୍ତି ସଦସ୍ୟସଦସ୍ୟାଙ୍କ ଦ୍ୱାରା ୨୫୦ ରୁ ଉର୍ଦ୍ଧ୍ୱ ଷ୍ଟଲର ପ୍ରଦର୍ଶନ କରାଯିବ ଏବଂ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କ ସମାବେଶ ହେବ । କୃଷି ଯାନ୍ତ୍ରୀକିକରଣ ତଥା ଅତ୍ୟାଧୁନିକ ଯନ୍ତ୍ରପାତିର ସ୍ୱତନ୍ତ୍ର ପ୍ରଦର୍ଶନ କରାଯିବା ଯୋଜନା ମଧ ରହିଛି । ଦୂରଦୂରାନ୍ତରୁ ଆସୁଥିବା ଚାଷୀ ଭାଇ ଭଉଣୀଙ୍କ ରହିବା ତଥା ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ମଧ ବୈଠକରେ ଆଲୋଚନା ହୋଇଥିଲା। ପ୍ରସ୍ତୁତି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶ୍ରୀ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ଶ୍ରୀ ସୁବ୍ରତ କୁମାର ପଣ୍ଡା, ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ବୈଠକର ପ୍ରସ୍ତୁତି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ଏବଂ ଏହାର ସଫଳ ଆୟୋଜନ ନିମନ୍ତେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଓଡ଼ିଶା ଜାତୀୟ ସ୍ତରରେ ଅଗ୍ରଣୀ

ଭୁବନେଶ୍ୱର,୪।୧୦ (ମହାଭାରତ): ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନରେ ଓଡ଼ିଶା ଜାତୀୟ ସ୍ତରରେ ଅଗ୍ରଣୀ ସ୍ଥାନ ପାଇ ବହୁବିଧ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରଶଂସନୀୟ ପ୍ରସାର ଏବଂ ପ୍ରଭାବୀ ପ୍ରଦର୍ଶନ କରିଛି। ମହିଳାଙ୍କ ସ୍ୱାସ୍ଥ୍ୟ ମାଧ୍ୟମରେ ପରିବାରକୁ ସଶକ୍ତ କରିବା ଲକ୍ଷ୍ୟରେ ଏହି ଅଭିଯାନ, ଅଂଶଗ୍ରହଣ, ସ୍କ୍ରିନିଂ ଏବଂ ସାମୁଦାୟିକ ସମ୍ପୃକ୍ତିରେ ମାନଦଣ୍ଡ ସ୍ଥାପନ କରିଛି।

ସେପ୍ଟେମ୍ବର ୧୭ ରୁ ୨ ଅକ୍ଟୋବର ଯାଏଁ ଚାଲିଥିବା ଏହି ଅଭିଯାନରେ, ସ୍ୱାସ୍ଥ୍ୟସେବା ଏବଂ ସଚେତନତା କରାଯାଇଥିଲା । ସମସ୍ତ ଗ୍ରାମୀଣ ଏବଂ ସହରାଞ୍ଚଳରେ ଆରୋଗ୍ୟ ମନ୍ଦିର, ପ୍ରାଥମିକ ଏବଂ ସାମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୭୧ ହଜାର ରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିର ଆୟୋଜନରେ ଜାତୀୟ ସ୍ତରରେ ସମସ୍ତ ରାଜ୍ୟ ମଧ୍ୟରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି।

ଏହି ସମୟ ଅବଧିରେ ପ୍ରାୟ ଏକ କୋଟି ରୁ ଉର୍ଦ୍ଧ ମହିଳାଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି ଯାହା ଦେଶରେ ଦ୍ୱିତୀୟ ସର୍ବାଧିକ । ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା ଗୁଡ଼ିକରେ ୧୨ ଲକ୍ଷ ରକ୍ତଚାପ ସ୍କ୍ରିନିଂ, ୧୨.୨ ଲକ୍ଷ ମଧୁମେହ ସ୍କ୍ରିନିଂ, ୩.୨ ଲକ୍ଷ ମୁଖ କର୍କଟ ସ୍କ୍ରିନିଂ, ୩.୩ ଲକ୍ଷ ସ୍ତନ କର୍କଟ ସ୍କ୍ରିନିଂ, ୪୦ ହଜାର ଗର୍ଭାଶୟ କର୍କଟ ସ୍କ୍ରିନିଂ, ୬.୫ ଲକ୍ଷ କିଶୋରୀ ଝିଅଙ୍କ ମାସିକ ଧର୍ମ ସ୍ୱଚ୍ଛତା ସ୍କ୍ରିନିଂ ଉପରେ ପରାମର୍ଶ ଅନ୍ତର୍ଭୁକ୍ତ ଥିଲା। ଏହା ବ୍ୟତୀତ, ବିଭିନ୍ନ ଜିଲ୍ଲାରେ ଆୟୋଜିତ ୫୨୩ ସ୍ୱେଚ୍ଛାସେବୀ ରକ୍ତଦାନ ଶିବିର ମାଧ୍ୟମରେ ୩୨,୮୬୫ ରକ୍ତ ୟୁନିଟ୍ ସଂଗ୍ରହ କରାଯାଇଥିଲା। ପ୍ରତିରୋଧକ ସ୍ୱାସ୍ଥ୍ୟସେବା ପାଇଁ ମହିଳାମାନଙ୍କୁ ସଂଗଠିତ କରିବାରେ ଅଭିଯାନ ଓଡିଶାର ସଫଳତାକୁ ଗୁରୁତ୍ୱ ଦେଇଛି। ଜାତୀୟ ଡାଟା ପୋର୍ଟାଲ୍ ଅନୁଯାୟୀ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ରାଜସ୍ଥାନ ଭଳି ଉଚ୍ଚ ପ୍ରଦର୍ଶନକାରୀ ରାଜ୍ୟ ସହିତ ଓଡ଼ିଶାର ସଫଳତା ଉଚ୍ଚ ରହିଛି । ମୋଟ ଶିବିର ଏବଂ ସ୍କ୍ରିନିଂରେ ମଧ୍ୟପ୍ରଦେଶ ଆଗରେ ଥିବା ବେଳେ, ଓଡିଶାର ଶକ୍ତି ଏହାର ଲିଙ୍ଗ-ସମ୍ବେଦନଶୀଳ ପ୍ରସାର ଏବଂ କିଶୋର ସ୍ୱାସ୍ଥ୍ୟ ପଦକ୍ଷେପରେ ରହିଛି । କର୍କଟ ସ୍କ୍ରିନିଂ ଏବଂ ମାସିକ ଋତୁସ୍ରାବ ପରିଚ୍ଛନ୍ନତା ପରାମର୍ଶରେ ସଫଳତା ଓଡ଼ିଶାକୁ ଅନେକ ବଡ଼ ରାଜ୍ୟ ତୁଳନାରେ ଆଗରେ ରଖିଛି।

# ନେସ୍‌ଲେ ଇଣ୍ଡିଆ ଶିଳ୍ପ ମନ୍ତ୍ରଣାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର,୪।୧୦ (ମହାଭାରତ): ନେସ୍‌ଲେ ଇଣ୍ଡିଆ ଓଡ଼ିଶା ଏବଂ ଏହାର ବିଦ୍ୟମାନ ଉତ୍ପାଦନ ସ୍ଥାନଗୁଡ଼ିକରେ ସବୁଜ କ୍ଷେତ୍ର ଏବଂ ବ୍ରାଉନ୍ କ୍ଷେତ୍ର ପ୍ରକଳ୍ପଗୁଡ଼ିକରେ ନିବେଶକୁ ତ୍ୱରାନ୍ୱିତ କରିବା ପାଇଁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ (ଏମଓଏଫପିଆଇ) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରି ଭାରତ ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରିଛି। ନୂଆଦିଲ୍ଲୀରେ ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ସମ୍ମିଳନୀ ୨୦୨୫ରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ନେସ୍‌ଲେ ଇଣ୍ଡିଆର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମନୀଷ ତିୱାରୀ କହିଲେ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ସହିତ ଏହି ବୁଝାମଣାପତ୍ର ସ୍ୱାକ୍ଷର ଆଗାମୀ ୨ ରୁ ୩ ବର୍ଷ ମଧ୍ୟରେ ଓଡ଼ିଶା ଏବଂ ବିଦ୍ୟମାନ ଉତ୍ପାଦନ ସ୍ଥାନଗୁଡ଼ିକରେ ସବୁଜ କ୍ଷେତ୍ର ଏବଂ ବ୍ରାଉନ୍ କ୍ଷେତ୍ର ପ୍ରକଳ୍ପଗୁଡ଼ିକରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନିବେଶ ପାଇଁ ନେସ୍‌ଲେ ଇଣ୍ଡିଆର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି। ଏହା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ମଧ୍ୟ ଆଶା କରାଯାଉଛି। ଯାହା ଆତ୍ମନିର୍ଭର ଭାରତ ଅଭିମୁଖେ ଯାତ୍ରା ଜାରି ରଖିବା ସହିତ ଭାରତର ଅଭିବୃଦ୍ଧି ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରିବ।



ନେସ୍‌ଲେ ଇଣ୍ଡିଆ ସ୍ଥାୟୀ, ଅନ୍ତର୍ଭୁକ୍ତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଖାଦ୍ୟ ପ୍ରଣାଳୀ ସୃଷ୍ଟି କରିବା, ବ୍ରାଣ୍ଡ ଏବଂ ଭିତ୍ତିଭୂମିରେ ନିବେଶ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି, ଯାହା ଆର୍ଥିକ ପ୍ରଗତିକୁ ପ୍ରୋତ୍ସାହିତ କରିବ ତଥା ସମସ୍ତ ନାଗରିକଙ୍କ ଜୀବନର ଗୁଣବତାକୁ ଉନ୍ନତ କରିବ। ଏହା ବ୍ୟତୀତ, ସାହସିକ ନବସୃଜନ ମାଧ୍ୟମରେ ନେସ୍‌ଲେ ଗ୍ରାହକମାନଙ୍କ ପାଖରେ ଉତ୍ପାଦ ଏବଂ ଅଭିଜ୍ଞତାକୁ ଦ୍ରୁତ, ବୃହତ ଏବଂ ଉନ୍ନତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ଅବସରରେ ନେସ୍‌ଲେ ଇଣ୍ଡିଆର କର୍ପୋରେଟ୍ ବ୍ୟାପାର ମୁଖ୍ୟ କୁନଓ୍ୱର ହିମ୍ମତ ସିଂହ କହିଲେ, ଭାରତରେ ୧୧୩ ବର୍ଷରୁ ଅଧିକ ସମୟ ଧରି ଉପସ୍ଥିତି ସହିତ, ନେସ୍‌ଲେ ଇଣ୍ଡିଆ ଏକ ଦୃଢ଼ ଯୋଗାଣକାରୀ ସହଭାଗୀତା ଦ୍ୱାରା ୧,୦୦,୦୦୦ରୁ ଅଧିକ ଚାଷୀଙ୍କ ସହିତ କାମ କରୁଛି। ଯେଉଁଥିରେ ଦୁଗ୍ଧ, କଫି, ମସଲା, ଗହମ, ଆଖୁ ଏବଂ ଚାଉଳ ଚାଷୀ ସାମିଲ ଅଛନ୍ତି। ଭାରତରେ ଆମର ନଅଟି କାରଖାନା ସର୍ବୋଚ୍ଚ ଗୁଣବତା ଏବଂ ଉପଯୁକ୍ତ ମାନର ଉତ୍ପାଦ ଉତ୍ପାଦନ ହୋଇଥାଏ। ଯାହା ୧୦,୦୦୦ ବିତରକ ଏବଂ ପୁନଃବିତରକ ଏବଂ ୫.୨ ନିୟୁତ ଖୁଚୁରା ଆଉଟଲେଟ୍ ମାଧ୍ୟମରେ ଆମର ଗ୍ରାହକମାନଙ୍କ ପାଖରେ ପହଂଚି ଥାଏ। ନେସ୍‌ଲେ ଇଣ୍ଡିଆର ସାମାଜିକ ପଦକ୍ଷେପଗୁଡ଼ିକ ପୁଷ୍ଟିକର ସଚେତନତା କାର୍ଯ୍ୟକ୍ରମ, ଶିକ୍ଷା, ଅପଚୟ ପରିଚାଳନା, ସ୍ୱଚ୍ଛ ପାନୀୟ ଜଳର ଉପଲବ୍ଧତା, ପରିମଳ, ଖାଦ୍ୟ ସହାୟତା ହସ୍ତକ୍ଷେପ ଏବଂ ଖାଦ୍ୟ ସୁରକ୍ଷା ତଥା ପରିଚ୍ଛନ୍ନତା ଉପରେ ଷ୍ଟ୍ରିଟ୍ ଫୁଡ୍ ବିକ୍ରେତାମାନଙ୍କୁ ତାଲିମ ଦେଇ ୧୬ ନିୟୁତରୁ ଅଧିକ ଜୀବନକୁ ଛୁଇଁ ପାରିଛି।

# ଭାରତରେ ଏଚ୍‌ଆଣ୍ଡଏମ୍‌ର ସୌନ୍ଦର୍ଯ୍ୟ ଅବଧାରଣା ଆରମ୍ଭ

ଭୁବନେଶ୍ୱର,୪।୧୦ (ମହାଭାରତ): ଏଚ୍‌ଆଣ୍ଡଏମ୍ କନସେପ୍ଟ ଭାରତରେ ପ୍ରଥମ ଥର ପାଇଁ ଏଚ୍‌ଆଣ୍ଡଏମ୍ ବିୟୁଟି କନସେପ୍ଟ ଆରମ୍ଭ କରିବା ପାଇଁ ଗର୍ବର ସହିତ ଘୋଷଣା କରିଛି । ଏହା ଫ୍ୟାଶନ ଏବଂ ଘରୋଇ ଅବଧାରଣା ବାହାରେ ସୌନ୍ଦର୍ଯ୍ୟ ମାଧ୍ୟମରେ ଆତ୍ମ ଅଭିବ୍ୟକ୍ତିକୁ ସଶକ୍ତ କରିବା ପାଇଁ ଏହାର ବ୍ରହ୍ମାଣ୍ଡକୁ ବିସ୍ତାର କରିବ । ଡେବ୍ୟୁ ଏକ କ୍ୟୁରେଟେଡ୍ ବିୟୁଟି ଲାଇନ୍-ଅପ୍ ଉପସ୍ଥାପନ କରେ ଯାହା ଟ୍ରେଣ୍ଡ-ପରିଚାଳିତ, ଅନ୍ତର୍ଭୂକ୍ତ ଏବଂ ଉପଲବ୍ଧ ଅଟେ । ଭୁବନେଶ୍ୱରର ଏସବିଏସପିଏଲ, ସହିଦ ନଗରରେ ଏହି ସଂଗ୍ରହ ଉପଲବ୍ଧ ହେବ । ଏହି ସଂଗ୍ରହ ମେକଅପ୍, ଏଚ୍‌ଆଣ୍ଡଏମ୍ ଉପକରଣରେ ୨୦୦ ରୁ ଅଧିକ ଉତ୍ପାଦ ପ୍ରଦାନ କରେ । ଏଚ୍‌ଆଣ୍ଡଏମ୍ ବିୟୁଟି କନସେପ୍ଟ ୨ ଅକ୍ଟୋବର ୨୦୨୫ ରୁ ଭାରତର ସମସ୍ତ ଏଚ୍‌ଆଣ୍ଡଏମ୍ ଷ୍ଟୋର୍ ଏବଂ ଏଚ୍‌ଏମ୍‌ଡଟ୍‌କମ୍‌ରେ ଅନଲାଇନରେ ଉପଲବ୍ଧ ହେବ। "ପ୍ରଥମ ଥର ପାଇଁ ଭାରତରେ ଏଚ୍‌ଆଣ୍ଡଏମ୍‌ର ବିୟୁଟି କନସେପ୍ଟ ଆଣି ଆମେ ଆନନ୍ଦିତ । ଏହି ଶୁଭାରମ୍ଭ ଆମ ଯାତ୍ରାରେ ଏକ ପ୍ରକୃତ ମାଇଲଖୁଂଟ, ଯାହାକୁ ଆମେ ଏଚ୍‌ଆଣ୍ଡଏମ୍ ଇଣ୍ଡିଆର ୧୦ ବର୍ଷ ପୂର୍ତ୍ତି ପାଳନ କରୁଥିବାରୁ ଏହାକୁ ଆହୁରି ସ୍ୱତନ୍ତ୍ର କରାଯାଇଛି । ଏହା ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟକୁ ଅଧିକ ସୁଗମ କରିବା ଏବଂ ସାରା ଦେଶରେ ଅଧିକ ଫ୍ୟାଶନ୍ ଆଶାୟୀଙ୍କ ନିକଟରେ ପହଂଚିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ" ବୋଲି ଏଚ୍‌ଆଣ୍ଡଏମ୍ ଇଣ୍ଡିଆର ନିର୍ଦ୍ଦେଶକ ହେଲେନା କୁଇଲେନଷ୍ଟିଏର୍ନା କହିଛନ୍ତି।

# ପୋଲିସ ଏସ୍‌ଆଇ ନିଯୁକ୍ତିରେ କେଳେଙ୍କାରୀର ସିବିଆଇ ତଦନ୍ତ ଦାବି

ଭୁବନେଶ୍ୱର,୪।୧୦ (ମହାଭାରତ): ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଘଟଣାରେ ରାଜ୍ୟ ସରକାରଙ୍କର ପ୍ରଚ୍ଛନ୍ନ ହାତ ରହିଛି ବୋଲି ଅଭିଯୋଗ କରି ସିବିଆଇ ତଦନ୍ତ ଦାବିରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବିଜୁ ଜନତା ଦଳ ଘୋଷଣା କରିଛି । ପୋଲିସ ବିଭାଗରେ ଏହି ଦୁର୍ନୀତି ହୋଇଥିବା ବେଳେ ପୋଲିସ ବିଭାଗର ଏକ ଅଂଶ ଭାବେ ରହିଥିବା କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରିବା ଗ୍ରହଣୀୟ ନୁହେଁ ବୋଲି ବିଜୁ ଜନତା ଦଳ କହିଛି ।

ଶଙ୍ଖ ଭବନରେ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ପ୍ରୀତି ରଞ୍ଜନ ଘଡେଇ ଓ ବିଜୁ ଯୁବ ଜନତା ଦଳର ସଭାପତି ଶ୍ରୀ ଚିନ୍ମୟ ସାହୁ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ ହୋଇଥିବା କେଳେଙ୍କାରୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଭୂମିକା ପ୍ରଶ୍ନବାଚୀ ହୋଇଛି ବୋଲି କହିଥିଲେ । ସୋମବାର ଅର୍ଥାତ ୬ ଅକ୍ଟୋବର ଦିନ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ରାଜଧାନୀ ଭୁବନେଶ୍ୱରରେ ଧାରଣା ଦିଆଯିବ ବୋଲି ସେ ସୂଚନା ଦେଇଥିଲେ ।

ଶ୍ରୀ ଘଡେଇ କହିଥିଲେ, ଏହି ନିଯୁକ୍ତି ପରୀକ୍ଷାକୁ କରିବା ପାଇଁ ପ୍ରାଥମିକ ଭାବେ ଆଇଟିଆଇ ସଂସ୍ଥାକୁ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ, ଏହା ଦୁଇ ଦୁଇଟି ସଂସ୍ଥାକୁ ଆଉଟସୋର୍ସିଂ କରାଯାଇଥିଲା ।



ରାଜ୍ୟ ସରକାରଙ୍କ ଆଉଟସୋର୍ସିଂ ନୀତି ସ୍ପଷ୍ଟ ହେବା ଦରକାର । କାହା ନିର୍ଦ୍ଦେଶରେ ଏପରି ଏକ ଅନଭିଜ୍ଞ କମ୍ପାନୀକୁ ଆଉଟସୋର୍ସିଂ କରାଯାଇଥିଲା । ଏହି ଆଉଟସୋର୍ସିଂ ମାଧ୍ୟମରେ ଦୁର୍ନୀତି କରିବା ପାଇଁ ବାଟ ତିଆରି କରିଥିଲେ ରାଜ୍ୟ ସରକାର । ଏହି ଘଟଣାରେ, ଓପିଆରବିର ଅଧ୍ୟକ୍ଷ ଓ ରାଜ୍ୟ ସରକାରଙ୍କ ଗୃହ ବିଭାଗର ସଚିବ ତଦନ୍ତ ପରିସରଭୁକ୍ତ ହେବା ଦରକାର । ରାଜ୍ୟର ହଜାର ହଜାର ଚାକିରୀ ଆଶାୟୀ ଯୁବକ ଆଜି ଏହି ଘଟଣାରେ ହତାଶ ହୋଇଛନ୍ତି । ଏହି ଘଟଣାରେ ପୋଲିସ ଅଧିକାରୀ ମଧ ଅଭିଯୁକ୍ତ ରହିଥିବା ବେଳେ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତରେ ନ୍ୟାୟ ମିଳିବା ନେଇ ସନ୍ଦେହ ରହିଛି । ତେଣୁ, ସିବିଆଇ ତଦନ୍ତ ଏକ ମାତ୍ର ବିକଳ୍ପ । ଯଦି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀ ଏହି ଘଟଣାରେ ତାଙ୍କର ସ୍ୱଚ୍ଛତା ପ୍ରତିପାଦନ କରିବାକୁ ଚାହୁଁଛନ୍ତି, ତାହେଲେ ତୁରନ୍ତ ଏହି ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରନ୍ତୁ ବୋଲି ଶ୍ରୀ ଘଡ଼େଇ କହିଥିଲେ। ଶ୍ରୀ ଚିନ୍ମୟ ସାହୁ କହିଥିଲେ, ଚାକିରୀ ବିକ୍ରି ଘଟଣା ହେଉଛି ରାଜ୍ୟ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ । ଚଳିତ ବର୍ଷ ମାର୍ଚ୍ଚ ୭ ଓ ୮ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରି ଦିଆଯାଇଥିଲା । ପରୀକ୍ଷା ବାତିଲ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ କାରଣ ଦିଆଯାଇନଥିଲା । ବାସ୍ତବରେ, ଚାକିରୀ ବିକ୍ରି କରି ମୋଟା ଅଙ୍କର ଅର୍ଥ ଆଦାୟ କରିବା ଯୋଜନାର ଏହା ଥିଲା ଅୟମାରମ୍ଭ ।

# ସାମସଙ୍ଗ ସ୍ଥାପନା ଏବଂ ଡେ଼ମୋ ସେବାର ଶୁଭାରମ୍ଭ

ଭୁବନେଶ୍ୱର,୪।୧୦ (ମହାଭାରତ): ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଏହାର ୪-ଘଂଟା ମଧ୍ୟରେ ସୁପରଫାଷ୍ଟ ସ୍ଥାପନା ଏବଂ ପ୍ରଦର୍ଶନ ସେବାର ଘୋଷଣା କରିଛି ଯାହାକି ଗ୍ରାହକ ମାନଙ୍କୁ ଏକ ବାଧାମୁକ୍ତ ଏବଂ ଚିନ୍ତାମୁକ୍ତ ଉତ୍ସବ ଜନିତ କିଣା କିଣି ଅଭିଜ୍ଞତା ପ୍ରଦାନ ନିମନ୍ତେ ପ୍ରସ୍ତୁତ କରାଯାଇଛି। ଏଭଳି ପଦକ୍ଷେପ ସହିତ, ଗ୍ରାହକ ମାନେ ସେମାନଙ୍କର ନୂତନ ବ୍ରାଣ୍ଡର ସାମସଙ୍ଗ ସାମଗ୍ରୀ (ରେଫ୍ରିଜେରେଟର, ୱାସିଙ୍ଗ ମେସିନ, ଏୟାର କଣ୍ଡିସନର, ମାଇକ୍ରୋୱେଭ ଓଭନ ଏବଂ ଟେଲିଭିଜନ)ର ସ୍ଥାପନା ମାତ୍ର ୪ ଘଂଟା ମଧ୍ୟରେ ଏକ ପଞ୍ଜିକରଣ ଅନୁରୋଧ (କେବଳ ପୌରାଂଚଳର ଅବଧି ମଧ୍ୟରେ) ଦ୍ୱାରା ପ୍ରାପ୍ତ ହୋଇପାରିବେ। ଅର୍ଥାତ୍ ବିନା କୌଣସି ଅପେକ୍ଷା, ବିଳମ୍ବରେ କେବଳ ତତ୍କାଳ ସେହି ସୁବିଧା ଗୁଡ଼ିକ ହାତ ପାହାନ୍ତରେ ଗ୍ରହଣ କରାଯାଇପାରିବ ଯେମିତିକି ମନୋରଞ୍ଜନ, ଆରାମଦାୟକତା ଏବଂ ବିଭିନ୍ନ ସୁବିଧା ଯାହାକି ବର୍ଷର ସବୁଠାରୁ ଅଧିକ ଉତ୍ସବମୁଖର ସମୟ ଅବଧି ମଧ୍ୟରେ। ଅଭିଜ୍ଞତାକୁ ସାମିଲ କରି, ସାମସଙ୍ଗର ଦକ୍ଷ ଇଞ୍ଜିନିୟର ମାନେ ଏହି ସମସ୍ତ ଉତ୍ପାଦନର ବ୍ୟକ୍ତିଗତ ପ୍ରଦର୍ଶନ ଯୋଗାଇବା ସହିତ ଗ୍ରାହକ ମାନଙ୍କୁ ଅନେକ ଆଧୁନିକ ବିଶେଷତ୍ୱ, ଏ ସମ୍ପର୍କିତ ଟିପ୍ପଣୀ ତଥା ସ୍ମାର୍ଟ ଜିନିଷର ବ୍ୟବହାର ଜନିତ ଧାରଣା ଗୁଡ଼ିକ ଆବିଷ୍କାର କରିବା ପାଇଁ ସାହାଯ୍ୟ କରିବ। ଗ୍ରାହକ ମାନେ ମଧ୍ୟ ସାମସଙ୍ଗର ନୂତନ ସ୍ମାର୍ଟଥିଙ୍ଗ ଇକୋ-ପ୍ରଣାଳୀ ଉପକରଣ ଗୁଡ଼ିକ ସହିତ ସଂଯୋଗୀତ ହେବା ପାଇଁ ସେମାନଙ୍କୁ ମାର୍ଗଦର୍ଶନ କରାଯିବା ସହିତ, ଘରେ ତଥା କର୍ମ ସ୍ଥାନରେ ସେମାନଙ୍କୁ ଏହି ସମନ୍ୱୟକାରୀ ଉପକରଣ ତଥା ସାମଗ୍ରୀ ଗୁଡ଼ିକ ନିମନ୍ତେ ଅଧିକ ସ୍ମାର୍ଟ ଲାଇଭ ପାଇଁ ସକ୍ଷମ କରାଯିବ।

# ସମ୍ପତ୍ତି ଠୁଳ

ନିଜ ଆୟଠାରୁ ସେମାନେ ୫ଶହ ଗୁଣ ଅଧିକ ସମ୍ପତ୍ତି ଠୁଳ କରିବାର ନଜିର ମିଳୁଛି। ମାଳ ମାଳ କୋଠା, ଟଙ୍କା, ସୁନା ଏବଂ ଜମି ଠାବ ହେଉଛି। ଆହୁରି ଅନେକ ଗୁପ୍ତ ସମ୍ପତ୍ତି ଲୁଚି ରହିଛି। ସେମାନେ ଚୋରୀ କରି ନିଜକୁ ବାହାରକୁ ବେଶ ସାଧୁ ବୋଲି ଦର୍ଶାଉଛନ୍ତି। ସେମାନଙ୍କ ମୁଖା ଖୋଲାଯିବା ସହ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ସେମାନଙ୍କ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ ହେବା ଉଚିତ। କହିବା ବାହୁଲ୍ୟ ଯେ, ପ୍ରତିବର୍ଷ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହେଉଛି। ସରକାରୀ ବାବୁ ମାନେ ଦୁର୍ନୀତି ବିରୋଧରେ ଶପଥପାଠ କରୁଛନ୍ତି। ରାଜ୍ୟ ସରକାରଙ୍କର ଏକ ଦୁର୍ନୀତି ନିବାରଣ ବିଭାଗ ରହିଛି। ଏହି ବିଭାଗ ଅନେକ ସମୟରେ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ, ଅଫିସର, ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ସେମାନଙ୍କ ଘରେ ରେଡ କରାଯାଉଛି। କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଜବତ ହେଉଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି, ପରେ ସସପେଣ୍ଡ ବି ହେଉଛନ୍ତି। କୋର୍ଟରେ ମାମଲା ହେଉଛି। କିନ୍ତୁ ବାସ୍ତବରେ ଏହି ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ଦଣ୍ଡହାର ଅତି କମ। ଅର୍ଥାତ ତଳ କୋର୍ଟରେ ହେଉ ବା ଉପର କୋର୍ଟରେ ଅଭିଯୁକ୍ତମାନେ କୋର୍ଟରେ ପ୍ରମାଣ ଅଭାବରୁ ଖସିଯାଉଛନ୍ତି। ଖୁବ କମ ବ୍ୟକ୍ତି ବାସ୍ତବରେ ଦଣ୍ଡିତ ହେଉଛନ୍ତି। ସବୁଠାରୁ ବଡ଼ କଥା ହେଲା ଯେଉଁମାନେ ଦୁର୍ନୀତି ଅଭିଯୋଗରେ ଧରାପଡୁଛନ୍ତି ସେମାନଙ୍କ ମଧ୍ୟରୁ ଖୁବ କମ ବ୍ୟକ୍ତି ଉଚ୍ଚପଦସ୍ତ। ଆଇଏଏସ, ଆଇପିଏସ ଅଫିସର କ୍ୱଚିତ ଭିଜିଲାନ୍ସ ଜାଲରେ ପଡୁଛନ୍ତି। ଅଧିକାଂଶ କ୍ଷେତ୍ରରେ ଦ୍ୱିତୀୟ ବା ତୃତୀୟ ଶ୍ରେଣୀ କର୍ମଚାରୀ ବା ଜୁନିୟର ପ୍ରଥମ ଶ୍ରେଣୀ ପାହ୍ୟାର ଅଫିସର ଧରାପଡୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୁର୍ନୀତି ନିବାରଣ ପାଇଁ ଏତେ ପଦକ୍ଷେପ, ଅଭିଯାନ ସତ୍ତ୍ୱେ ଦୁର୍ନୀତି ଲୋପ ପାଇବା ଦୂରର କଥା ଏହା ହ୍ରାସ ପାଇବାର ମଧ୍ୟ ସଙ୍କେତ ମିଳୁନି। ପ୍ରତି ସ୍ତରରେ ଦୁର୍ନୀତି ଚାଲିଛି। ଯିଏ ଯେଉଁଠି ପାରିଲା ରାଜକୋଷକୁ ଲୁଟ କରୁଛନ୍ତି। ଆଉ ସାଧାରଣ ଲୋକଟିଏ ସରକାରୀ ଅଫିସକୁ କୌଣସି କାମରେ ଗଲେ ଲାଞ୍ଚ ନଦେଲେ ତାଙ୍କ କାମ ହେଉନି। ଦୁର୍ନୀତି ଯୋଗୁ ସାଧାରଣ ଲୋକଟିଏ ଶୋଷଣର ଶିକାର ହେଉଛି। ତହସିଲ ଅଫିସଠାରୁ ଆରମ୍ଭ କରି ବିଡିଓ, କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି। ବିଭିନ୍ନ ଇଞ୍ଜିନିୟରିଂ ବିଭାଗ ଦୁର୍ନୀତିରେ ବୁଡ଼ି ରହିଛନ୍ତି। ଗୋଟିଏ ରାସ୍ତା ପାଇଁ କୋଟିଏ ଟଙ୍କା ଖର୍ଚ୍ଚ ହେଲେ କଣ୍ଟ୍ରାକ୍ଟର ବିଲ ହେଉଛି ୫ କୋଟି ଟଙ୍କା। କଣ୍ଟ୍ରାକ୍ଟର ନିଜ ଲାଭ ବାଦ ମୂଳରୁ ଚୁଳ ପର୍ଯ୍ୟନ୍ତ ସବୁଠି ପିସି ଦେଉଛନ୍ତି। ଗରିବ ଲୋକଙ୍କ ଟିକସ ଅର୍ଥକୁ ଏପରି ଭାବେ ଲୁଟ କରାଯାଉଛି। ଆଉ ଦୁର୍ନୀତି ଯୋଗୁ କାମ ବି ନିମ୍ନମାନର ହେଉଛି। ପୁଣି ବର୍ଷେ ଦୁଇ ବର୍ଷ ପରେ ସେହି କାମ ପାଇଁ ଟେଣ୍ଡର ଡକାଯାଉଛି। ଏହା ହେଉଛି ଆମ ଶାସନ ବ୍ୟବସ୍ଥା। ବ୍ୟବସ୍ଥାରେ ଏତେ ତ୍ରୁଟି ରହିଛି ଯେ, ଏହାକୁ ସୁଧାରିବା ସମ୍ଭବ ହେଉନି। ୬ ମାସ ତଳେ ମାଲକାନଗିରି ଜିଲ୍ଲାର ଜଣେ ପିଡି ଭିଜିଲାନ୍ସ ଜାଲରେ ପଡ଼ିଛି। ଚଢ଼ଉ ବେଳେ ତାଙ୍କ ନିକଟରେ ନଗଦ ପ୍ରାୟ ୨ କୋଟି ଟଙ୍କା ଏବଂ ବିପୁଳ ପରିମାଣର ସୁନା ତଥା ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଜଣେ ସାଧାରଣ ସରକାରୀ କର୍ମଚାରୀଙ୍କ ନିକଟରେ ଏତେ ସମ୍ପତ୍ତି କିପରି ଆସିଲେ ତାହା ନିଶ୍ଚିତ ଭାବେ ବଡ଼ ପ୍ରଶ୍ନବାଚୀ। ଦୁର୍ନୀତିପୂର୍ଣ୍ଣ ଉପାୟରେ ସେ କଳା ଟଙ୍କାର ପାହାଡ଼ ସୃଷ୍ଟି କରିଛନ୍ତି। ଆଉ ଅନେକ ବର୍ଷ ହେବ ସେ ବେଶ ଆୟସରେ ଜୀବନ ବିତାଇଥିବେ। କୋଟି କୋଟି ଟଙ୍କା ବିଳାସ ବ୍ୟସନରେ ବ୍ୟୟ କରିଥିବେ।

# ମାନବ କୈନ୍ଦ୍ରିକ ଜଗତୀକରଣ ଜରୁରୀ

॥ ବାଦଲ ଭୂୟାଁ ॥

> “ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି। ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ୍ୟ କରାଯାଇଛି। ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି।

ଗ୍ଲୋବାଲ ସାଉଥ ମେଧାବୃତ୍ତି ଆରମ୍ଭ କରିବ ଭାରତ : ସମଗ୍ର ବିଶ୍ୱରେ ଶିକ୍ଷା କ୍ଷେତ୍ରରେ ଭାରତ ଏକ ଆଦର୍ଶଣୀୟ ରାଷ୍ଟ୍ର ଭାବେ ଆଜି ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଛି। ଗତ ତିନି ବର୍ଷ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକ ପାଇଁ ବେଶ ଆହ୍ୱାନପୂର୍ଣ୍ଣ ଥିଲା। କିନ୍ତୁ ନୂଆବର୍ଷ ନୂଆ ଆଶା ନେଇ ଆସିଛି। ଆମେ ସଭିଏଁ ଗ୍ଲୋବାଲଇଜେଶନକୁ ସମର୍ଥନ କରୁ। ଭାରତ ସର୍ବଦା ବିଶ୍ୱକୁ ଏକ ପରିବାର ରୂପରେ ଦେଖିଥାଏ। ଆମେ ଏପରି ଏକ ଜଗତୀକରଣ ଚାହୁଁ ଯେଉଁଠି ଜଳବାୟୁ କିମ୍ବା ଋଣ ସଙ୍କଟ ସୃଷ୍ଟି ହେଉ ନଥିବ, ଯାହା ମାନବକୈନ୍ଦ୍ରିକ ହୋଇଥିବ। ଯେଉଁଠି ଟିକାକରଣରେ ଅସମାନତା ନଥିବ ଏବଂ ଯେଉଁଠି ମାନବିକତା ଏବଂ ସମୃଦ୍ଧିର ସ୍ଥାନ ଥିବ ବୋଲି ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ସୂଚନାଥାଉକି ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ୧୨୦ରୁ ଅଧିକ ବିକାଶଶୀଳ ଦେଶ ଭାଗ ନେଇଛନ୍ତି। ଏହା ଗ୍ଲୋବାଲ ସାଉଥର ସବୁଠାରୁ ବଡ଼ ଧରଣର ଭର୍ଚୁଆଲ ସମିଟ। ପ୍ରଧାନମନ୍ତ୍ରୀ କହିଥିଲେ, ଜାତିସଂଘ ସୁରକ୍ଷା ପରିଷଦ ସମେତ ଅନ୍ତର୍ଜାତୀୟ ସଙ୍ଗଠନ ଗୁଡ଼ିକରେ ତତ୍କାଳ ଏକ ମୌଳିକ ସୁଧାରର ଆବଶ୍ୟକତା ରହିଛି। ଭାରତ ଏକ ଗ୍ଲୋବାଲ ସାଉଥ ସେଣ୍ଟର ଅଫ ଏକ୍ସିଲେନ୍ସ ସ୍ଥାପନ କରିବ। ନୂଆ ପ୍ରୋଜେକ୍ଟ ଆରୋଗ୍ୟ ମୈତ୍ରୀ ବାବଦରେ ମୋଦି ପ୍ରକାଶ କରିଥିଲେ। ଏହାଦ୍ୱାରା ଭାରତ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହେଉଥିବା ଦେଶ ଗୁଡ଼ିକୁ ମେଡ଼ିକାଲ ସୁବିଧା ଉପଲବ୍ଧ କରାଇପାରିବ ବୋଲି ସେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ଯୁଦ୍ଧ, ଆତଙ୍କବାଦ ସମେତ ବିଭିନ୍ନ ବୈଶ୍ୱିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି ବିଶ୍ୱ ସଙ୍କଟରେ ପଡ଼ିଛି। ଆଉ କେତେ ଦିନ ଏହି ଅସ୍ଥିରତା ଜାରି ରହିବ ତାହା କହିବା କଷ୍ଟକର ବୋଲି କହିଥିଲେ। ଏଥିସହ ଇନ୍ଧନ ସଙ୍କଟ, ଖାଦ୍ୟାଭାବ, ମୁଦ୍ରାସ୍ଫୀତି, କରୋନା ମହାମାରୀ, ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଆଦି ଉପରେ ଚିନ୍ତା ବ୍ୟକ୍ତ କରିଥିଲେ। ଭଏସ ଅଫ ଗ୍ଲୋବାଲ ସାଉଥ ସମିଟରେ ବାର୍ବାଡ଼ାସ, କୋଷ୍ଟାରିକା, କମନୱେଲଥ ଦେଶ ବାହାମାସ, କ୍ୟୁବା, ଗାମ୍ବିଆ, ହଣ୍ଡୁରାସ, ଲାଓ ପିପୁଲସ ଡେମାକ୍ରାଟିକ ରିପବ୍ଲିକ, ଫେଡେରେଟେଡ ଷ୍ଟେଟ ଅଫ ମାଇକ୍ରୋନେସିଆ, ରିପବ୍ଲିକ ଅଫ ନାଉରୁ, ସେଣ୍ଟ ଲୁସିଆ. ସେଣ୍ଟ ଭିନସେଣ୍ଟ ଏବଂ ଦି ଗ୍ରେନାଡାଇନସ, ସୋଲୋମନ ଆଇଲ୍ୟାଣ୍ଡ, ତୁର୍କମେନିସ୍ତାନ, ଉରୁଗୁଏ, ୟେମେନ ସମୂହ ଦେଶ ଅଂଶ ଗ୍ରହଣ କରିଥିଲେ।

ଭାରତର ଶିକ୍ଷା ବ୍ୟବସ୍ଥା ପ୍ରଶଂସନୀୟ କାରଣ କେନ୍ଦ୍ରଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାୟିତ୍ୱ ନେବା ପରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଆହୁରି ବାସ୍ତବାଭିମୁଖୀ ଓ ଶିକ୍ଷାଭିମୁଖୀ କରିପାରିଛନ୍ତି। ଗାମ୍ବିଆର ଶିକ୍ଷା ମନ୍ତ୍ରୀ ପ୍ରଫେସର ପାଏରୀ ଗୋମେଜ ଶିକ୍ଷା ପ୍ରଯୁକ୍ତିବିଦ୍ୟା ଓ ଦକ୍ଷତା ବିକାଶ ଦିଗରେ ଭାରତୀୟ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। କ୍ଷେମ ବର୍ଗରେ ଭାରତ ସହ ଭାଗିଦାରୀ ହେବା ପାଇଁ ସେ ଇଚ୍ଛା ପ୍ରକାଶ କରିବା ସହ ବୈଷୟିକ, ଧନ୍ଦାମୂଳକ, ଶିକ୍ଷା ପ୍ରଶିକ୍ଷଣକୁ ତାଙ୍କ ଦେଶ ଗୁରୁତ୍ୱ ଦେଇ ଏହାକୁ ବିକଶିତ କରିବା ପାଇଁ ସେ ଭାରତର ସହଯୋଗ ଲୋଡ଼ିଥିଲେ। ନ୍ୟାସନାଲ ଏଜୁକେସନାଲ ହବ ଏବଂ ନ୍ୟାସନାଲ ଟେକ୍ନୋଲୋଜି ପାର୍କ ସ୍ଥାପନ କରିବା ପାଇଁ ସେ ଭାରତ ଠାରୁ ସହଯୋଗ ଆଶା କରିଥିଲେ। ବିକାଶ ଏଜେଣ୍ଡା ପୂରଣ ପାଇଁ ଭାରତର ସହଯୋଗ ଲୋଡ଼ା। ସ୍ଥାୟୀ ବିକାଶ ଏଜେଣ୍ଡାକୁ ପୂରଣ କରିବା ପାଇଁ ଭାରତର ସହଯୋଗ ଲୋଡ଼ା ବୋଲି ସୋଲୋମାନ ଆଇଲ୍ୟାଣ୍ଡର ଶିକ୍ଷାମନ୍ତ୍ରୀ ଲେନଲୀ ତାନଗାଣ୍ଡା କହିଛନ୍ତି। ଭାରତର ଷ୍ଟଡି ଏବଂ ଟ୍ରେନିଂ ବ୍ୟବସ୍ଥା ଏକ ସଫଳ ମଡ଼େଲ ବୋଲି ସେ ପ୍ରକାଶ କରିଥିଲେ।

ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି। ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ୍ୟ କରାଯାଇଛି। ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି। ଡିଜିଟାଲ ଏଜୁକେଶନ ରିସୋର୍ସ ମଧ୍ୟ କରାଯାଇଛି। ଅଧିକାଂଶ ସମୟରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଶିକ୍ଷାନୁଷ୍ଠାନଗୁଡ଼ିକର ଡିଜିଟାଲାଇଜେସନ କରାଯାଇଥିବା ଗ୍ଲେନିସ କହିଛନ୍ତି। ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା। ଉରୁଗୁଏ ଶିକ୍ଷାମନ୍ତ୍ରୀ ପାବଲୋ ଦା ସିଲଭେରା କହିଛନ୍ତି ଭବିଷ୍ୟତ ପିଢ଼ି ପାଇଁ ଶିକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା। ନିଜ ଦେଶର ସମାଜ ଏବଂ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାକୁ ନିରନ୍ତର ବିକଶିତ କରିବା। ପରାଧୀନ ମାନସିକତା ବଦଳାଇବା। ଗ୍ଲୋବାଲ ସାଉଥ ଦେଶରେ ଥିବା ଶିକ୍ଷା ବ୍ୟବସ୍ଥା ପରାଧୀନ ମାନସିକତା ଯୋଗୁ ଶତାବ୍ଦୀ ଶତାବ୍ଦୀ ଧରି କ୍ଷତି ସହୁଥିଲା। ସମୟ ଆସିଛି, ଏହାକୁ ପରିବର୍ତ୍ତନ କରି ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା। ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଗୁଣାତ୍ମକ, ସୁଲଭ ଏବଂ ଉତ୍ତରଦାୟିତ୍ୱ ଭଳି ସ୍ତମ୍ଭ ଉପରେ ପର୍ଯ୍ୟବେସିତ ଜାତୀୟ ଶିକ୍ଷା ନୀତି ଭାରତୀୟ ଚରିତ୍ର ସହ ଜଡ଼ିତ ଏବଂ ୨୦୩୦ ସାମଗ୍ରିକ ବିକାଶ ସହ ସମ୍ମେଳିତ। ଏହା ଆମ ଯୁବପିଢ଼ିଙ୍କୁ ବୈଶ୍ୱିକ ନାଗରିକ ଭାବେ ବିକଶିତ କରିବ, ଯାହା ଦ୍ୱାରା ସେମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନର ସୂତ୍ର ବାହାର କରିପାରିବେ।

ମାତୃଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଛି। ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଭାବେ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଦିବ୍ୟାଙ୍ଗ ଶିଶୁଙ୍କୁ ସବୁପ୍ରକାର ସହଯୋଗ ପ୍ରଦାନ କରାଯିବା ସହ ଶିକ୍ଷକଙ୍କ ଦକ୍ଷତା ବିକାଶ ଏବଂ ଟ୍ରେନିଂ ଉପରେ ମଧ୍ୟ ପଦକ୍ଷେପ ନିଆଯାଇଛି। ସ୍କୁଲ ଯାଉଥିବା ବାଳିକାଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣକୁ ଉନ୍ନତ କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ପାଠ୍ୟକ୍ରମକୁ ପୁନଃ ଡିଜାଇନ କରାଯାଇ ଏହାକୁ ଛାତ୍ରଛାତ୍ରୀ କେନ୍ଦ୍ରୀୟ କରିବା ସହ ମାତୃଭାଷାରେ ଶିକ୍ଷା ଆହରଣ ଓ ଶିକ୍ଷାଦାନକୁ ବିଶେଷ ମହତ୍ତ୍ୱ ଦିଆଯାଇଛି। ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ସଂସ୍କାର ଅଣାଯାଇଛି। ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମଲ୍ଟି ଏଣ୍ଟ୍ରି ଏକଜିଟ ସହ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ସୁବିଧା ସୁନିଶ୍ଚିତ କରାଯାଇଛି। ସ୍କୁଲ, ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷାର ଏକୀକରଣ କରିବା ପାଇଁ ଟେକ୍ନୋଲୋଜି ଭିତ୍ତିଭୂମି ଯଥା ନ୍ୟାସନାଲ ଲେବଲ ଷ୍ଟୁଡେଣ୍ଟ ରେଜିଷ୍ଟ୍ରି, ଏକାଡ଼େମିକ ବ୍ୟାଙ୍କ ଅଫ କ୍ରେଡିଟ ଆଣ୍ଡ ସ୍କିଲ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଇ-ବିଦ୍ୟା ପାଇଁ ୨୬୦ ଟିଭି ଚ୍ୟାନେଲ। ସ୍କିଲ ଲ୍ୟାବ ଏବଂ ଶିଳ୍ପ ଶିକ୍ଷାନୁଷ୍ଠାନ ମଧ୍ୟରେ ସଂଯୋଗୀକରଣ କରାଯାଇ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ଶିକ୍ଷା ସହ ଯୋଡ଼ାଯାଉଛି। ନିଯୁକ୍ତି କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କୁ ଶିଳ୍ପ କ୍ଷେତ୍ରରେ ଇଣ୍ଟର୍ଣ୍ଣସିପ ଏବଂ ଆପ୍ରେଣ୍ଟିସିପ ପ୍ରଦାନ କରାଯାଇ ଛାତ୍ରଛାତ୍ରୀଙ୍କ ଅଭିଜ୍ଞତା ପ୍ରଦାନ କରିବା ଦିଗରେ ପ୍ରାଧାନ୍ୟ ଦିଆଯାଇଛି। ପିଏମ ଇବିଦ୍ୟା ପଦକ୍ଷେପ ସ୍ୱରୂପ ଦୀକ୍ଷା, ଇ-ପାଠଶାଳା, ସ୍ୱୟଂ ପ୍ରଭା ଟିଭି ଏବଂ ୨୬୦ରୁ ଅଧିକ ଟିଭି ଚ୍ୟାନେଲର ବ୍ୟବସ୍ଥା କରାଯାଇଛି।

ଶିକ୍ଷାର ଅନ୍ତର୍ଜାତୀୟକରଣକୁ ଗୁରୁତ୍ୱ : ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ। ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ। ଭାରତରେ ଥିବା ଶିକ୍ଷାନୁଷ୍ଠାନ ବିଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ସହ ମିଶି ଛାତ୍ରଛାତ୍ରୀଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆଇଆଇଟି ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦେଶରେ ନିଜ କ୍ୟାମ୍ପସ ଆରମ୍ଭ କରିବା ପାଇଁ ଯାଉଛନ୍ତି। ଏହାବ୍ୟତୀତ ଭାରତରେ ବୈଦେଶିକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପଥରେ ଆଗେଇଛି।

୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

# ଭକ୍ତି କରୁଛୁ, ତଥାପି ଦୁଃଖ ଯାଉନାହିଁ..

॥ ବିପିନ ବିହାରୀ ରାଉତ ॥

ସଂସାରର ରୀତି ଏହିପରି ଯେ କେହି ଏଠାରେ ଦୁଃଖକଷ୍ଟ ଚାହାନ୍ତି ନାହିଁ କି ତାକୁ ଗ୍ରହଣ କରିପାରନ୍ତି ନାହିଁ। ଯଦି କେହି ଘୋର ସନ୍ତାପରେ ଅଛନ୍ତି ଏବଂ ସେଥିରୁ ମୁକୁଳିପାରୁ ନାହାନ୍ତି ତାହେଲେ ଭଗବାନଙ୍କର ଅସ୍ତିତ୍ୱ ନେଇ ମନରେ ପ୍ରଶ୍ନ ଛିଡ଼ା କରିଦିଅନ୍ତି। ଏହାପରେ ନାସ୍ତିକ ବା ଯୁକ୍ତିବାଦୀମାନଙ୍କ ସହିତ ସଙ୍ଗ ହୋଇଗଲେ ମନ ଆହୁରି ଗୋଳମାଳିଆ ହୋଇଉଠେ। ବିଶ୍ୱାସରୂପକ ବୃକ୍ଷଟି ମନ ଭିତରୁ ଉପୁଡ଼ିଯାଏ। ସମସ୍ତଙ୍କ ପରି ସାଇଭକ୍ତମାନଙ୍କ ପ୍ରତି ମଧ୍ୟ ଏହା ପ୍ରଯୁଜ୍ୟ। ଏହା ସତ୍ୟ ଯେ ଅଧିକାଂଶ ସାଇଭକ୍ତ ସମର୍ଥ ସଦ୍‌ଗୁରୁ ଶିରିଡ଼ି ସାଇବାବାଙ୍କର ପ୍ରତ୍ୟକ୍ଷ କୃପା ବା ଅନୁଭୂତି ଲାଭ କରିଛନ୍ତି। ଏହା ନ ହୋଇଥିଲେ ସେମାନେ କେବେ ବି ଏହି ମାର୍ଗରେ ଆସିନଥାନ୍ତେ କି ଶିରିଡ଼ି ସାଇବାବାଙ୍କର ପୂଜା କରୁନଥାନ୍ତେ। ତଥାପି ଯଦି ଏହିପରି କେହି ଭକ୍ତ ଥିବେ ଏବଂ ସାଇବାବାଙ୍କର କୃପା ବା ଅନୁଭୂତି ଲାଭ ନକରି ମଧ୍ୟ ତାଙ୍କର ପୂଜା ଓ ଭକ୍ତି କରୁଥିବେ ତାହେଲେ ତାଙ୍କୁ ଧନ୍ୟବାଦ ଦେବାକୁ ହେବ। ସେହିପରି ବ୍ୟକ୍ତି ପ୍ରକୃତରେ ଭାଗ୍ୟବାନ। ସାଇଭକ୍ତମାନେ ଏହି ଦୃଷ୍ଟିରୁ ଭାଗ୍ୟବାନ ଯେ ବାବାଙ୍କର ଅନୁଭୂତି ଲାଭ କରିବା ପରେ ସେମାନଙ୍କର ବିଶ୍ୱାସ ଦୃଢ଼ ହୋଇଥାଏ। ଏହାପରେ ଏହାକୁ ଜାରି ରଖି ଉତ୍ତରୋତ୍ତର ବୃଦ୍ଧି କରିବା ହେଉଛି ଭକ୍ତର ଦାୟିତ୍ୱ। ଶିରିଡ଼ି ସାଇବାବାଙ୍କ ପରି ସଦ୍‌ଗୁରୁଙ୍କର ବିଶେଷତ୍ୱ ହେଉଛି ସେମାନେ ପ୍ରଥମେ କୌଣସି ନା କୌଣସି ଉପାୟରେ ଅନୁଭୂତି ପ୍ରଦାନ କରି ଭକ୍ତର ହୃଦୟରେ ବିଶ୍ୱାସରୂପକ ବୀଜ ରୋପଣ କରିଦିଅନ୍ତି। ଏହାପରେ ତାର ବିବେକ ଜାଗ୍ରତ କରି ଅଜ୍ଞାନତା ଦୂର କରନ୍ତି। ଏହି ସ୍ତରରେ ପହଞ୍ଚିଲା ପରେ ଭକ୍ତର ଧୈର୍ଯ୍ୟଶକ୍ତି ବୃଦ୍ଧି ପାଏ। ରାଗ, ଅହଂକାର ଆଦି ଦୂର ହୋଇଯାଏ। ଏହାପରେ ସ୍ତର ସ୍ତର ଦେଇ ଉନ୍ନତି ପଥରେ ସେ ଯାତ୍ରା କରେ। କିନ୍ତୁ ସବୁ ଭକ୍ତ ଏହିପରି ଉପରକୁ ଉପରକୁ ଯିବାକୁ ସମର୍ଥ ହୋଇପାରନ୍ତି ନାହିଁ। ଅନେକ ଅଧାବାଟରେ ଧୈର୍ଯ୍ୟ ହରାଇ ବସନ୍ତି ଓ ବାଟ ହୁଡ଼ିଯାଆନ୍ତି। ଫଳରେ ସେମାନଙ୍କର ଉନ୍ନତି ପଥ ରୁଦ୍ଧ ହୋଇଯାଏ।

ଏହିପରି ଭକ୍ତମାନେ ମନରେ ନାନାଦି ଅଭିମାନ ପୋଷଣ କରନ୍ତି। ଆମେ ଭଗବାନଙ୍କର ଏତେ ପୂଜା ପାଠ କରୁଛୁ, ବ୍ରତ ଉପାସନା କରୁଅଛୁ, ତଥାପି ଦୁଃଖ ତ ଦୂରହେଉନାହିଁ। ଏହିକଥାକୁ ମନରେ ଧରି ସେମାନେ ଭଗବାନଙ୍କ ନିକଟରୁ ଅର୍ଥାତ୍ ଭକ୍ତି ମାର୍ଗରୁ ହୁଡ଼ି ଯାଆନ୍ତି।

ସୁତରାଂ ବାବାଙ୍କ କୃପାରୁ ଏହିପରି ବ୍ୟକ୍ତିମାନଙ୍କ ଭିତରେ ପ୍ରେରଣା ଜାତ କରି ସଂସାରର ପ୍ରକୃତ ବାସ୍ତବତା ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବା ଅଭିପ୍ରାୟରେ ଅନେକ ସାଇଲୀଳା ସମ୍ପର୍କିତ ଓ ଶିରିଡ଼ି ସାଇଙ୍କ ଦିବ୍ୟ ମହିମାର ଗାଥା ଶୁଣିବାକୁ ଓ ପଢ଼ିବାକୁ ମିଳିଥାଏ। ଥରେ ଭାବି ଦେଖନ୍ତୁ ପ୍ରହ୍ଲାଦ କେତେ ବଡ଼ ଭକ୍ତ ନଥିଲେ ! ସବୁକିଛି ହାତ ପାଆନ୍ତାରେ ଥିଲା। ତଥାପି ତାଙ୍କୁ ଏତେ କଷ୍ଟ ଓ ପୀଡ଼ା ଯାତନା ଭୋଗିବାକୁ ପଡ଼ିଲା କାହିଁକି ? ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ତେବେ ଭକ୍ତର ସଂଜ୍ଞା କ'ଣ ? ସାଇ ସତ୍‌ଚରିତରେ ବାବା କହିଛନ୍ତି ଯିଏ ଅନ୍ୟକୁ କଷ୍ଟ ଦିଏ, ସେ ମୋତେ କଷ୍ଟ ଦିଏ ଏବଂ ଏହାର ବିପରୀତ ଯିଏ କଷ୍ଟ ସହ୍ୟ କରେ ସେ ମୋର ଅତ୍ୟନ୍ତ ପ୍ରିୟ। ଆଜି ଆଉ ଜଣେ ଭକ୍ତଙ୍କର କଥା ଆଲୋଚନା କରିବା। ଏହି ଭକ୍ତଜଣକ ହେଲେ ମୀରାବାଈ। ତାଙ୍କ ସମ୍ପର୍କରେ ଅନେକ ଶୁଣିଥିବେ ଓ ପଢ଼ିଥିବେ। ପ୍ରହ୍ଲାଦଙ୍କ ଭଳି ଏହା ବହୁଶହ ବର୍ଷ ତଳର ପୁରୁଣା ଘଟଣା ନୁହେଁ ଯେ କାଳ୍ପନିକ ମନେ ହେବ। ମାତ୍ର ପାଞ୍ଚଶହ ବର୍ଷ ତଳର ଘଟଣା। ମୀରାବାଈଙ୍କର କଥା ଇତିହାସରେ ମଧ୍ୟ ଉଲ୍ଲେଖ ହୋଇଛି। ସେ ରାଜ ପରିବାରର ସଦସ୍ୟ ଥିଲେ। ଭଗବାନଙ୍କୁ ପାଇବା ପାଇଁ କ'ଣ ତ୍ୟାଗ ନକଲେ। ହେଲେ ଏହି ମହତ୍ କାର୍ଯ୍ୟରେ ତାଙ୍କର ଘର ପରିବାର ଲୋକେ ସହାୟତା କରିବା ପରିବର୍ତ୍ତେ ତାଙ୍କୁ ବିରୋଧ କଲେ କାହିଁକି ? ଖାଲି ବିରୋଧ ତ କଲେ ନାହିଁ ବିଷ ପିଆଇ ମାରିଦେବାକୁ ପ୍ରୟାସ କଲେ କାହିଁକି ? ଏହା ଗୋଟିଏ ଜଟିଳ ପ୍ରଶ୍ନ। ଏହିପରି ଅନେକ ପ୍ରଶ୍ନର ଉତ୍ତର ଖୋଜି ପାଠକମାନଙ୍କୁ ପରଶିବା ପାଇଁ ସ୍ୱୟଂ ବାବାଙ୍କର ପ୍ରେରଣାରେ ବର୍ଷ ବର୍ଷ ଧରି ଅନେକ ଶିରିଡ଼ି ସାଇଙ୍କର ମହିମା ସମ୍ପର୍କିତ ପତ୍ରପତ୍ରିକା ଓ ପୁସ୍ତକ ହୋଇ ଆସୁଛି। ବାବାଙ୍କ ଇଚ୍ଛା ତାଙ୍କର ଭକ୍ତମାନେ ଏଥିରେ ପ୍ରକାଶ ପାଉଥିବା ତାଙ୍କର ଲୀଳା ଓ କଥାମାନ ପାଠ କରି ଭକ୍ତିଭାବରେ ରୋମାଞ୍ଚିତ ହୁଅନ୍ତୁ ଏବଂ ସଦାସର୍ବଦା ଈଶ୍ୱରଙ୍କର ସ୍ମରଣ ଓ ସାନ୍ନିଧ୍ୟରେ ରହନ୍ତୁ। ଏବେ ବାବା ସଶରୀରରେ ନାହାନ୍ତି ବୋଲି କେହି ଅନୁଭବ କରୁଥିଲେ ତାକୁ ଏହି କଥାସବୁ ଜୀବନ୍ତ ଚେତନାର ଅନୁଭୂତି ଆଣିଦେବ। ତଥାପି ଯଦି କାହା ପାଇଁ ଏହା ରୁଚିକର ନହେଲା, ତାହେଲେ କ'ଣ କରାଯିବ ? ଜୀବନସାରା ଆଉ ଦୁଃଖ କି କ୍ଳେଶର ଚିହ୍ନ ରହିବ ନାହିଁ ଜଣେ ସାଇଭକ୍ତ ଗୋଟିଏ କୌତୁହଳପ୍ରଦ କାହାଣୀ ବର୍ଣ୍ଣନା କରୁଥିଲେ। ଅଞ୍ଚଳର ଏକ ଦମ୍ପତି ବହୁ ପୂଜା, ବ୍ରତ, ଉପାସନା ଆଦି କଲେ ପୁତ୍ର ସନ୍ତାନଟିଏ ପ୍ରାପ୍ତି ଲକ୍ଷ୍ୟରେ। ଏମିତି କୌଣସି ଦେବାଦେବୀଙ୍କର ପୂଜା ନାହିଁ ସେମାନେ କରିନାହାନ୍ତି। ଶେଷରେ କାହାଠାରୁ ଶୁଣି ଶିରିଡ଼ି ସାଇ ସତ୍‌ଚରିତ ଯୋଗକୁ ବାବାଙ୍କ କୃପାରୁ ତାଙ୍କର ପୁତ୍ର ସନ୍ତାନଟିଏ ହେଲା। କିନ୍ତୁ ଯେଉଁଦିନ ପୁତ୍ରଲାଭ ହେଲା ମାନସିକ ପୂରଣ ହୋଇଗଲା ଜାଣି ସତ୍‌ଚରିତ ପଢ଼ା ବି ବନ୍ଦ ହୋଇଗଲା। ଏପରି ଲୋକମାନେ ଚିରକାଳ ଭଗବାନଙ୍କ ସାନ୍ନିଧ୍ୟ ବା କୃପା ପାଇବେ ବୋଲି କେହି ଯଦି ଭାବୁଥିବେ, ତାହେଲେ ସେମାନଙ୍କୁ କି ଉତ୍ତର ଦିଆଯିବ। ଆମ ଦୁନିଆର ଚାରିପଟରେ କେବଳ ଏହିପରି ମାନସିକତା ! ! ଏହା ରୁଗ୍ଣ କି ଆଉ କ'ଣ ତାହା ଆମର ଆଲୋଚନାର ପରିସର ବାହାରେ। ଗୋଟିଏ ଭଲ ଜିନିଷ ପଢ଼ିବାରେକି ଜାଣିବାରେ ତ ଆମର ଧୈର୍ଯ୍ୟ କି ଆଗ୍ରହ ରହୁନାହିଁ; ଆଉ ପ୍ରହ୍ଲାଦ, ମୀରାବାଈଙ୍କ ଭଳି ପରୀକ୍ଷା ହେଲେ କ'ଣ କହିବା ! ! ତଥାପି ଆମର ଇଚ୍ଛା ସେହିଭଳି ଭକ୍ତର ମାର୍କା ମିଳିଯାଆନ୍ତା। ଆମର ନାମ, ଯଶ, ଧନ, ସବୁ କିଛି ଚିରକାଳ ପାଇଁ ରହିଯାଆନ୍ତା। ଏହା କ'ଣ କେବେ ସମ୍ଭବ ? ଦୁନିଆରେ ସେମିତି କିଛି ହୁଏନାହିଁ। ଦୁନିଆରେ ଚଳିବା ଅତି କଷ୍ଟକର। ପ୍ରିୟ ପାଠକଗଣ, ଆପଣମାନଙ୍କୁ ବିନମ୍ରତାପୂର୍ବକ ଗୋଟିଏ ନିବେଦନ। ଶ୍ରୀ ସାଇଙ୍କର କୃପାରୂପୀ ଚରଣକୁ କେବେ ମନ ଭିତରୁ ଦୂର କରନ୍ତୁ ନାହିଁ। ଯଦି ପ୍ରତିକୂଳ ସମୟ ଦେଇ ଗତି କରୁଛନ୍ତି ତାହେଲେ ତାହା ନିଜ ଜୀବନର ସବୁଠାରୁ ଅନୁକୂଳ ସମୟ ମନେ କରି ଭଗବାନଙ୍କର ନିକଟତର ହେବାକୁ ଚେଷ୍ଟା କରନ୍ତୁ।

ଯୁଗ୍ମ ନିର୍ଦ୍ଦେଶକ 'ଓରମାସ୍', କଟକ, ଦୂରଭାଷ : ୯୪୩୭୬୬୬୪୫୩

# କୃଷି ଉପରେ ସ୍ୱତନ୍ତ୍ର ଗୁରୁତ୍ୱ

॥ ଇଂ.ସମ୍ବିଦ ସାଇନାରାୟଣ ଭୂୟାଁ ॥

କୃଷି କେବଳ ଆମର ପେଟପାଟଣା କଥା ନୁହେଁ, ଏହା ଆମ ଆର୍ଥିକ ଓ ସାମାଜିକ ଜୀବନର ମୂଳପିଣ୍ଡ। ଶିଳ୍ପ ଓ ସେବାକ୍ଷେତ୍ରର ପରିସର ବୃଦ୍ଧି ସତ୍ତ୍ୱେ ଓଡ଼ିଶାରେ ଏବେ ମଧ୍ୟ କୃଷି ଓ ତତ୍ ସଂଲଗ୍ନ କ୍ଷେତ୍ର ଏକ ଯୌଗିକ ବେଉସା ଭାବେ ସର୍ବାଧିକ ପ୍ରାୟ ୬୫% ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେଉଛି। ଆମ ଜିଡିପିକୁ ଏହାର ଅବଦାନ ପ୍ରାୟ ୨୨%। ସେବା ୪୨% ଓ ଶିଳ୍ପ ୩୬% ଅଭିବୃଦ୍ଧି ଦେଉଥିବାବେଳେ କୃଷି କ୍ଷେତ୍ରରେ ଏତେ ଅଧିକ ଲୋକ ନିଯୁକ୍ତି ସତ୍ତ୍ୱେ ଜିଡିପିକୁ କମ ଅବଦାନର କାରଣ ହେଲା ଏହା ବିଶେଷ ଲାଭଜନକ ଏ ଯାଏଁ ହୋଇପାରିନାହିଁ। ଆହୁରି ମଧ୍ୟ ଅଧିକାଂଶ ଲୋକ ନିଜର ଖାଦ୍ୟଶସ୍ୟ ଓ ତତ୍‌ଜନିତ ଆବଶ୍ୟକତା ପୂରଣ କରିବାକୁ ଚାଷବାସ, ଗୋପାଳନ, ମାଛଚାଷ ଏବଂ କୁକୁଡ଼ା ପାଳନ ଆଦି ବେଉସା କରନ୍ତି। ତେଣୁ ଆନୁପାତିକ ଭାବେ ଏଥିରୁ ଲାଭ କମ ଆସେ। ସେଥିରେ ପୁଣି ପ୍ରାକୃତିକ ବିପତ୍ତି ଏକ ନିୟମିତ ଘଟଣା। ତେବେ ସେ ଯା'ହେଉ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାରେ କୃଷିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଏକ ଖାଦ୍ୟାଭାବ ରାଜ୍ୟରୁ ଆମେ ଏବେ ଖାଦ୍ୟ ଶସ୍ୟ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇପାରିଛୁ। ଦାଣ୍ଡରୁ ଆସେ ହାଣିରେ ପଶେ ଅବସ୍ଥା ଆଉ ନାହିଁ। ଏହି ସଫଳତା ପଛରେ ରହିଛି ଓଡ଼ିଶା ସରକାରଙ୍କର ନିରବଚ୍ଛିନ୍ନ ପ୍ରୟାସ। ଚାଷ ଜମିକୁ ଜଳସେଚନ ସୁବିଧା ବୃଦ୍ଧି, ନୂଆ କୃଷିନୀତି ଦ୍ୱାରା ଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହନ, ବିଭିନ୍ନ ପ୍ରକାର ଫସଲ ଚାଷ, ଅଣଧାନ୍ୟ ଫସଲ ଚାଷକୁ ପ୍ରୋତ୍ସାହନ, କୃଷି ସହିତ ସମ୍ପୃକ୍ତ ଉଦ୍ୟାନ କୃଷି, ମାଛଚାଷ, ଗୋପାଳନ ଓ ଛେଳି, ମେଣ୍ଢା, କୁକୁଡ଼ା, ବତକ ପାଳନ ଆଦି କାର୍ଯ୍ୟକୁ ଓଡ଼ିଶା ସରକାର ପ୍ରୋତ୍ସାହିତ କରି ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହେଉଛନ୍ତି। ସ୍ୱତନ୍ତ୍ର କୃଷି ବଜେଟ ମାଧ୍ୟମରେ ଚାଷୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ପ୍ରଦାନ କରାଯାଉଛି। ତେଣୁ ଏସବୁ ନାନାବିଧ ଉଦ୍ୟମ ଓ ଯୋଜନାର ସୁଫଳ ଯେ ମିଳିଛି ତାହାକୁ ଅସ୍ୱୀକାର କରିହେବନାହିଁ।

କରୋନା ମହାମାରୀର ପ୍ରଭାବ ଓଡ଼ିଶାର କୃଷିକ୍ଷେତ୍ରକୁ ପ୍ରଭାବିତ କରିଥିଲା। ଏହା ଫଳରେ ୨୦୨୦-୨୧ ଦୁଇ ବର୍ଷ ମଧ୍ୟରେ କୃଷି କ୍ଷେତ୍ରର ଅଭିବୃଦ୍ଧି ୬.୫୪% ସଂକୁଚିତ ହୋଇଥିଲା। ଏବେ ମହାମାରୀର ପ୍ରଭାବ ନାହିଁ। ସବୁ କ୍ଷେତ୍ର ସ୍ୱାଭାବିକ ତେଣୁ କୃଷିକ୍ଷେତ୍ରର ଅଭିବୃଦ୍ଧି ହାର ବଢ଼ାଇବାକୁ ରାଜ୍ୟ ସରକାର ତତ୍ପର। ନିକଟରେ କୃଷି ବିଭାଗର ନବନିଯୁକ୍ତ କର୍ମଚାରୀମାନଙ୍କୁ ଉଦବୋଧନ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଏହି କ୍ଷେତ୍ର ସର୍ବାଧିକ ଲୋକଙ୍କୁ ନିଯୁକ୍ତି ଦେଉଥିବାରୁ ଏହାର ବିକାଶ ଉପରେ ତାଙ୍କ ସରକାର ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି। ସାମାଜିକ ଆର୍ଥିକ ବିକାଶରେ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଏଥିପାଇଁ ସରକାର ସବୁମତେ ଉଦ୍ୟକ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଯଥାର୍ଥ ଏବଂ ସେ ଏହି କ୍ଷେତ୍ରର ଗୁରୁତ୍ୱ ଓ ଅପରିହାର୍ଯ୍ୟତା ଭଲ ଭାବେ ବୁଝିଥିବା ସ୍ପଷ୍ଟ। ସେଥିପାଇଁ ତ ସରକାର କୃଷି କ୍ଷେତ୍ରରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ହସ୍ତକ୍ଷେପ କରି ଏହାର ପ୍ରଗତି ପାଇଁ କାର୍ଯ୍ୟ କରୁଛନ୍ତି। ବସ୍ତୁତଃ, ସମାବେଶୀ ଓ ପ୍ରଗତିଶୀଳ ରାଜ୍ୟ କୃଷି ନୀତି ତାହାର ସ୍ୱତନ୍ତ୍ର ଉଦାହରଣ। ନୂଆ ପ୍ରୟାସରେ ନୂତନ ଓ ଅତିରିକ୍ତ ଲୋକବଳର ଆବଶ୍ୟକତା ରହିଛି। ଏହି ଲୋକଶକ୍ତି ନିଷ୍ଠାର ସହ କାର୍ଯ୍ୟକଲେ କୃଷି କ୍ଷେତ୍ରର ଉନ୍ନତି ନିଶ୍ଚିତ ସମ୍ଭବ। କାଳିଆ ଯୋଜନା ଠାରୁ ଆରମ୍ଭ କରି ବିହନ ମିଶନ ଓ ଧାନ ସଂଗ୍ରହ ଆଦି କାର୍ଯ୍ୟରେ ପ୍ରତ୍ୟେକ କୃଷିଜୀବୀଙ୍କୁ ଉପକୃତ କରିବାକୁ ସରକାର ପ୍ରୟାସ କରୁଛନ୍ତି। ସର୍ବୋପରି କୃଷିକୁ ୫-ଟି ଓ ମୋ ସରକାର ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି। କୃଷିକ୍ଷେତ୍ରରେ ଟେକନୋଲୋଜିର ପ୍ରୟୋଗ ସହିତ ଚାଷକୁ ଅଧିକ ସରଳ ଓ ସହଜ କରିବାକୁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି।

ସତକଥା କହିବାକୁ ଗଲେ ଓଡ଼ିଶା କୃଷି ଆଉ ପୂର୍ବଭଳି ଦୟନୀୟ ଅବସ୍ଥାରେ ନାହିଁ। ରାଜ୍ୟ ଖାଦ୍ୟଶସ୍ୟ ଉତ୍ପାଦନରେ ବଳକା ହୋଇଛି। ଦୁଗ୍ଧ, ମାଛ, ମାଂସ, ଅଣ୍ଡା, କାଜୁ ଓ ଅନ୍ୟାନ୍ୟ ଉଦ୍ୟାନ କୃଷି ଫସଲରେ ଅଗ୍ରଣୀ ରହିଛି। ଏହାସତ୍ତ୍ୱେ ଏ କ୍ଷେତ୍ରରେ ଆହୁରି ଅନେକ କିଛି ସମସ୍ୟା ରହିଛି। ସେଥିରୁ ପ୍ରଥମଟି ହେଲା ଚାଷବାସ କ୍ଷେତ୍ରରେ ଆବଶ୍ୟକତା ଠାରୁ ଅଧିକ ଲୋକ ରହିଛନ୍ତି। ସେମାନଙ୍କୁ ଅନ୍ୟତ୍ର ବିକଳ୍ପ ଓ ଯଥାର୍ଥ ରୋଜଗାର ସୁବିଧା ଯୋଗାଇବାକୁ ପଡ଼ିବ। ଦ୍ୱିତୀୟ କଥା ହେଲା ଧାନଚାଷ ପରିମାଣ କମାଇ, ସେ ଜମିରୁ ତୈଳବୀଜ, ପନିପରିବା ସମେତ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ହେବ। ରାଜ୍ୟ ସରକାର ଏ କ୍ଷେତ୍ରରେ ଅବଶ୍ୟ କିଛି ପଦକ୍ଷେପ ଆରମ୍ଭ କରି ଅଣଧାନ୍ୟ ଫସଲ ଚାଷକୁ ଉତ୍ସାହିତ କରୁଛନ୍ତି। ତୃତୀୟ କଥାଟି ହେଲା ଗ୍ରାମାଞ୍ଚଳରେ ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ କୃଷିଜାତ ଦ୍ରବ୍ୟର ସଂଗ୍ରହ ଓ ବିପଣନକୁ ଅଧିକ ସୁସଂହତ କରିବାକୁ ହେବ ଏବଂ ଖାଦ୍ୟ ଶସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ଅଧିକ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଚାଷୀ ଯେପରି ଠିକ୍ ସମୟରେ ସାର, କୀଟନାଶକ ଓ ବିହନ ପାଆନ୍ତି, ସେ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ହେବ। ସର୍ବୋପରି କୃଷି ବିଭାଗର କ୍ଷେତ୍ରସ୍ତରରେ କର୍ମଚାରୀ ଅଭାବ ରହିଛି। ଫଳରେ ଚାଷୀ ଉପଯୁକ୍ତ ପରାମର୍ଶ ଓ ଦିଗଦର୍ଶନ ପାଉନାହାନ୍ତି। ସେଥିପ୍ରତି ସରକାରଙ୍କୁ ଅଗ୍ରାଧିକାର ଭିତ୍ତିରେ କାମ କରିବାକୁ ପଡ଼ିବ। ସରକାର କୃଷିକ୍ଷେତ୍ରକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ଅର୍ଥ ସମଗ୍ର ବିଭାଗ ଏହାର ଗୁରୁତ୍ୱକୁ ଅନୁଭବ କରୁଥିବେ ନିଶ୍ଚୟ। ତେଣୁ ତାଙ୍କ ଲକ୍ଷ୍ୟ ପୂରଣ କରିବା ଦିଗରେ ସମ୍ପୃକ୍ତ ବିଭାଗ ସଫଳ ହେବ ବୋଲି ଆଶା କରିବା ସ୍ୱାଭାବିକ। ରାଜ୍ୟର ଅର୍ଥ ବିଭାଗ ଭଲ କାମ କରୁଛି। ଏବେ ଅର୍ଥର ଅଭାବ ସରକାରଙ୍କର ନାହିଁ। ତେଣୁ ଯେଉଁସବୁ ଅଗ୍ରାଧିକାର କ୍ଷେତ୍ର ଅଧିକ କର୍ମଚାରୀ, ସମ୍ବଳ ଓ ରାଜକୃପା ମାଗୁଛି, ତାହାକୁ ପୂରଣ କରାଯିବା ଉଚିତ।

**ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,ମୋ ୯୪୩୯୮୬୫୪୩୧**

## ବାଲିପାଟଣା କ୍ଷତ୍ରିୟ ଗଡ଼ରେ ଅସ୍ତ୍ରଶସ୍ତ୍ର ପୂଜା



ବାଲିପାଟଣା, (ମହାଭାରତ )ଶାରଦିୟ ଦୁର୍ଗାପୂଜା ଅବସରରେ ଷୋଡଶ ପୂଜା ବିଭିନ୍ନ ଦେବୀ ପୀଠରେ ଧୁମଧାମରେ ପାଳିତହୋଇଯାଇଅଛି। ଏହି ଅବସରରେ ବାଲିପାଟଣା ଭଇଁରା ଗଡ଼ରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ପୂଜା ବିଧି ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ ଭଇଁରା ନିଜିଗଡ଼ ଗ୍ରାମରେ ଶୁକ୍ରବାର ଓ ଭାକରସାହି ପଞ୍ଚାୟତ ଗଡ଼ ଚାରିପଡା ଗ୍ରାମରେ ମଙ୍ଗଳବାରଠାରୁ ପାରମ୍ପରିକ ହାତ ହତିଆର ଚାରି ପୂଜା ଆରମ୍ଭ ହୋଇଥିଲା। ଭଇଁରା ନିଜିଗଡ଼ର ୮୦ ପରିବାର ଓ ଗଡ ଚାରିପଡାର ୭୦ କ୍ଷେତ୍ରୀୟ ପରିବାରରେ ଥିବା ପାଟ ଖଣ୍ଡା, ଫାର୍ସା, ତଲୱାର, ଗୁପ୍ତ,ବର୍ଚ୍ଛା, ଢାଲ, ଭୁଜାଲି ଆଦି ପୂଜାରେ ବସିଥିଲା। ଭଇଁରା ନିଜିଗଡ଼ର ମା'କନକ ଦୁର୍ଗାଙ୍କ ପୀଠରେ ହତିଆର ପୂଜାରେ ବସିଥିଲା। ଗୁରୁବାର ଦିନ ବିଜିୟା ଦଶମୀରେ ସ୍ୱତନ୍ତ୍ର ପୂଜା ରୀତିନୀତି ଓ ହୋମକରାଯାଇଥିଲା। ହତିଆର ପୂଜାରୁ ଉଠିଲା ପରେ ପାରମ୍ପରିକ ରୀତିନୀତିରେ କ୍ଷେତ୍ରୀୟମାନେ ଶୋଭାଯାତ୍ରାରେ ବାହାରି ପାଇକ ଆଖଡ଼ା ଖେଳ ପ୍ରଦର୍ଶନ କରିଥିଲେ। କର୍ତ୍ତା ଭାବେ ସୁବାସ ଚନ୍ଦ୍ର ପାତ୍ର ଦିର୍ଘ ଦିନ ହେବ ସମ୍ପାଦନ କରି ଆସୁଛନ୍ତି।

## ଏସଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରି ଘଟଣାରେ ନୂଆପଡାରୁ ୨ ଯୁବକ ଗିରଫ





ଖଡ଼ିଆଳ, (ମହାଭାରତ): ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ସବ-ଇନ୍ସପେକ୍ଟର (ଏସଆଇ) ପରୀକ୍ଷାରେ କପି କରିବାକୁ ଚେଷ୍ଟା କରୁଥିବା ୧୧୭ ଜଣ ପ୍ରାର୍ଥୀଙ୍କୁ ଗିରଫ କରାଯାଇଥିବା ବେଳେ ଏଥି ମଧ୍ୟରୁ ନୂଆପଡା ଜିଲ୍ଲାର ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଗିରଫ ବ୍ୟକ୍ତି ଦ୍ୱୟ ହେଲେ ଜଣେ କୋମନା ବ୍ଲକ୍ ଭେଲା ଗ୍ରାମର ଶ୍ରୀବଷ୍ଟ ଶବରଙ୍କ ପୁଅ ଲିଙ୍ଗରାଜ ଶବର ଓ ଅନ୍ୟ ଜଣେ ହେଲେ ସଦର ସିନାପାଲି ର ଈଶ୍ୱର ପ୍ରସାଦ ମେହେରଙ୍କ ପୁଅ ପ୍ରଭାତ କୁମାର ମେହେର ବୋଲି ସୂଚନାରୁ ଜଣାପଡିଛି । ସମସ୍ତଙ୍କୁ ଗିରଫ କରାଯିବା ସହିତ ଓଡିଶାରେ ଏସ ଆଇ ନିଯୁକ୍ତି ଦୁର୍ନୀତିର ଏକ ବଡ ପର୍ଦ୍ଦାଫାସ ହୋଇଛି। ପୋଲିସର ସୂଚନା ଅନୁଯାୟୀ ଦାୟିତ୍ୱ ରେ ଥିବା ବୋର୍ଡ ସଂସ୍ଥା ପିଲା ମାନଙ୍କୁ ପରୀକ୍ଷା ଅଭ୍ୟାସ ବାହାନ ରେ ହାଇଦ୍ରାବାଦ ନେଇ ଯାଉଥିଲା । ଯେଉଁ ଠାରେ ପରୀକ୍ଷା ପରିଚାଳନା ସମେତ ପ୍ରଶ୍ନପତ୍ର ଆଗତୁରା ଦେବାର ଯୋଜନା କରାଯାଇଥିଲା। ଏପରିକି ହାଇଦ୍ରାବାଦରେ ଏକ ମହଲା କୋଠା ମଧ୍ୟ ଭଡାରେ ନିଆଯାଇଥିଲା। ଏକ ଗୁପ୍ତ ସୂଚନା ଆଧାର ରେ ଅପବ୍ୟବହାର କରିଥିବା ନେଟୱାର୍କର ପର୍ଦ୍ଦାଫାସ କରିଥିଲା । ଗୁପ୍ତ ସୂଚନା ଆଧାରରେ କାର୍ଯ୍ୟ କରି ବ୍ରହ୍ମପୁର ପୋଲିସ ଗୋଲନ୍ଥରାରେ ଆନ୍ଧ୍ର ପ୍ରଦେଶ ସୀମା ନିକଟରେ ତିନୋଟି ଏସି ସ୍ଲିପର ବସ୍‌କୁ ଅଟକାଇ ତନଖି ସହ ପଚରାଉଚରା କରାଯାଇଥିଲା । ତନଖି ସମୟରେ ସମସ୍ତ ବସ୍ ?ରେ ଭୁବନେଶ୍ୱର ଏବଂ ବରମୁଣ୍ଡାରୁ ଆସିଥିବା ପ୍ରାର୍ଥୀମାନେ ଥିଲେ ଏବଂ ତିନି ଜଣ ମଧ୍ୟସ୍ଥି (ଏଜେଣ୍ଟ/ ଦଲାଲ) ସେମାନଙ୍କୁ ବିଜୟନଗରମ୍ ନେଇଯାଉଥିଲେ ବୋଲି ଜାଣିପାରିଥିଲେ । ଯୋଜନା ଥିଲା ବିଜୟନଗରମରେ ଗୋପନୀୟ ପ୍ରଶ୍ନପତ୍ର ବେଆଇନ ଭାବରେ ହାସଲ କରି ଭୁବନେଶ୍ୱର ଫେରିଯିବା, ଯେଉଁଠାରେ ପ୍ରାର୍ଥୀମାନଙ୍କୁ ପରୀକ୍ଷାରେ ସହାୟତା କରାଯିବ ବୋଲି ପ୍ରତିଶୃତି ଦିଆଯାଇଥିଲା ଓ ପ୍ରତ୍ୟେକ ଆଶାୟୀ ପରୀକ୍ଷା ପୂର୍ବରୁ ୧୦ ଲକ୍ଷ ଦେବାକୁ ରାଜି ହୋଇଥିଲେ ଏବଂ ଚାକିରି ପାଇବା ପରେ ଅତିରିକ୍ତ ୧୫ ଲକ୍ଷ ଦେବାକୁ ରାଜି ହୋଇଥିଲେ ବୋଲି ଅଭିଯୋଗ ହୋଇଛି। ଏଭଳି ଏକ ଗୁରୁଦାୟିତ୍ୱ ଏସ ଆଇ ପଦବୀ ପାଇଁ ଟଙ୍କାର କଲେଙ୍କାରି ମଧ୍ୟରେ ବୋର୍ଡ ସଂସ୍ଥା ବୁଡି ଯିବା ଭଳି ଘଟଣା ଓଡ଼ିଶା ଇତିହାସ ରେ ପ୍ରଥମ ଏବଂ ଏକ କଳଙ୍କ ସୃଷ୍ଟି କରିଛି । ପ୍ରକୃତ ଯୋଗ୍ୟ ପ୍ରାଥୀ ବଞ୍ଚିତ ହେଉଛନ୍ତି ବୋଲି ବୁଦ୍ଧିଜୀବୀଙ୍କ ମହଲରେ ବେଶ ଚର୍ଚ୍ଚା ହେଉଛି। ଏହି କେଲେଙ୍କାରୀ ରେ ନିୟୋଜିତ ଥିବା ସମସ୍ତଙ୍କୁ କଠୋର ଦଣ୍ଡ ଦେବାସହ ଆଗାମୀ ଦିନରେ ଏଭଳି ବେଆଇନ କାର୍ଯ୍ୟ ନହେଉ ବୋଲି ବୁଦ୍ଧିଜୀବୀ ମାନେ ଚର୍ଚ୍ଚା କରୁଛନ୍ତି ।

## ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ଗାନ୍ଧୀ ଜୟନ୍ତୀ ଏବଂ ସ୍ୱଚ୍ଛ ଭାରତ ଦିବସ ପାଳିତ

ପାରାଦୀପ, (ମହାଭାରତ) : ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜନ୍ମ ବାର୍ଷିକୀ ଦେଶଭକ୍ତି ଏବଂ ଉତ୍ସାହ ସହିତ ଇଣ୍ଡିଆନ୍ ଅଏଲ୍ ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ଅକ୍ଟୋବର ୨ ଗୁରୁବାର ଦିନ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ଅଧିକାରୀ ତଥା ଅନ୍ୟ ଅତିଥି ମାନଙ୍କ ଉପସ୍ଥିତିରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁ ପୁଷ୍ପମାଲ୍ୟ ଅର୍ପଣ କରି ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗାନ୍ଧିଜୀଙ୍କ ଶିକ୍ଷାକୁ ମନେ ପକାଇ ଶ୍ରୀ ବସୁ କହିଥିଲେ ଯେ ସରଳତା, ସତ୍ୟ ଏବଂ ଅହିଂସା ପରି ମୂଲ୍ୟଗୁଡିକ ସମୟ ପରୀକ୍ଷିତ ଏବଂ ଚିରସ୍ଥାୟୀ ଅଟେ । ଶ୍ରୀ ବସୁ ସମସ୍ତଙ୍କୁ ସ୍ୱଚ୍ଛତାର ଶପଥ ପାଠ ମଧ୍ୟ କରାଇଥିଲେ। ସ୍ୱଚ୍ଛତା ହିଁ ସେବା ଅଭିଯାନର ସମାପନକୁ ଚିହ୍ନିତ କରି ଏହି କାର୍ଯ୍ୟକ୍ରମକୁ ସ୍ୱଚ୍ଛ ଭାରତ ଦିବସ ଭାବରେ ପାଳନ କରାଯାଇଥିଲା।

## ସାଂସଦଙ୍କ ଜନ୍ମଦିନରେ ବନ୍ଧୁ ମିଳନ

ଦଶପଲ୍ଲା, (ମହାଭାରତ): କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଜନ୍ମଦିନ ଅବସରରେ କୁଆଁରିଆ ବଙ୍ଗଳା ଠାରେ ଆୟୋଜିତ ବନ୍ଧୁ ମିଳନ ଏକ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଥିଲା। ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ର ବିଭିନ୍ନ ପଂଚାୟତ ଏବଂ ଏନ ଏ ସି ରୁ ଆସିଥିବା ସମର୍ଥକ, ସାମାଜିକ କର୍ମୀ, ଗଣମାନ୍ୟ ବ୍ୟକ୍ତିବିଶେଷ ଓ ସାଧାରଣ ନାଗରିକଙ୍କର ବ୍ୟାପକ ସହଭାଗୀତା ଏହି କାର୍ଯ୍ୟକ୍ରମକୁ ସାର୍ଥକ କରିଥିଲେ। ଅନୁଷ୍ଠାନରେ ସାଂସଦଙ୍କର ସାମାଜିକ ଦୃଷ୍ଟିଭଙ୍ଗୀ, ସରଳ ଜୀବନଶୈଳୀ ଓ ନିଷ୍ଠାପୂର୍ଣ୍ଣ ଲୋକସେବାର ପ୍ରଶଂସା କରାଯାଇଥିଲା। "ଜନତାଙ୍କ ପ୍ରେମ ଓ ଆଶୀର୍ବାଦ ମୋର ପାଇଁ ସବୁଠୁ ବଡ଼ ପୁଞ୍ଜି। ସାଂସଦଙ୍କ "ଜନସମ୍ପର୍କରେ ନିରନ୍ତର ସଚେତନ, ସାଧାରଣ ଲୋକଙ୍କ ଆଶାଭରସାର ପ୍ରତିକ" ଲୋକସେବା ହିଁ ସାଂସଦଙ୍କ ପ୍ରଧାନ ଲକ୍ଷ୍ୟ ଓ ପ୍ରେରଣା ବୋଲି ବର୍ଣ୍ଣନା କରିଥିଲେ।"ଜନ୍ମଦିନକୁ କେବଳ ଉତ୍ସବରେ ସୀମିତ ନ ରଖି ସାମାଜିକ ସେବା ସହିତ ସମ୍ପୃକ୍ତ କରିଦେବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ।ଏହି ବନ୍ଧୁ ମିଳନ ରେ ବିଜେପି ବିଧାୟକ ପ୍ରାଥୀ ରାଘବ ମଲ୍ଲିକ, ଦଶପଲ୍ଲା ଏନ ଏ ସି ସାଂସଦ ଙ୍କ ପ୍ରତିନିଧି ଅଞ୍ଜନ ଦାସ, ବ୍ଲକ ପ୍ରତିନିଧି କିଶୋର ଦଳବେହେରା, ଏନ ଏ ସି ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ, ଦଶପଲ୍ଲା ବ୍ଲକ ର ପୋଖରୀଗୋଚ୍ଛା ସମିତିସଭ୍ୟ ବାପୁଜୀ ସାହୁ, ବରିଷ୍ଠ ସଂଗଠକ ପ୍ରଦୋଷ କୁମାର ଜେନା,ଗଣିଆ ବ୍ଲକ ପ୍ରତିନିଧି ଶରତ କୁମାର କର,ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ଙ୍କ ସହିତ ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ବାର୍ଷିକ ଆଲୋଚନା ଚକ୍ର ଅନୁଷ୍ଠିତ





ଆସିକା, (ମହାଭାରତ) : ଆସିକା ବ୍ଲକ ଅନ୍ତର୍ଗତ କେନ୍ଦୁପଦରସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ତରଫରୁ ତାହାର ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ଅମର ପ୍ରସାଦ ବିଷୋୟୀ ସଭାପତିତ୍ୱ ପଦ ଗ୍ରହଣ କରିଥିଲେ ଏବଂ ସାଧନ ବ୍ୟକ୍ତି ଭାବରେ ଆସ୍କା ବିଜ୍ଞାନ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗିୟ ମୁଖ୍ୟ ଡକ୍ଟର ଅଭୟ କେଶରୀ ପରିଛା ପଟ୍ଟନାୟକ ଯୋଗଦାନ କରି ଏହି ଆଲୋଚନା ଚକ୍ରର ବିଷୟବସ୍ତୁ 'ମାନବାଧିକାର: ଗଣତନ୍ତ୍ରର ସଫଳତା ପାଇଁ ଏକ ଅପରିହାର୍ଯ୍ୟ ଭିତ୍ତିଭୂମି – ଭାରତର ଏକ କେସ୍ ଅଧ୍ୟୟନ'. ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଶ୍ରୀ ସିଲୁ ସେଠି କାର୍ଯ୍ୟକ୍ରମକୁ ସମ୍ପୂର୍ଣ ଭାବେ ପରିଚାଳନା କରିଥିଲେ । ବିଭାଗୀୟ ଅଧାପକ ଶ୍ରୀ ଉଦିତ୍ ନାରାୟଣ ଦାଶ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଯୁକ୍ତ ତିନି ତୃତୀୟ ବର୍ଷ ଛାତ୍ର ରାଜେଶ କୁମାର ମଲିକ ଏବଂ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ସୁନାଲି ବିଷୋୟୀ ଏହି ଆଲୋଚନା ଚକ୍ରର ସନ୍ଦର୍ଭ ଉପସ୍ଥାପନା କରିଥିଲେ । ବିଭାଗ ତରଫରୁ ସାଧନ ବ୍ୟକ୍ତି ଏବଂ ସନ୍ଦର୍ଭ ଉପସ୍ଥାପନ କରିଥିବା ଦୁଇ ଜଣ ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରାଗଲା । ଓଡ଼ିଆ ବିଭାଗ ମୁଖ୍ୟ ତଥା ଶୈକ୍ଷିକ ଅଧିକାରୀ ଡ. କୁନା ସୁନା ପାଠଚକ୍ର ସମ୍ବନ୍ଧରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରି ଉପସ୍ଥାପକ ମାନଙ୍କୁ ପ୍ରଶଂସା କରିବା ସହ ଆଗକୁ କିପରି ବହୁ ଗୁଣରେ ଭଲ ହୋଇ ପାରିବ ସେଥିପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଶେଷରେ ବିଭାଗୀୟ ଅଧ୍ୟାପିକା ସୁଶ୍ରୀ ଯାଜ୍ଞସେନୀ ପ୍ରଧାନ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯଥା - ଅଧ୍ୟାପକ ପ୍ରଫୁଲ୍ଲ କାଣ୍ଡଗୋରୀ,ଶ୍ରୀ ଆଲୋକ ପ୍ରଧାନ, ଉପେନ୍ଦ୍ର ମାଝୀ, ଡ଼, ଜୀବନ କୃଷ୍ଣ ଦାସ, ଅଜିତ୍ କୁମାର ପଟ୍ଟନାୟକ, ଶ୍ରୀ ବିକାଶ ଦିଗାଲ, ଶ୍ରୀ ଅଜିତ୍ କୁମାର ମୁଖୀ, ସଚିନ ଜେନା, ଅଧ୍ୟାପକ ରଘୁନାଥ ପ୍ରଧାନ, ଅଧ୍ୟାପିକା ସ୍ୱପ୍ନାରାଣି ପଟ୍ଟନାୟକ, ଅଧ୍ୟାପିକା ସୁଜାତା ସିଂ, ସୁଶ୍ରୀ ସଂଗୀତା ପଟ୍ଟନାୟକ, ଶ୍ରୀମତୀ ଜସ୍ମିନି କୁମାରୀ ନାୟକ, ସୁଶ୍ରୀ କିରଣ ଡାକୁଆ , ଅଧାପିକା ପ୍ରିୟଙ୍କା ସ୍ୱାଇଁ, ସୁଶ୍ରୀ ସୁଜାତା ଟେଟେ, ସୁଶ୍ରୀ ରାଜେଶ୍ୱରି ରଥ , ସୁଶ୍ରୀ କେ.ସ୍ମିତା. ପାତ୍ର, ସୁଶ୍ରୀ ସୁଚିସ୍ମିତା ପଟ୍ଟନାୟକ, ସୁଶ୍ରୀ ଶୁଭଶ୍ରୀ ସାହୁ, ସୁଶ୍ରୀ ଯାଜ୍ଞସେନି ପ୍ରଧାନ ଏବଂ ବିଭାଗର ସମସ୍ତ ଛାତ୍ର ଓ ଛାତ୍ରୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବାର୍ଷିକ ଉତ୍ସବ ପାଳିତ

ପରଜଙ୍ଗ, (ମହାଭାରତ) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜନ୍ମ ଶତବାର୍ଷିକ ଉତ୍ସବ ଉପଲକ୍ଷେ ପରଜଙ୍ଗ ଖଣ୍ଡର ସ୍ୱୟଂ ସେବକ ସଂଘର ସଦସ୍ୟଙ୍କ ଗଡ଼ ପରଜଙ୍ଗ ଗ୍ରାମରେ ପଥ ସଞ୍ଚାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି।୧୯୨୫ ମସିହା ବିଜୟାଦଶମୀର ଶୁଭ ଅବସରରେ ପରମ ପୂଜ୍ୟ ଡକ୍ଟର ହେଡଗେୱାର ଜୀଙ୍କ ଦ୍ୱାରା ନାଗପୁରରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, କେବଳ ଏକ ସଙ୍ଗଠନ ନୁହେଁ, ବରଂ ଏକ ଶାଶ୍ୱତ ରାଷ୍ଟ୍ରୀୟ ଚେତନାର ପୁନଃ-ଜାଗରଣ ଥିଲା। ସଂଘର ସ୍ୱୟଂସେବକମାନେ ଦେଶର ସ୍ୱାଧୀନତା ସଂଗ୍ରାମ ସମେତ ଅନେକ ଜାତୀୟ ସଙ୍କଟ ସମୟରେ ରାଷ୍ଟ୍ରଯଜ୍ଞରେ ଆହୁତି ଦେଇ ତ୍ୟାଗର ପରମ୍ପରାକୁ ବଜାୟ ରଖିଛନ୍ତି। ଏହି ଶହେ ବର୍ଷର କାର୍ଯ୍ୟଧାରା ପ୍ରମାଣ କରେ ଯେ, ସଂଘର ଏକମାତ୍ର ମନ୍ତ୍ର ହେଉଛି 'ଏକ ଭାରତ, ଶ୍ରେଷ୍ଠ ଭାରତ'।ଶାଖା ମାଧ୍ୟମରେ ସଂଘର ସ୍ୱୟଂସେବକମାନେ ଯେଉଁ ନିଷ୍ଠା, ସମର୍ପଣ ଓ ନିଃସ୍ୱାର୍ଥପରତା ଶିଖିଛନ୍ତି, ତାହାକୁ ସମାଜର ପ୍ରତ୍ୟେକ କ୍ଷେତ୍ରରେ ପ୍ରୟୋଗ କରିଛନ୍ତି। ଗତ ଶହେ ବର୍ଷ ଧରି ସଂଘ ଅନୁଶାସନ, ସେବା ଏବଂ ରାଷ୍ଟ୍ରଭକ୍ତିର ଏକ ଅଦ୍ୱିତୀୟ ଉଦାହରଣ ସୃଷ୍ଟି କରିଛି। ସଂଘର କାର୍ଯ୍ୟ ସାମାଜିକ ସମରସତା ଏବଂ ନିଃସ୍ୱାର୍ଥ ତ୍ୟାଗର ଭାବନାକୁ ସଶକ୍ତ କରିଛି।ଏହି କାର୍ଯ୍ୟକ୍ରମ ପରଜଙ୍ଗ ନୂଆ ବସ୍ ଷ୍ଟାଣ୍ଡ ଠାରୁ ବାହାରି ଝଣ୍ଡା ସହ ଡ୍ରମ ପ୍ୟାରେଡ କରି ଶତାଧିକ ସ୍ୱଂୟ ସଘଂ ସଦସ୍ୟ ଗଣ ବେଶରେ ଗ୍ରାମ ପରିକ୍ରମା ବା ପଥ ସଞ୍ଚାଳନ କରିଥଲେ। ଜିଲ୍ଲା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଚାରକ ଓ ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନଙ୍କ ସମେତ ପରଜଙ୍ଗ ଖଣ୍ଡର ଶତାଧିକ ସ୍ୱଂୟ ସେବକ ସଦସ୍ୟ ଗଡ଼ ପରଜଙ୍ଗ ପଥ ସଞ୍ଚାଳନରେ ଯୋଗ ଦେଇ କାର୍ଯ୍ୟକ୍ରମ କରିଥିଲେ।

## ୪୯ ନମ୍ବର ଜାତୀୟ ରାଜପଥରୁ ଉଲଗ୍ନ ଥିବା ଅଜଣା ମହିଳା ଉଦ୍ଧାର

ଦେବଗଡ, (ମହାଭାରତ) : ଶନିବାର ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ ଦେବଗଡ ସଦର ମହକୁମାରୁ ବଓରକୋଟ ବ୍ଲକ ଅଭିମୁଖେ ଯାଉଥିବା ସମୟରେ ଜଣେ ଅଜଣା ମହିଳା, ବୟସ ପାଖାପାଖି ୩୦ ଭିତରେ ହେବ। କଓଲକାଠ ଛକ ଜାତୀୟ ରାଜପଥରେ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ଚାଲି ଚାଲି ଯାଉଥିବାର ଦେଖିବାକୁ ପାଇଲେ। ସେ ତୁରନ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କୁ ଫୋନ ଯୋଗେ ସୂଚନା ଦେଲେ । ସୂଚନା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ନିଜ ଅଫିସରୁ ଡୋର ସ୍କିନ ଖଣ୍ଡିଏ ସାଙ୍ଗରେ ନେଇ ସୁରକ୍ଷା ଅଧିକାରିଣୀ କ୍ରାନ୍ତି ମଞ୍ଜରି ଧଓଉନଲିଆ , ଚାଇଲ୍ଡଲାଇନର ତପସ୍ୱିନୀ ମହାକୁଲ ଓ ନଳିନୀ ମହାନନ୍ଦଙ୍କ ସହିତ ଘଟଣା ସ୍ଥଳରେ ପହଞ୍ଚିଲେ । ଅଜଣା ମହିଳା ଜଣକୁ ଉଲଗ୍ନ ଅବସ୍ଥାରେ କଓଲକାଠ ଛକ ଦୁର୍ଗା ମନ୍ଦିର ପାଖରେ ଦେଖିବାକୁ ମିଳିଥିଲା । ଜାତୀୟ ରାଜପଥରେ ଅନେକ ଟ୍ରକ କିଛି ସମୟ ଅଟକି ଉଲଗ୍ନ ମହିଳାକୁ ଚାହିଁ ଦେଇ ଚାଲି ଯାଉଥିଲେ । ପ୍ରାଥମିକ ତଦନ୍ତରୁ ଜଣ ପଡିଲା ମହିଳା ଜଣକ ଖଣ୍ଡି ଓଡିଆ କହୁଛନ୍ତି । ନିଜ ପରିଚୟ ଠିକରେ ଦେଇପାରୁ ନାହାନ୍ତି । ସୁନ୍ଦରଗଡ କିମ୍ବା ଝାରଖଣ୍ଡ ଅଞ୍ଚଳର ବୋଲି ମନେ ହେଉ ଥିଲା । କୌଣସି ଟ୍ରକ ଡ୍ରାଇଭର ଏଠାରେ ଛାଡି ଚାଲିଯାଇଥିବାର ବି ସନ୍ଦେହ କରାଯାଇପାରେ । ମହିଳା ଜଣଙ୍କର ମାନସିକ ସ୍ଥିତି ଠିକ ନ ଥିବାରୁ ନିଜ ଠିକଣା କହିପାରୁ ନ ଥିଲେ । ଜାତୀୟ ରାଜପଥରୁ ମହିଳାଙ୍କୁ ଉଦ୍ଧାର କରି ନୂଆ ଡାକ୍ତରଖାନା ସ୍ଥିତ ସଖୀ କେନ୍ଦ୍ରରେ ସାମୟିକ ଭାବେ ଆଶ୍ରୟ ଦିଆଯାଇ ଥିବାର ସୂଚନା ମିଳିଛି ।

## କେନ୍ଦଇପଶି ଷ୍ଟାଡିୟମରେ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ



ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ପଞ୍ଚାୟତ ଷ୍ଟାଡିୟମ ଠାରେ ସାଂସଦ ଖେଳ ମହୋତ୍ସବ କେନ୍ଦୁଝର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରି ଉଦଘାଟନ କରି ଛନ୍ତି। ଏହି କାର୍ଯ୍ୟକ୍ରମ କୁ ସମ୍ମାନିତ ଅତିଥି ଭାବେ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ଦଣ୍ଡପାଟ, ବ୍ଲକ ଅଧକ୍ଷା ବୀଣାପାଣି ନାୟକ, ବିଜେପି ଜିଲ୍ଲା ସାଂସଦ ସଂଯୋଜକ ଦିଲ୍ଲୀପ ପଣ୍ଡା, ସାଂସଦ ଖେଳ ମହୋତ୍ସବ ସଂଯୋଜକ ଜେମ୍ସ ମେହାନ, ସାଂସଦ ବ୍ଲକ ପ୍ରତିନିଧି ପହ୍ଲାଦ ପଲେଇ, ବିଧାୟକ ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ ଉପସ୍ଥିତ ଥିଲେ। ସାଂସଦ ଖେଳ ମହୋତ୍ସବ ରେ ୪ଟି ଖେଳ ଖଖ,କବାଡି, ଭଲିବଲ,ଫୁଟବଲ ପ୍ରତିଯୋଗିତା ରହିଥିବା ବେଳେ ପାଟଣା ବ୍ଲକର ୨୦ଟି ପଞ୍ଚାୟତର କ୍ରୀଡା ପ୍ରତିଯୋଗିତା ମାନେ ଅଂଶ ଗ୍ରହଣ କରିଛନ୍ତି। ଏହି ଖେଳ ମହୋତ୍ସବ କାର୍ଯ୍ୟକ୍ରମକୁ ସୁରକ୍ଷା କ୍ଷେତ୍ରରେ ପୋଲିସ,ବ୍ଲକ ପ୍ରଶାସନ, କ୍ରୀଡା ଶିକ୍ଷକ,ଶିକ୍ଷତ୍ରୀୟ ମାନେ ଖେଳ ପରିଚାଳନା କରିଛନ୍ତି। ଏହି ସାଂସଦ ଖେଳ ମହୋତ୍ସବ କେନ୍ଦୁଝର ଦୁଇଦିନ ଧରି ଚାଲି ବୋଲି ଜଣାପଡିଛି।

## ଲଗାଣ ବର୍ଷାରେ ଧୋଇଗଲା ରାସ୍ତା

ଗୋଲାମୁଣ୍ଡା, (ମହାଭାରତ): ଗତ ଦୁଇ ଦିନ ଧରି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ହେଉ ଥିବାରୁ ବ୍ଲକର ଅନେକ କ୍ଷୟକ୍ଷତି ହୋଇଛି, ବିଶେଷ କରି ବ୍ଲକ ଓ ଗ୍ରାମପଞ୍ଚାୟତ ଅଧିନ ରେ ଥିବା ମୁରୁମ ମେଟାଲ ଗାର୍ଡୱାଲ ରାସ୍ତା ଧୋଇ ହୋଇଯାଇଛି । ପାଣିପାଗ ବିଭାଗ ପକ୍ଷରୁ ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ପୁର୍ବାନୁମାନ କରିଥିବା ବେଳେ କଳାହାଣ୍ଡି ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ପୁର୍ବାନୁମାନ କରିଥିଲା । ଲଘୁଚାପର ପ୍ରଭାବରେ ଗତକାଲି ତାରିଖ ଗୋଲାମୁଣ୍ଡା ବ୍ଲକରେ ୮୧ ମିମି ବର୍ଷ ରେକର୍ଡ କରାଯାଇଛି । ଆଜି ସକାଳୁ ମଧ୍ୟ ବର୍ଷା ଲାଗି ରହିଛି । ଏହାର ପ୍ରଭାବରେ ବ୍ଲକର ୨୮ ଗୋଟି ଗ୍ରାମ ପଞ୍ଚାୟତ ପ୍ରଭାବିତ ହୋଇଥିବା ବେଳେ ବିଶେଷ କରି ମାନଝରି, ଉଦେଶୃଙ୍ଗ, ବଡଚେରଗାଁ, ଚହକା, ରେଙ୍ଗସାପାଲି, କୁହୁରା, ବୋର୍ଡି, ମାହଲିଙ୍ଗ, ଲେଡେର ଗ୍ରାମପଞ୍ଚାତର ଅନେକ ଗ୍ରାମ୍ୟ ରାସ୍ତା ଧୋଇଯାଇଥିବା ଦେଖିବାକୁ ମିଳିଛି । ରେଙ୍ଗସାପାଲିକୁ ସଂଯୋଗ କରୁଥିବା ରସ୍ତାର ଏକ ପାଶ୍ୱର୍ ପାଣି ଧୋଇ ଦେଇଥିବାରୁ ଉକ୍ତ ରାସ୍ତା ଦେଇ ବଡ ବଡ ଗାଡି ଯିବା ଆସିବା ବନ୍ଦ ହୋଇଯାଇଛି । ଗ୍ରାମ୍ୟ ରସ୍ତା ସାଙ୍ଗକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅନେକ ରାସ୍ତା ମଧ୍ୟ ଲଘୁଚାପ ବର୍ଷାରେ ଧୋଇ ହୋଇଯାଇଥିବା ଦେଖିବାକୁ ମିଳିଛି । ଅପରପକ୍ଷରେ ବ୍ଲକର ଅନେକ ଚାଷୀଙ୍କ ପନିପରିବା କପା ଧାନ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି ।

## ରାବଣ ପୋଡି ଉତ୍ସବ: ଆମ ସରକାରରେ ମାନବ ରୂପି ରାବଣଙ୍କ ଦମନ ଯୋଗୁଁ ପାରାଦୀପରେ ଶାନ୍ତି ଫେରିଛି - ମନ୍ତ୍ରୀ ସମ୍ପଦ ସ୍ୱାଇଁ



ପାରଦୀପ, (ମହାଭାରତ) : ପବିତ୍ର 'ବିଜୟା ଦଶମୀ' ଅବସରରେ ପାରାଦ୍ୱୀପ ସମୁଦ୍ର ଉପକୂଳରେ ନୂଆବଜାର ସାଗର କ୍ଲବ୍ ଦ୍ୱାରା '୩୪ତମ ରାବଣ ପୋଡି ମହୋତ୍ସବ -୨୦୨୫' ଗୁରୁବାର ଦିନ ସନ୍ଧ୍ୟାରେ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୂଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜଗତସିଂହପୁର ସାଂସଦ ଡଃ.ବିଭୂ ପ୍ରସାଦ ତରାଇ ମୂଖ୍ୟ ବକ୍ତା ଏବଂ ପାରାଦ୍ୱୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ରାବଣପୋଡିରେ ଶିକ୍ଷମନ୍ତ୍ରୀ ରାବଣ ଉପାଖ୍ୟାନ ଦେଇ କହିଥିଲେ ଯେ ପାରାଦୀପରେ ମାତିଛନ୍ତି ମାନବରୁପି ରାବଣ, ଗତବର୍ଷ ଏହି ମଞ୍ଚ ରେ ମୁଁ କାହାକୁ ଇଙ୍ଗିତ କରିନଥିବା ବେଳେ ସେମାନେ ନିଜର ରାବଣ ର ପରିଚୟ ଦେଇଛନ୍ତି, ଏକବର୍ଷ ରେ ପାରାଦୀପରେ ଶାନ୍ତି ଫେରିଛି, ଲୋକଙ୍କ ସରକାରରେ ମାନବରୁପି ରାବଣ ର ଅନ୍ତ କରିବାରେ ଆମ ସରକାର ସଫଳ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ରାବଣ ପୋଡ଼ି ଉତ୍ସବ ହେଉଛି ଅସତ୍ୟ ଉପରେ ସତ୍ୟର ବିଜୟ, ଅଧର୍ମ ଉପରେ ଧର୍ମର ବିଜୟ ଏବଂ ଅନ୍ୟାୟ ଉପରେ ନ୍ୟାୟର ବିଜୟର ପ୍ରତୀକ । ଆଜି ଦିନରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର ଅହଙ୍କାରୀ ରାବଣକୁ ବଧ କରିଥିଲେ। ଶକ୍ତିସ୍ୱରୂପିଣୀ ମା' ଦୁର୍ଗା ସିଂହବାହିନୀ ସାଜି ମହାପ୍ରତାପୀ ମହିଷାସୁରକୁ ବଧ କରି ଧରାପୃଷ୍ଠରେ ଯୁଗ ଯୁଗ ପାଇଁ ଧର୍ମ ସ୍ଥାପନା କରିଥିଲେ । ପ୍ରଭୁ ଶ୍ରୀରାମ ଓ ମା' ଦୁର୍ଗାଙ୍କ ଆଶୀର୍ବାଦରୁ ପାରାଦ୍ୱୀପ ଆହୁରି ସମୃଦ୍ଧ ହେଉ ଏବଂ ପାରାଦ୍ୱୀପବାସୀ ଆନନ୍ଦ ଓ ଉଲ୍ଲାସରେ ଜୀବନ ଅତିବାହିତ କରନ୍ତୁ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କାମନା କରିଥିଲେ । ଶେଷରେ ରାବଣ ଦେହରେ ମନ୍ତ୍ରୀ ଓ ଅତିଥି ମାନେ ଅଗ୍ନି ସଂଯୋଗ କରିଥିଲେ ଏବଂ ବିଭିନ୍ନ ପ୍ରକାରର ଅତାସବାଜୀ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସାଗର କ୍ଲବର ସଭାପତି ସୁଧାକର ନାୟକ ଏବଂ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମଲ୍ଲିକ ପରିଚାଳନା କରିଥିବା ବେଳେ ସମସ୍ତ ସଦାସ୍ୟ ଏଥିରେ ସହଯୋଗ କରିଥିଲେ । ଏହି ଉତ୍ସବରେ ହଜାର ହଜାର ଦର୍ଶକ ଉପସ୍ଥିତ ଥିବା ବେଳେ ଏହା ବାଲିଯାତ୍ରାର ଭ୍ରମ ସୃଷ୍ଟି କରିଥିଲା ।

## ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ



ପାରଦୀପ, (ମହାଭାରତ) : ଅକ୍ଟୋବର ୨ ତାରିଖ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନ ଅବସରରେ, ପାରାଦୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ପି.ଏଲ. ହରନାଦ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମାନ୍ୟବର ଶିକ୍ଷ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ପାରାଦୀପ ବନ୍ଦର ପ୍ରାଧିକରଣ ମାର୍ଗଦର୍ଶନରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱଚ୍ଛତା ଏବଂ ପରିବେଶଗତ ଦାୟିତ୍ୱ ଉପରେ ପ୍ରବନ୍ଧ ଏବଂ ଚିତ୍ରକଳା ପ୍ରତିଯୋଗିତା ମାଧ୍ୟମରେ ସେମାନଙ୍କର ସୃଜନଶୀଳତା ଏବଂ ସଚେତନତା ପ୍ରଦର୍ଶନ କରିଥିଲେ।ବନ୍ଦର ଅଧକ୍ଷ ପି.ଏଲ.ହରନାଦ ସ୍ୱଚ୍ଛତା ହିଁ ସେବାର ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ, ଯାହା ଯୁବ ମାନସିକତାକୁ ନାଗରିକ ଦାୟିତ୍ୱ ଗ୍ରହଣ କରିବାକୁ ଏବଂ ଏକ ସ୍ୱଚ୍ଛ ଭବିଷ୍ୟତ ପାଇଁ ଯୋଗଦାନ ଦେବାକୁ ପ୍ରେରଣା ଦେଇଥିଲା।ସେ ପାରାଦୀପ ବନ୍ଦରର ସ୍ୱତନ୍ତ୍ର ଅଭିଯାନ ୫.୦ ରଥକୁ ପତାକା ଦେଖାଇ ସମସ୍ତ କର୍ମଚାରୀଙ୍କ ମଧ୍ୟରେ ସ୍ୱଚ୍ଛତା, ପରିଷ୍କାରତା ଏବଂ ଦାୟିତ୍ୱର ବାର୍ତ୍ତା ପ୍ରସାର କରିଥିଲେ। 'ପରିଷ୍କାରତା (ସ୍ୱଚ୍ଛତା) ଏବଂ ପ୍ରଶାସନିକ ଦୀର୍ଘ ସମୟକୁ ହ୍ରାସ କରିବା' ବିଷୟବସ୍ତୁ ସହିତ ସଂଲଗ୍ନ, ଏହି ଅଭିଯାନ ବନ୍ଦରର ଦକ୍ଷତା, ସ୍ଥାୟୀତ୍ୱ ଏବଂ ଏକ ସ୍ୱଚ୍ଛ କର୍ମକ୍ଷେତ୍ର ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରେ।

## ସୋନମ୍ ପ୍ରତିବାଦ: ସୁପ୍ରିମ୍‌କୋର୍ଟ ଗଲେ ପତ୍ନୀ



ନୂଆଦିଲ୍ଲୀ : ସାମାଜିକ କର୍ମୀ ସୋନମ୍‌ଜୱାଙ୍ଗ୍‌ଚୁକଙ୍କ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋ ଏନ୍‌ଏସଏ (ଜାତୀୟ ସୁରକ୍ଷା ଆଇନ) ଅଧୀନରେ ସୋନମ୍‌ଙ୍କ ଗିରଫଦାରୀକୁ ବିରୋଧ କରି ସୁପ୍ରିମ୍‌କୋର୍ଟ ଯାଇଛନ୍ତି ଏବଂ ତାଙ୍କୁ ତୁରନ୍ତ ମୁକ୍ତ କରିବାପାଇଁ ଆବେଦନ କରିଛନ୍ତି। ଲଦାଖ ପାଇଁ ରାଜ୍ୟ ମାନ୍ୟତା ଏବଂ ଷଷ୍ଠ ଅନୁଚ୍ଛେଦରେ ସାମିଲ କରାଯିବାକୁ ଦାବି କରି ହୋଇଥିବା ହିଂସାତ୍ମକ ସଂଘର୍ଷରେ ୪ ଜଣଙ୍କର ମୃତ୍ୟୁ ହେବା ଏବଂ ୯୦ ଜଣ ଆହତ ହେବାପରେ ସେପ୍ଟେମ୍ବର ୨୬ ତାରିଖରେ ୱାଙ୍ଗଚୁକଙ୍କୁ ଏନ୍‌ଏସ୍‌ଏ ଅଧୀନରେ ଗିରଫ କରାଯାଇଥିଲା। ତାଙ୍କୁ ରାଜସ୍ଥାନର ଯୋଧପୁର ଜେଲ୍‌ରେ ରଖାଯାଇଛି।

ଅଙ୍ଗମୋ ମଧ୍ୟ ସୋନମ୍ ୱାଙ୍ଗଚୁକ୍‌ଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ କରିବା ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମାମଲାର ଜରୁରୀ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ସେ ଅନୁରୋଧ କରିଛନ୍ତି। ଆବେଦନରେ କେନ୍ଦ୍ର ଗୃହ ବ୍ୟାପାର ମନ୍ତ୍ରାଳୟ, ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ, ଲେହ ଡେପୁଟି କମିସନର ଏବଂ ଯୋଧପୁର ଜେଲ୍ ସୁପରିନଟେଣ୍ଡେଣ୍ଟ୍‌ଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀ ନିଜ ସ୍ୱାମୀଙ୍କୁ ଦେଖା କରିବାପାଇଁ ଏବଂ ତାଙ୍କ ସହ ଟେଲିଫୋନ୍‌ରେ କଥା ହେବାପାଇଁ ଅନୁମତି ଦେବାପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନରେ ଦର୍ଶାଯାଇଛି। ଆବେଦନରେ ଦର୍ଶାଯାଇଛି ଯେ ୱାଙ୍ଗଚୁକ୍‌ଙ୍କ ଗିରଫ ବେଆଇନ ଏବଂ ଅସାମ୍ବିଧାନିକ। ଧାରା ୧୪, ୧୯, ୨୧ ଏବଂ ୨୨ ଅଧୀନରେ ଦିଆଯାଇଥିବା ମୌଳିକ ଅଧିକାରର ଏହା ଉଲ୍ଲଂଘନ କରୁଛି।

## ବିଜୟଙ୍କ ଅଭିଯୋଗ: ଲାଠିଚାର୍ଜ ଯୋଗୁଁ ଦଳାଚକଟା ହେଲା



ଚେନ୍ନାଇ: ତାମିଲନାଡୁର କରୁର୍ ଜିଲ୍ଲାରେ ଗତ ସପ୍ତାହରେ ପୁଲିସର ଲାଠିଚାର୍ଜ ଯୋଗୁଁ ଦଳାଚକଟାରେ ୪୧ ଜଣଙ୍କର ମୃତ୍ୟୁ ଘଟିଥିଲା ବୋଲି ଅଭିନେତାରୁ ରାଜନେତା ପାଲଟିଥିବା ବିଜୟଙ୍କ ଦଳ ତାମିଲାଗା ଭେଟ୍ରି କାଝାଗମ୍ ବା ଟିଭିକେ ଶୁକ୍ରବାର ମାଡ୍ରାସ ହାଇକୋର୍ଟଙ୍କୁ କହିଛି। ଏମ୍‌କେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସରକାର ବିଜୟଙ୍କ ଦଳର ଅଭିଯୋଗକୁ ଭିତ୍ତିହୀନ ବୋଲି କହିବା ସହ ଏହି ଦାବି ସପକ୍ଷରେ କୌଣସି ପ୍ରମାଣ ନାହିଁ ବୋଲି କହିଛନ୍ତି। ଯେତେବେଳେ ସମର୍ଥକମାନେ ସେମାନଙ୍କ ନେତା ବିଜୟଙ୍କୁ ଦେଖିବା ପାଇଁ ଅପେକ୍ଷା କରିଥିଲେ, ସେତେବେଳେ ଭିଡ଼ରୁ କିଛି ଲୋକ ଚପଲ ଫିଙ୍ଗିଥିଲେ। ବିନା ଚେତାବନୀରେ ପୁଲିସ ଲୋକମାନଙ୍କୁ ଲାଠିଚାର୍ଜ କରିବା ଆରମ୍ଭ କରିଥିଲା, ଯାହାଫଳରେ ଦଳାଚକଟା ହୋଇଥିଲା। ପୁଲିସ ଏହାକୁ ସଠିକ୍ ଉପାୟରେ ପରିଚାଳନା କରିବାରେ ବିଫଳ ହୋଇଛି ବୋଲି ବିଜୟଙ୍କ ଦଳ କୋର୍ଟରେ ଦାବି କରିଛି। ଦଳାଚକଟା ଘଟଣାର ତଦନ୍ତ କରିବାକୁ ଆଇପିଏସ୍ ଅଧିକାରୀ ଆସ୍ରା ଗର୍ଗଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଏହି ଭୟାନକ ଘଟଣା ସଂପର୍କରେ ଅବଗତ ହେବାପରେ ଟିଭିକେ କାର୍ଯ୍ୟକର୍ତ୍ତାମାନେ ତୁରନ୍ତ ଘଟଣାସ୍ଥଳ ଛାଡ଼ି ପଳାଇଥିବାରୁ କୋର୍ଟ ସେମାନଙ୍କୁ ଭର୍ତ୍ସନା କରିଛନ୍ତି। ଏସ୍‌ଆଇଟି ଗଠନ କରିବା ସମୟରେ ଜଷ୍ଟିସ୍ ସେନ୍ଥିଲକୁମାର ଦଳାଚକଟା ସହ ଜଡିତ ସମସ୍ତ ମାମଲା ଦସ୍ତାବିଜକୁ ତୁରନ୍ତ ତଦନ୍ତ କମିଟିକୁ ହସ୍ତାନ୍ତର କରିବାକୁ କରୁର ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ଘୋଷଣା କରିଥିଲେ ଯେ ଅବସରପ୍ରାପ୍ତ ବିଚାରପତି ଅରୁଣା ଜଗଦୀଶନଙ୍କ ନେତୃତ୍ୱରେ ଏକ ନ୍ୟାୟିକ ଆୟୋଗ ଏହି ଘଟଣାର ତଦନ୍ତ କରିବେ। ଦଳାଚକଟା ମାମଲାରେ ଟିଭିକେ ଜିଲ୍ଲା ସଚିବ ଏନ୍ ସତୀଶ କୁମାରଙ୍କ ଦ୍ୱାରା ଦାଖଲ ହୋଇଥିବା ଆଗୁଆ ଜାମିନ ଆବେଦନକୁ ମଧ୍ୟ ହାଇକୋର୍ଟ ଖାରଜ କରିଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ବର୍ଷ ରାଜନୀତିରେ ପ୍ରବେଶ କରିବା ପାଇଁ ଅଭିନୟ କ୍ୟାରିୟର ଛାଡିଥିବା ବିଜୟ ସାରା ରାଜ୍ୟ ଭ୍ରମଣ କରୁଛନ୍ତି ଏବଂ ସାଧାରଣ ସଭା ମାଧ୍ୟମରେ ସମସ୍ତ ୩୮ଟି ଜିଲ୍ଲା ପରିକ୍ରମା କରିବା ଲକ୍ଷ୍ୟ ରଖିଛନ୍ତି।

## କଫ୍ ସିରପ୍ ମାମଲାରେ ରାଜସ୍ଥାନ ସରକାରଙ୍କ କାର୍ଯ୍ୟାନୁଷ୍ଠାନ: କମ୍ପାନିର ୧୯ ଔଷଧ ଉପରେ ପ୍ରତିବନ୍ଧକ



ନୂଆଦିଲ୍ଲୀ : ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ପାକିସ୍ତାନ ସରକାର ବିରୋଧରେ ଦେଖାଦେଇଥିବା ବିଶାଳ ଆନ୍ଦୋଳନ ଏବଂ ହିଂସା ଘଟଣା ଓ ଏଥିରେ ୧୨ରୁ ଅଧିକ ଲୋକଙ୍କ ମୃତ୍ୟୁ ହେବାପରେ ଭାରତ ଆଜି ଉକ୍ତ ପ୍ରସଙ୍ଗରେ ଟିପ୍ପଣୀ ରଖିଛି। ଭାରତ ପିଓକେରେ ହୋଇଥିବା ବିଶାଳ ପ୍ରତିବାଦକୁ 'ପାକିସ୍ତାନର ଦମନମୂଳକ ଆଭିମୁଖ୍ୟ ଏବଂ ଏହି ଅଞ୍ଚଳଗୁଡ଼ିକରୁ ସମ୍ବଳର ପଦ୍ଧତିଗତ ଲୁଟ୍‌ପାଟର ସ୍ୱାଭାବିକ ପରିଣାମ' ବୋଲି କହିଛି। ନୂଆଦିଲ୍ଲୀରେ ଏକ ସାପ୍ତାହିକ ଗଣମାଧ୍ୟମ ବିବୃତିରେ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ନୂଆଦିଲ୍ଲୀ ପାକ୍ ଅଧୀକୃତ କାଶ୍ମୀରର ବିଭିନ୍ନ ସ୍ଥାନରେ ଚାଲିଥିବା ପ୍ରତିବାଦ ସଂକ୍ରାନ୍ତରେ ଅବଗତ, ଯେଉଁଥିରେ ସ୍ଥାନୀୟ ଲୋକଙ୍କ ଉପରେ ପାକିସ୍ତାନୀ ସେନା ଦ୍ୱାରା କରାଯାଉଥିବା ବର୍ବରତା ମଧ୍ୟ ଅନ୍ତର୍ଭୁକ୍ତ। ଜୟସ୍ୱାଲ କହିଛନ୍ତି,'ଆମେ ପାକ୍ ଅଧିକୃତ କାଶ୍ମୀରର ଅନେକ ଅଞ୍ଚଳରେ ପ୍ରତିବାଦ ସମ୍ପର୍କରେ ରିପୋର୍ଟ ଦେଖିଛୁ, ଯେଉଁଥିରେ ନିରୀହ ନାଗରିକଙ୍କ ଉପରେ ପାକିସ୍ତାନୀ ସେନାର ବର୍ବରତା ମଧ୍ୟ ସାମିଲ ଅଛି। ଆମେ ବିଶ୍ୱାସ କରୁଛୁ ଯେ ଏହା ପାକିସ୍ତାନର ଦମନମୂଳକ ଆଭିମୁଖ୍ୟ ଏବଂ ଏହି ଅଞ୍ଚଳଗୁଡ଼ିକରୁ ସମ୍ପଦର ପଦ୍ଧତିଗତ ଲୁଣ୍ଠନର ଏକ ସ୍ୱାଭାବିକ ପରିଣାମ, ଯାହା ଏହାର ବଳପୂର୍ବକ ଏବଂ ଅବୈଧ ଦଖଲ ଅଧୀନରେ ରହିଛି। ପାକିସ୍ତାନକୁ ଏହାର ଭୟଙ୍କର ମାନବାଧିକାର ଉଲ୍ଲଂଘନ ପାଇଁ ଦାୟୀ କରାଯିବା ଉଚିତ ବୋଲି ସେ କହିଛନ୍ତି।

ଏମ୍‌ଇଏ ମୁଖପାତ୍ର ଜୋର୍ ଦେଇ କହିଛନ୍ତି, ଲଦାଖ ସହିତ ଜମ୍ମୁ ଓ କାଶ୍ମୀର ସର୍ବଦା ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବ। ପିଓକେରେ ସାର୍ବଜନୀନ ସୁବିଧା ପାଇଁ ମିଳିତ ଆୱାମୀ କାର୍ଯ୍ୟ କମିଟି (ଜେଏଏସି) ଦ୍ୱାରା ଡାକରା ଦିଆଯାଇଥିବା ବନ୍ଦ ସମୟରେ ହିଂସାତ୍ମକ ସଂଘର୍ଷ ଯୋଗୁ ପୁଲିସ କର୍ମଚାରୀଙ୍କ ସମେତ ଅନେକ ଲୋକ ପ୍ରାଣ ହରାଇଛନ୍ତି ଏବଂ ଶତାଧିକ ଆହତ ହୋଇଛନ୍ତି। ପିଓକେରେ ବନ୍ଦ ଯୋଗୁଁ ବ୍ୟବସାୟ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ବନ୍ଦ ରହିଛି ଏବଂ ଏହି ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି ଯେ ସଂଘର୍ଷରେ ୧୭୨ ଜଣ ପୁଲିସ କର୍ମଚାରୀ ଏବଂ ୫୦ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି।

## ମୁଁ କାହାକୁ ଶତ୍ରୁ ବୋଲି ଭାବେ ନାହିଁ: ଉଦ୍ଧବ

ନୂଆଦିଲ୍ଲୀ: ଅରବିନ୍ଦ କେଜ୍ରିୱାଲ ପଞ୍ଜାବରୁ ରାଜ୍ୟସଭା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ଟ୍ରାଇଡେଣ୍ଟ ଗ୍ରୁପର ମାଲିକ ତଥା ବ୍ୟବସାୟୀ ରାଜେନ୍ଦ୍ର ଗୁପ୍ତା ରାଜ୍ୟସଭା ପାଇଁ ଆମ ଆଦମୀ ପାର୍ଟିର ପ୍ରାର୍ଥୀ ହେବେ। ଆମ ଆଦମୀ ପାର୍ଟି ସରକାର ଗୁପ୍ତାଙ୍କୁ ୨୦୨୨ରେ ପଞ୍ଜାବ ଯୋଜନା ବୋର୍ଡରେ ନିଯୁକ୍ତ କରିଥିଲା। ରାଜେନ୍ଦ୍ର ଗୁପ୍ତା ସେହି ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ଏବେ ରାଜ୍ୟସଭାକୁ ନିର୍ବାଚିତ ହେବେ, ଲୁଧିଆନା ପଶ୍ଚିମ ଉପନିର୍ବାଚନରେ ସଞ୍ଜୀବ ଆରୋରା ବିଜୟ ହେବା ପରେ ରାଜ୍ୟସଭା ଆସନ ଖାଲି ହୋଇଥିଲା । ତେବେ ରାଜେନ୍ଦ୍ର ଗୁପ୍ତାଙ୍କ ନାମ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଘୋଷଣା ଅପେକ୍ଷାରେ ଅଛି।

ଉଲ୍ଲେଖନୀୟ ଯେ ବିଧାନସଭା ଉପନିର୍ବାଚନ ପାଇଁ ସଞ୍ଜୀବ ଆରୋରାଙ୍କୁ ପ୍ରାର୍ଥୀ ଭାବରେ ଘୋଷଣା କରାଯିବା ପରେ, ଆପ କାହାକୁ ସଂସଦର ଉଚ୍ଚ ସଦନକୁ ପଠାଇବ ସେ ବିଷୟରେ ଆଲୋଚନା ଆରମ୍ଭ ହୋଇଥିଲା। ଦଳର ଜାତୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କ ନାମ ପ୍ରଥମେ ଆଲୋଚନା ପାଇଁ ଆସିଥିଲା। ପଞ୍ଜାବର ବିରୋଧୀ ଦଳଗୁଡ଼ିକ ଦାବି କରିଥିଲେ ଯେ କେଜ୍ରିୱାଲ ରାଜ୍ୟସଭାକୁ ନିର୍ବାଚିତ ହେବେ। କେଜ୍ରିୱାଲ ନିଜେ ପରେ ଏହି ଅନୁମାନକୁ ଖାରଜ କରିଥିଲେ ଏବଂ କହିଥିଲେ ଯେ ସେ ରାଜ୍ୟସଭାକୁ ଯିବେ ନାହିଁ।

## କଥାବାର୍ତ୍ତା ହେବାର ଆଉ କିଛି ବାକି ନାହିଁ, ଅସ୍ତ୍ରଶସ୍ତ୍ର ତ୍ୟାଗ କର: ଶାହ



ନୂଆଦିଲ୍ଲୀ: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ଛତିଶଗଡ଼ ଗସ୍ତ କରିଥିଲେ। ବସ୍ତରରେ, ସେ ମା' ଦନ୍ତେଶ୍ୱରୀ ମନ୍ଦିର ପରିଦର୍ଶନ କରିଥିଲେ। ତା'ପରେ ସେ ବସ୍ତର ଜିଲ୍ଲାର ମୁଖ୍ୟାଳୟ ଜଗଦଲପୁରରେ ବସ୍ତର ଦଶହରା ଲୋକ ମହୋତ୍ସବ ଏବଂ ସ୍ୱଦେଶୀ ମେଳାକୁ ସମ୍ବୋଧିତ କରିଥିଲେ, ଯେଉଁଠାରେ ସେ ନକ୍ସଲମାନଙ୍କୁ ଶେଷ ଚେତାବନୀ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଅମିତ ଶାହ ସ୍ପଷ୍ଟ କରିଥିଲେ ଯେ ନକ୍ସଲବାଦୀମାନେ ଏବେ ସେମାନଙ୍କର ଅସ୍ତ୍ରଶସ୍ତ୍ର ଆତ୍ମସମର୍ପଣ କରିବାକୁ ପଡିବ। ସେ ଏହା ମଧ୍ୟ କହିଥିଲେ ଯେ ନକ୍ସଲବାଦ ସମାପ୍ତ କରିବା ପାଇଁ ୩୧ ମାର୍ଚ୍ଚ, ୨୦୨୬ ପର୍ଯ୍ୟନ୍ତ ଏକ ସମୟସୀମା ଧାର୍ଯ୍ୟ କରାଯାଇଛି। ଶାହ ସ୍ପଷ୍ଟ କରିଥିଲେ ଯେ ନକ୍ସଲବାଦୀମାନଙ୍କ ସହିତ ଆଲୋଚନାର କୌଣସି ସମ୍ଭାବନା ନାହିଁ। ସେ କହିଥିଲେ ଯେ ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତିକୁ ଗ୍ରହଣ କରିବା ପରେ ସେମାନଙ୍କୁ ସେମାନଙ୍କର ଅସ୍ତ୍ର ଆତ୍ମସମର୍ପଣ କରିବାକୁ ପଡିବ।

ସେ କହିଥିଲେ ଯେ କିଛି ଲୋକ ନକ୍ସଲବାଦୀମାନଙ୍କ ସହିତ ଆଲୋଚନା ପାଇଁ ଆହ୍ୱାନ କରିଛନ୍ତି। 'ମୁଁ ପୁଣି ଥରେ କହିବାକୁ ଚାହୁଁଛି ଯେ ଛତିଶଗଡ଼ ଏବଂ କେନ୍ଦ୍ର ସରକାର ଉଭୟ ବସ୍ତର ଏବଂ ସମସ୍ତ ନକ୍ସଲ ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ପ୍ରତିବଦ୍ଧ। ଏବେ ଆଲୋଚନା କରିବାକୁ କ'ଣ ଅଛି ? ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତି କାର୍ଯ୍ୟକାରୀ କରାଯାଇଛି।' ଆଗକୁ ଆସନ୍ତୁ ଏବଂ ନିଜର ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରନ୍ତୁ । ଅମିତ ଶାହ ଚେତାବନୀ ଦେଇଛନ୍ତି ଯେ ସୁରକ୍ଷା ବାହିନୀ ବସ୍ତରର ଶାନ୍ତି ବିପର୍ଯ୍ୟସ୍ତ କରୁଥିବା ଲୋକଙ୍କୁ ଉଚିତ ଜବାବ ଦେବେ। ଶାହ କହିଛନ୍ତି ଯେ ବର୍ଷ ବର୍ଷ ଧରି ଦିଲ୍ଲୀରେ କିଛି ଲୋକ ଭୁଲ ସୂଚନା ପ୍ରସାର କରୁଛନ୍ତି ଯେ ନକ୍ସଲବାଦ ବିକାଶ ପାଇଁ ଲଢ଼ିବା ପାଇଁ ଜନ୍ମ ହୋଇଥିଲା। କିନ୍ତୁ ମୁଁ ମୋର ଆଦିବାସୀ ଭାଇମାନଙ୍କୁ କହିବାକୁ ଆସିଛି ଯେ ସମଗ୍ର ବସ୍ତର ବିକାଶରୁ ବଞ୍ଚିତ ହୋଇଛି। ଏହାର ମୂଳ କାରଣ ହେଉଛି ନକ୍ସଲବାଦ।

ବସ୍ତରରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଅମିତ ଶାହ କହିଛନ୍ତି ଯେ ନରେନ୍ଦ୍ର ମୋଦୀ ସରକାର ୧୦ ବର୍ଷ ମଧ୍ୟରେ ବିକାଶ କାର୍ଯ୍ୟ ପାଇଁ ଛତିଶଗଡ଼କୁ ୪ ଲକ୍ଷ କୋଟି ଟଙ୍କାରୁ ଅଧିକ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ମୁଁ ଆପଣଙ୍କୁ ଆଶ୍ୱସ୍ତି ଦେବାକୁ ଚାହୁଁଛି ଯେ ୩୧ ମାର୍ଚ୍ଚ, ୨୦୨୬ ପରେ ନକ୍ସଲବାଦୀମାନେ ଆପଣଙ୍କ ବିକାଶକୁ ରୋକିପାରିବେ ନାହିଁ। ସେମାନେ ଆପଣଙ୍କ ଅଧିକାରକୁ ରୋକିପାରିବେ ନାହିଁ।

## ପାକିସ୍ତାନର ଦମନକାରୀ ଆଭିମୁଖ୍ୟର ପରିଣାମ: ଭାରତ



ନୂଆଦିଲ୍ଲୀ : ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ପାକିସ୍ତାନ ସରକାର ବିରୋଧରେ ଦେଖାଦେଇଥିବା ବିଶାଳ ଆନ୍ଦୋଳନ ଏବଂ ହିଂସା ଘଟଣା ଓ ଏଥିରେ ୧୨ରୁ ଅଧିକ ଲୋକଙ୍କ ମୃତ୍ୟୁ ହେବାପରେ ଭାରତ ଆଜି ଉକ୍ତ ପ୍ରସଙ୍ଗରେ ଟିପ୍ପଣୀ ରଖିଛି। ଭାରତ ପିଓକେରେ ହୋଇଥିବା ବିଶାଳ ପ୍ରତିବାଦକୁ 'ପାକିସ୍ତାନର ଦମନମୂଳକ ଆଭିମୁଖ୍ୟ ଏବଂ ଏହି ଅଞ୍ଚଳଗୁଡ଼ିକରୁ ସମ୍ବଳର ପଦ୍ଧତିଗତ ଲୁଟ୍‌ପାଟର ସ୍ୱାଭାବିକ ପରିଣାମ' ବୋଲି କହିଛି। ନୂଆଦିଲ୍ଲୀରେ ଏକ ସାପ୍ତାହିକ ଗଣମାଧ୍ୟମ ବିବୃତିରେ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ନୂଆଦିଲ୍ଲୀ ପାକ୍ ଅଧୀକୃତ କାଶ୍ମୀରର ବିଭିନ୍ନ ସ୍ଥାନରେ ଚାଲିଥିବା ପ୍ରତିବାଦ ସଂକ୍ରାନ୍ତରେ ଅବଗତ, ଯେଉଁଥିରେ ସ୍ଥାନୀୟ ଲୋକଙ୍କ ଉପରେ ପାକିସ୍ତାନୀ ସେନା ଦ୍ୱାରା କରାଯାଉଥିବା ବର୍ବରତା ମଧ୍ୟ ଅନ୍ତର୍ଭୁକ୍ତ। ଜୟସ୍ୱାଲ କହିଛନ୍ତି,'ଆମେ ପାକ୍ ଅଧିକୃତ କାଶ୍ମୀରର ଅନେକ ଅଞ୍ଚଳରେ ପ୍ରତିବାଦ ସମ୍ପର୍କରେ ରିପୋର୍ଟ ଦେଖିଛୁ, ଯେଉଁଥିରେ ନିରୀହ ନାଗରିକଙ୍କ ଉପରେ ପାକିସ୍ତାନୀ ସେନାର ବର୍ବରତା ମଧ୍ୟ ସାମିଲ ଅଛି। ଆମେ ବିଶ୍ୱାସ କରୁଛୁ ଯେ ଏହା ପାକିସ୍ତାନର ଦମନମୂଳକ ଆଭିମୁଖ୍ୟ ଏବଂ ଏହି ଅଞ୍ଚଳଗୁଡ଼ିକରୁ ସମ୍ପଦର ପଦ୍ଧତିଗତ ଲୁଣ୍ଠନର ଏକ ସ୍ୱାଭାବିକ ପରିଣାମ, ଯାହା ଏହାର ବଳପୂର୍ବକ ଏବଂ ଅବୈଧ ଦଖଲ ଅଧୀନରେ ରହିଛି। ପାକିସ୍ତାନକୁ ଏହାର ଭୟଙ୍କର ମାନବାଧିକାର ଉଲ୍ଲଂଘନ ପାଇଁ ଦାୟୀ କରାଯିବା ଉଚିତ ବୋଲି ସେ କହିଛନ୍ତି।

ଏମ୍‌ଇଏ ମୁଖପାତ୍ର ଜୋର୍ ଦେଇ କହିଛନ୍ତି, ଲଦାଖ ସହିତ ଜମ୍ମୁ ଓ କାଶ୍ମୀର ସର୍ବଦା ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବ। ପିଓକେରେ ସାର୍ବଜନୀନ ସୁବିଧା ପାଇଁ ମିଳିତ ଆୱାମୀ କାର୍ଯ୍ୟ କମିଟି (ଜେଏଏସି) ଦ୍ୱାରା ଡାକରା ଦିଆଯାଇଥିବା ବନ୍ଦ ସମୟରେ ହିଂସାତ୍ମକ ସଂଘର୍ଷ ଯୋଗୁ ପୁଲିସ କର୍ମଚାରୀଙ୍କ ସମେତ ଅନେକ ଲୋକ ପ୍ରାଣ ହରାଇଛନ୍ତି ଏବଂ ଶତାଧିକ ଆହତ ହୋଇଛନ୍ତି। ପିଓକେରେ ବନ୍ଦ ଯୋଗୁଁ ବ୍ୟବସାୟ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ବନ୍ଦ ରହିଛି ଏବଂ ଏହି ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି ଯେ ସଂଘର୍ଷରେ ୧୭୨ ଜଣ ପୁଲିସ କର୍ମଚାରୀ ଏବଂ ୫୦ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି।

## ସରକାରୀ କ୍ୱାର୍ଟର ପୋଷା ଜନ୍ତୁଙ୍କ ରହିବା ପାଇଁ ନୁହେଁ: ହାଇକୋର୍ଟ



ନୂଆଦିଲ୍ଲୀ: ହାଇକୋର୍ଟର ବିଚାରପତି ବିବେକ ଜୈନଙ୍କ ଏକକ ଖଣ୍ଡପୀଠ ଆଜି ଟିପ୍ପଣୀ ଦେଇଛନ୍ତି ଯେ ସରକାରୀ କ୍ୱାର୍ଟରଗୁଡ଼ିକ ପରିବାର ରହିବା ପାଇଁ ଉଦ୍ଦିଷ୍ଟ ଥିବାବେଳେ ଏଥିରେ ପୋଷା ଜନ୍ତୁ ରଖିପାରିବେ ନାହିଁ । ଅନ୍ୟ ବାସିନ୍ଦାଙ୍କ ସୁବିଧା ପାଇଁ କ୍ୱାର୍ଟରରେ ରହୁଥିବା ଲୋକଙ୍କୁ ନିର୍ଦ୍ଧାରିତ ଶୃଙ୍ଖଳା ପାଳନ କରିବାକୁ ପଡିବ। ପଡ଼ୋଶୀଙ୍କ ଅଭିଯୋଗକୁ ଅଣଦେଖା କରାଯାଇପାରିବ ନାହିଁ। ଯଦି ଆବେଦନକାରୀ କୁକୁର ରଖିବାକୁ ଚାହାଁନ୍ତି, ତେବେ ସେ ଘର ଭଡ଼ା ନେଇ ତାଙ୍କର ଦାୟିତ୍ୱ ପୂରଣ କରିପାରିବେ।

ଏପରି ନୁହେଁ ଯେ ସେ ଏତେ ବଡ଼ ସହରରେ ଭଡ଼ା ଘର ପାଇପାରିବେ ନାହିଁ। ଏହି ମତ ସହିତ, କୋର୍ଟ ଯାନବାହନ କାରଖାନା, ଜବଲପୁର (ଠରଔ) ଅବାସିକ କ୍ୱାର୍ଟର ଖାଲି କରିବା ପାଇଁ ନିର୍ଦ୍ଦେଶ ବିରୁଦ୍ଧରେ ଦାୟର ଏକ ଆବେଦନକୁ ଖାରଜ କରିଦେଇଛନ୍ତି। ଯାନବାହନ କାରଖାନା ଜବଲପୁର (ଠରଔ) ହେଉଛି ଅର୍ଡନାନ୍ସ ଫ୍ୟାକ୍ଟ୍ରି ବୋର୍ଡ (ଙରଈ) ଅଧୀନରେ ଏକ ଉତ୍ପାଦନ ୟୁନିଟ୍, ଯାହା ଭାରତୀୟ ସେନା ପାଇଁ ପରିବହନ ଯାନ ନିର୍ମାଣ କରେ।

ଯାନବାହନ କାରଖାନାର ଜୁନିଅର ୱାର୍କସ ମ୍ୟାନେଜର ସୈଫ ଉଲ୍ ହକ୍ ସିଦ୍ଦିକି ଏହି ଆବେଦନ ଦାଖଲ କରିଥିଲେ। ଏଥିରେ କୁହାଯାଇଥିଲା ଯେ ତାଙ୍କୁ କାରଖାନାର ସେକ୍ଟର ୨ ରେ ଏକ ସରକାରୀ ବାସସ୍ଥାନ ବଣ୍ଟନ କରାଯାଇଥିଲା, କିନ୍ତୁ ପଡ଼ୋଶୀଙ୍କ ଅଭିଯୋଗ ଉପରେ, କାରଖାନା ପ୍ରଶାସନ ତାଙ୍କୁ କ୍ୱାର୍ଟର ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲା କାରଣ ସେ ତାଙ୍କ ଘରେ ଅନେକ କୁକୁର ରଖିଥିଲେ। ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ ପଶୁ ନିଷ୍ଠୁରତା ଆଇନ ଅନୁଯାୟୀ ପାଳିତ ପଶୁମାନଙ୍କର ଯତ୍ନ ନେବା ତାଙ୍କର ଦାୟିତ୍ୱ ଥିଲା। ଶୁଣାଣି ପରେ, କୋର୍ଟ ରାୟ ଦେଇଛନ୍ତି ଯେ ଆବେଦନକାରୀଙ୍କ ପାଳିତ ପଶୁ ତାଙ୍କ ପଡ଼ୋଶୀମାନଙ୍କୁ ଅସୁବିଧାରେ ପକାଉଛି। ଫଳସ୍ୱରୂପ, କାରଖାନା ପ୍ରଶାସନର ବହିଷ୍କାର ଆଦେଶ ଯଥାର୍ଥ ଥିଲା। ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ଏହା ମଧ୍ୟ କହିଛନ୍ତି ଯେ ଆବେଦନକାରୀ ବାସସ୍ଥାନର ମାଲିକ ନୁହଁନ୍ତି, କିନ୍ତୁ ତାଙ୍କ ପରିବାର ସହିତ ରହିବା ପାଇଁ ତାଙ୍କୁ କ୍ୱାର୍ଟର ଆବଣ୍ଟିତ କରାଯାଇଥିଲା।

## ବନ୍ଧକ ମୁକ୍ତି ପଦକ୍ଷେପ ନେଇ ଟ୍ରମ୍ପ୍‌ଙ୍କୁ ପ୍ରଶଂସା କଲେ ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗାଜାରେ ଚାଲିଥିବା ଶାନ୍ତି ପ୍ରୟାସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ?ଙ୍କ ନେତୃତ୍ୱକୁ ସମର୍ଥନ ଜଣାଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଗାଜାରେ ଶାନ୍ତି ପ୍ରକ୍ରିୟା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଅଛି। ଆମେ ବନ୍ଧକଙ୍କ ମୁକ୍ତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛୁ। ଗାଜାରେ ଶାନ୍ତି ପ୍ରୟାସ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଗାଜାରେ ଶାନ୍ତି ପ୍ରୟାସରେ ନିର୍ଣ୍ଣାୟକ ପ୍ରଗତି ଆଣିବାରେ ରାଷ୍ଟ୍ରପତି ଟ୍ରମ୍ପ୍ ?ଙ୍କ ନେତୃତ୍ୱକୁ ଆମେ ସ୍ୱାଗତ କରୁଛୁ। ବନ୍ଧକଙ୍କ ମୁକ୍ତିର ସଙ୍କେତ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଭାରତ ଏକ ସ୍ଥାୟୀ ଏବଂ ନ୍ୟାୟପୂର୍ଣ୍ଣ ଶାନ୍ତି ପାଇଁ ସମସ୍ତ ପ୍ରୟାସକୁ ଦୃଢ଼ ସମର୍ଥନ ଜାରି ରଖିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି, ଯଦି ହମାସ୍ ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ଗାଜା ଷ୍ଟ୍ରିପ୍ ପାଇଁ ପ୍ରସ୍ତାବିତ ଶାନ୍ତି ଚୁକ୍ତିରେ ରାଜି ନହୁଏ, ତେବେ ଏହି ଉଗ୍ରବାଦୀ ଗୋଷ୍ଠୀ ଅଧିକ ଆକ୍ରମଣର ସମ୍ମୁଖୀନ ହେବ। ଟ୍ରମ୍ପ୍ କହିଛନ୍ତି, ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ହମାସ୍ ସହିତ ଏକ ଚୁକ୍ତି ହେବା ଆବଶ୍ୟକ। ସେ କହିଛନ୍ତି, ପ୍ରତ୍ୟେକ ଦେଶ ସ୍ୱାକ୍ଷର କରିଛନ୍ତି। ଯଦି ଏହି ସମୟରେ ଚୁକ୍ତି ବିଫଳ ହୁଏ, ତେବେ ଏବେ ହମାସ୍ ଯେଉଁ ବିପର୍ଯ୍ୟୟର ସମ୍ମୁଖୀନ ହେବ ତାହା ପୂର୍ବରୁ କେବେ ମଧ୍ୟ ଦେଖି ନଥିବ। ଏହା ଉଲ୍ଲେଖନୀୟ ଯେ, ପ୍ରଧାନମନ୍ତ୍ରୀ ମୋଦୀ ପୂର୍ବରୁ ଟ୍ରମ୍ପ୍ ?ଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ମୋଦୀ କହିଥିଲେ, 'ଆମେ ଗାଜାରେ ସଂଘର୍ଷ ସମାପ୍ତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ?ଙ୍କ ପ୍ରୟାସକୁ ସ୍ୱାଗତ କରୁଛୁ। ଟ୍ରମ୍ପଙ୍କ ଏହି ପ୍ରୟାସ ପାଲେଷ୍ଟାଇନ ଏବଂ ଇସ୍ରାଏଲୀ ଲୋକଙ୍କ ପାଇଁ ଏବଂ ପଶ୍ଚିମ ଏସୀୟ କ୍ଷେତ୍ର ପାଇଁ ଦୀର୍ଘସ୍ଥାୟୀ ଶାନ୍ତି, ସୁରକ୍ଷା ଏବଂ ବିକାଶର ପଥ ପ୍ରଦାନ କରେ। ଆମେ ଆଶା କରୁଛୁ ଯେ ସମସ୍ତ ସମ୍ପୃକ୍ତ ପକ୍ଷ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ?ଙ୍କ ପଦକ୍ଷେପ ପଛରେ ଏକଜୁଟ ହେବେ ଏବଂ ସଂଘର୍ଷ ସମାପ୍ତ କରିବା ଏବଂ ଶାନ୍ତି ସୁନିଶ୍ଚିତ କରିବା ପାଇଁ ଏହି ପ୍ରୟାସକୁ ସମର୍ଥନ କରିବେ।

## ଦୁର୍ଗା ମେଢ଼ ବିସର୍ଜନ ଦୁର୍ଘଟଣାରେ ଶିଶୁ ଓ ମହିଳାଙ୍କ ସମେତ ୧୪ ମୃତ

ଭୋପାଳ: ମଧ୍ୟପ୍ରଦେଶର ଖଣ୍ଡୱା ଓ ଶାହଡୋଲ ଜିଲ୍ଲାରେ ଗୁରୁବାର ଦୁର୍ଗା ମୂର୍ତ୍ତି ବିସର୍ଜନ ଘଟଣାରେ ଅନ୍ୟୂନ ୧୪ ଜଣଙ୍କର ମୃତ୍ୟୁ ଘଟିଛି। ଖଣ୍ଡୱାର ପନ୍ଧାନା ଅଞ୍ଚଳରେ ଦୁର୍ଗା ମୂର୍ତ୍ତି ନେଇ ଯାଉଥିବା ଏକ ଟ୍ରାକ୍ଟର-ଟ୍ରଲି ଏକ ପୋଖରୀ ଭିତରେ ଖସିପଡ଼ିବାରୁ ୧୧ ଜଣ ଗ୍ରାମବାସୀ ବୁଡ଼ି ଯାଇଥିଲେ। ଅନ୍ୟ ଏକ ଘଟଣାରେ, ସେହି ଖଣ୍ଡୱାର ଅଞ୍ଜନଗାଓଁ ଗ୍ରାମରେ ଏକ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା ଉପରେ ଏକ ନିୟନ୍ତ୍ରଣହୀନ ଡିଜେ ଗାଡ଼ି ଚଢ଼ିଯିବାରୁ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବା ସହ ଅନ୍ୟ ଚାରିଜଣ ଆହତ ହୋଇଛନ୍ତି। ପ୍ରାୟ ୮୦୦ କିଲୋମିଟର ଦୂର ଶାହଡୋଲ ଜିଲ୍ଲାର ଗୋହପାରୁରେ ସୋନ ନଦୀରେ ମୂର୍ତ୍ତି ବିସର୍ଜନ ସମୟରେ ଜଣେ ୧୬ ବର୍ଷୀୟ ବାଳକ ଓ ଜଣେ ୨୨ ବର୍ଷୀୟ ଯୁବକ ଭାସି ଯାଇଥିଲେ।

ପନ୍ଧାନା ଥାନା ଅଞ୍ଚଳର ଜାମଲି ଗ୍ରାମରେ ଅପରାହ୍ଣ ପ୍ରାୟ ୫ଟା ସମୟରେ ରାଜଗଡ଼ ଗ୍ରାମର ୨୦-୨୫ ଗ୍ରାମବାସୀ ବିସର୍ଜନ ପାଇଁ ଦୁର୍ଗାମୂର୍ତ୍ତି ନେଇ ଯାଉଥିବା ଏକ ଟ୍ରାକ୍ଟର-ଟ୍ରଲି ରାଜ୍ୟ ଜଳସମ୍ପଦ ବିଭାଗର ଏକ ଛୋଟ ଡ୍ୟାମ୍ ?ରେ ଓଲଟି ପଡ଼ିବାରୁ ସମସ୍ତେ ବୁଡ଼ିଯାଇଥିଲେ। ଇନ୍ଦୋର ଗ୍ରାମୀଣ ପୁଲିସ ଇନ୍ସପେକ୍ଟର ଜେନେରାଲ ଅନୁରାଗ କହିଛନ୍ତି ଯେ, ଏପର୍ଯ୍ୟନ୍ତ ୧୧ଟି ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଏସ୍ ?ଡିଇଆ ?ଏଫ୍ ? ଉଦ୍ଧାରକାରୀ ଦଳ ପୋଖରୀରେ ଖୋଜାଖୋଜି ଜାରି ରଖିଛନ୍ତି। ତିନି ଜଣ ବଞ୍ଚିଥିବା ବ୍ୟକ୍ତିଙ୍କ ଅବସ୍ଥା ଗୁରୁତର ରହିଛି ଏବଂ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ସୂତ୍ରରୁ ପ୍ରକାଶ। ପୀଡିତମାନେ ନଅରୁ ୨୫ ବର୍ଷ ବୟସର ଥିଲେ, ଯେଉଁଥିରେ ୧୫-୨୫ ବର୍ଷ ବୟସର ଛଅ ଜଣ ମହିଳା ଏବଂ ସବୁଠାରୁ ସାନ ନଅ ବର୍ଷର ବାଳକ ଥିଲେ। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଉଜ୍ଜୟିନୀ ଜିଲ୍ଲାରେ ଜଣେ ୧୨ ବର୍ଷର ବାଳକ ସମେତ ଗୋଟିଏ ପରିବାରର ତିନି ଜଣ ସଦସ୍ୟ ଚମ୍ବଲ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସରକାରୀ ସୂତ୍ରରୁ ପ୍ରକାଶ ଯେ, ଚାରି ଜଣ ଲୋକ ଗାଧୋଉଥିବା ବେଳେ ବାଳକଟି ହଠାତ୍ ବ୍ରିଜ୍ ଉପରେ ଏକ ଟ୍ରାକ୍ଟର ଚଳାଇବା ଆରମ୍ଭ କରିଥିଲା, ଯାହା ନଦୀରେ ଖସିପଡିବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା।

# ଅହମ୍ମଦାବାଦ୍ ଟେଷ୍ଟରେ ଭାରତର ଦମ୍‌ଦାର ବିଜୟ

## ଏକ ଇନିଂସ ଓ ୧୪୦ ରନ୍‌ରେ ହାରିଲା ୱେଷ୍ଟଇଣ୍ଡିଜ୍ , ଜାଡେଜା ମ୍ୟାନ୍ ଅଫ୍ ଦି ମ୍ୟାଚ୍







ଅହମ୍ମଦାବାଦ,୪।୧୦: ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଦୁଇଟି ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌କୁ ଭାରତ ଜିତିନେଇଛି। ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇ ଏହି ଟେଷ୍ଟକୁ ଟିମ ଇଣ୍ଡିଆ ଗୋଟିଏ ଇନିଂସ ଏବଂ ୧୪୦ ରନ ବ୍ୟବଧାନରେ ଜିତିଛି। ଭାରତୀୟ ଦଳ ଏହି ମ୍ୟାଚ୍‌ରେ ବ୍ୟାଟିଂ, ବୋଲିଂ ଏବଂ ଫିଲ୍ଡିଂରେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲା। ଟିମ ଇଣ୍ଡିଆ ପାଇଁ ରବିନ୍ଦ୍ର ଜାଡେଜା, କେଏଲ ରାହୁଲ ଏବଂ ଧ୍ରୁବ ଜୁରେଲ ଶତକ ହାସଲ କରିଥିଲେ। ମହମ୍ମଦ ସିରାଜ ଏବଂ ଜାଡେଜା ବୋଲିଂରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା।

ଟିମ ଇଣ୍ଡିଆ ବିପକ୍ଷରେ ଉଭୟ ଇନିଂସରେ ୱେଷ୍ଟଇଣ୍ଡିଜର ବ୍ୟାଟିଂ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ପ୍ରଥମ ଇନିଂସରେ ଭ୍ରମଣକାରୀ ଦଳ ମାତ୍ର ୧୬୨ ରନ କରି ଅଲଆଉଟ ହୋଇଥିଲା ଏବଂ ଜବାବରେ ଟିମ ଇଣ୍ଡିଆ ୫ ଉଇକେଟ ହରାଇ ୪୪୮ ରନ କରି ସେମାନଙ୍କର ଇନିଂସ ଘୋଷଣା କରିଥିଲା। ୨୮୬ ରନ ପଛରେ ପଡ଼ିଥିବା ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଥିଲା, କିନ୍ତୁ ଦଳ ତାସ ଗଦା ପରି ଭାଙ୍ଗି ପଡ଼ିଥିଲା।

ଦ୍ୱିତୀୟ ଇନିଂସରେ, ୱେଷ୍ଟଇଣ୍ଡିଜ ତୃତୀୟ ଦିନର ଦ୍ୱିତୀୟ ଅଧିବେଶନ ମଧ୍ୟରେ ମାତ୍ର ୧୪୬ ରନ କରି ଅଲଆଉଟ ହୋଇଯାଇଥିଲା। ଫଳରେ ଭାରତ ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜକୁ ଗୋଟିଏ ଇନିଂସ ଏବଂ ୧୪୦ ରନରେ ପରାସ୍ତ କରି ସିରିଜ ଅଗ୍ରଣୀ କରିବାରେ ସାହାଯ୍ୟ କରିଥିଲା। ୱେଷ୍ଟଇଣ୍ଡିଜ ପକ୍ଷରୁ ଆଲିକ ଆଥାନାଜେ ସର୍ବାଧିକ ୩୮ ରନ କରିଥିଲେ। ଜଷ୍ଟିନ ଗ୍ରେଭ୍ସ ୨୫ ରନ ଯୋଡ଼ିଥିଲେ। ଜୟଡେନ ସେଲ୍ସ ୨୨ ରନ କରିଥିଲେ। ଏହା ବ୍ୟତୀତ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଅଧିକ ସମୟ ପାଇଁ କ୍ରିଜ୍‌ରେ ରହିପାରି ନ ଥିଲେ।

ଏହି ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ବୋଲରମାନେ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନଙ୍କୁ ମୁକ୍ତ ଭାବରେ ଖେଳିବାକୁ ଦେଇ ନ ଥିଲେ। ଭ୍ରମଣକାରୀ ଦଳର କୌଣସି ବ୍ୟାଟସମ୍ୟାନ ଉଭୟ ଇନିଂସରେ ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ଦ୍ୱିତୀୟ ଇନିଂସରେ ରବିନ୍ଦ୍ର ଜାଡେଜା ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ମହମ୍ମଦ ସିରାଜ ତିନୋଟି ଉଇକେଟ ନେଇଥିଲେ, ଏବଂ କୁଲଦୀପ ଯାଦବ ଦୁଇଟି ଉଇକେଟ ନେଇଥିଲେ।

ଏହି ଟେଷ୍ଟ ମ୍ୟାଚ୍‌ରେ ରବିନ୍ଦ୍ର ଜାଡେଜା ବ୍ୟାଟ ଏବଂ ବଲ ଉଭୟରେ ଚମତ୍କାର ପ୍ରଦର୍ଶନ କରିଥିଲେ। ପ୍ରଥମେ, ସେ ୧୦୪ ରନ୍‌ରେ ଅପରାଜିତ ଶତକ ହାସଲ କରିଥିଲେ ଏବଂ ପରେ ୪ଟି ଉଇକେଟ ନେଇ ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜକୁ ଶୀଘ୍ର ଅଲଆଉଟ୍ କରିଥିଲେ।

ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଇଣ୍ଡିଜ ଟିମ ମହମ୍ମଦ ସିରାଜ ଓ ଯଶପ୍ରୀତ ବୁମ୍ରାଙ୍କ ଘାତକ ବୋଲିଂ ଯୋଗୁ ପ୍ରଥମ ଇନିଂସରେ କେବଳ ୧୬୨ ରନ କରି ପାରିଥିଲା ସିରାଜ ୪ଟି ୱିକେଟ ନେଇଥିବା ବେଳେ ବୁମରା ୩ଟି ସଫଳତା ପାଇଥିଲେ। ସେହିପରି ଏସିଆ। କପରେ ନିଜର ଜଲା ଦେଖାଇଥିବା କୁଲଦୀପ ଯାଦବ ୨ଟି ଓ ୱାଶିଂଟନ ସୁନ୍ଦରଙ୍କ ଖାତାକୁ ଗୋଟିଏ ୱିକେଟ ଯାଇଥିଲା ପ୍ରଥମ ଦିନର ଚା ପାନ ବିରତି ପୂର୍ବରୁ ଇଣ୍ଡିଜ ଇନିଂସରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା।

ଏହାପରେ ଭାରତ ବ୍ୟାଟିଂ କରିବା ସହ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୨ ୱିକେଟ ହରାଇ ୧୨୧ ରନ କରି ନେଇଥିଲା। ଦ୍ୱିତୀୟ ଦିନରେ ଭାରତୀୟ ବ୍ୟାଟର ରନ ବର୍ଷା କରିଥିଲେ। ପ୍ରଥମେ କେଏଲ ରାହୁଲ ଦୀର୍ଘ ୯ ବର୍ଷ ପରେ ଘରୋଇ ମାଟିରେ ଖେଳୁଥିବା କୌଣସି ଟେଷ୍ଟରେ ଶତକ ହାସଲ କରିଥିଲେ। ତାଙ୍କ ପୂର୍ବରୁ ଶୁବମନ ଗିଲ ୫୦ ରନ କରି ଆଉଟ ହୋଇଥିଲେ। ରାହୁଲଙ୍କ ପରେ ଧ୍ରୁବ ଜୁରେଲ ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ମାରିଥିଲେ ସେ ୧୨୫ ରନର ଇନିଂସ ଖେଳିଛନ୍ତି। ଶେଷ ଭାଗରେ ଭାରତ ପାଇଁ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଶତକ ହାସଲ କରିଥିଲେ। ଦ୍ୱିତୀୟ ଦିନର ଖେଳ ଶେଷ ବେଳକୁ ଭାରତ ୫ ୱିକେଟ ହରାଇ ୪୪୮ ରନ କରି ନେଇଥିଲା। ସେହିପରି ଦଳର ଲିଡ ୨୮୬ ରନରେ ପହଞ୍ଚି ଯାଇଥିଲା ।ଜାଡେଜା ୧୦୯ ଓ ।ଶିଂଟନ ସୁନ୍ଦର ୯ ରନ କରି ଅପରାଜିତ ରହିଥିଲେ ଲାଗୁଥିଲା। ଭାରତ ତୃତୀୟ ଦିନରେ କିଛି ସମୟ ବ୍ୟାଟିଂ କରିବ କିନ୍ତୁ ଆଜି ଖେଳ ଆରମ୍ଭ ପୂର୍ବରୁ ହିଁ ଭାରତ ତାର ପ୍ରଥମ ଇନିଂସ ଘୋଷଣା କରି ଦେଇଥିଲା।

ଭାରତ ପାଳି ଘୋଷଣା କରିବାରୁ ଇଣ୍ଡିଜ ଟିମ ତାର ଦ୍ୱିତୀୟ ଇନିଂସ ଆ।ରମ୍ଭ କରିଥିଲା ହେଲେ ପ୍ରଥମ ଇନିଂସ ଭଳି ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅଲିକ ଅଥଞ୍ଜେ(୩୮) ଓ ଜଷ୍ଟିସ ଗ୍ରେଭ୍ସ(୨୫)ଙ୍କୁ ଛାଡ଼ି ଦେଲେଆ।ଉ କୌଣସି ବ୍ୟାଟର ଭାରତୀୟ ବୋଲରଙ୍କୁ ସାମ୍ନା କରି ପାରି ନଥିଲେ। ଶେଷରେ ଷ୍ଟେଇଣ୍ଡିଜ ଟିମ ଦ୍ୱିତୀୟ ଇନିଂସରେ ମାତ୍ର ୧୪୬ କରି ଅଲଆ।ଉଟ ହୋଇଯାଇଛି ଫଳରେ ଭାରତ ଗୋଟିଏ ଇନିଂସ ଓ ୧୪୦ ରନରେ ପ୍ରଥମ ଟେଷ୍ଟକୁ ଜିତି ନେଇଛି ।ପ୍ରଥମ ଇନିଂସରେ ିକେଟ ପାଇ ନଥିବା ଜାଡେଜା ଦ୍ୱିତୀୟ ପାଳିରେ ୪ଟି ସଫଳତା ପାଇଥିବା ବେଳେ ସିରାଜ ୩ଟି, କୁଲଦୀପ ଯାଦବ ୨ଟି ଓ ।ଶିଂଟନ ସୁନ୍ଦର ଗୋଟିଏ ିକେଟ ପାଇଛନ୍ତି ।

## ‘ଟ୍ରଫି ଚୋର’ ନକଭିଙ୍କୁ ପୁରସ୍କାର

ନୂଆଦିଲ୍ଲୀ,୪।୧୦: ପାକିସ୍ତାନ କ୍ରିକେଟ ବୋର୍ଡ ମୁଖ୍ୟ ଏବଂ ଏସୀୟ କ୍ରିକେଟ ପରିଷଦ ଅଧ୍ୟକ୍ଷ ମୋହସିନ ନକଭି ପୁଣି ଥରେ ଖବରର ଶିରୋନାମାରେ ଅଛନ୍ତି। କିନ୍ତୁ ଏଥର କୌଣସି କ୍ରିକେଟ ସଫଳତା ପାଇଁ ନୁହେଁ, ବରଂ ଏକ ଅଜବ କାରଣ ପାଇଁ। ଏସିଆ କପ ୨୦୨୫ ଫାଇନାଲ ସମୟରେ ଟ୍ରଫି ଡ୍ରାମା ପରେ, ତାଙ୍କୁ ଏବେ ପାକିସ୍ତାନରେ "ସହୀଦ ଜୁଲଫିକର ଅଲି ଭୁଟ୍ଟୋ ଉତ୍କର୍ଷ ସ୍ୱର୍ଣ୍ଣ ପଦକ" ପ୍ରଦାନ କରାଯିବ।



ହଁ, ସେହି ନକଭି ଯାହାଙ୍କ ହାତରୁ ଭାରତର ଖେଳାଳିମାନେ ଫାଇନାଲ ପରେ ଟ୍ରଫି ଗ୍ରହଣ କରିବାକୁ ସ୍ପଷ୍ଟ ଭାବରେ ମନା କରିଦେଇଥିଲେ, ତାଙ୍କୁ ଏବେ ପାକିସ୍ତାନରେ "ସାହସ ଏବଂ ନୀତି" ର ପ୍ରତୀକ ଭାବରେ ସ୍ୱାଗତ କରାଯାଉଛି। ରିପୋର୍ଟ ଅନୁଯାୟୀ, ଏହି ନିଷ୍ପତ୍ତି ସିନ୍ଧ ଏବଂ କରାଚୀ ବାସ୍କେଟବଲ ଆସୋସିଏସନର ସଭାପତି ଆଡଭୋକେଟ ଗୁଲାମ ଆବାସ ଜମାଲ ନେଇଥିଲେ। ଜମାଲ କହିଛନ୍ତି ଯେ ମୋହସିନ ନକଭି "ଭାରତୀୟ ଚାପ ଆଗରେ ନ ମୁଣ୍ଡ ନୁଆଁଇ ଜାତୀୟ ଗର୍ବ ବୃଦ୍ଧି କରିଥିଲେ" ଏବଂ ତାଙ୍କୁ ଏହି "ସାହାର୍ଯ୍ୟ" ପାଇଁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ତାଙ୍କ ଅନୁସାରେ, ନକଭି "ରାଜନୈତିକ ଏବଂ କ୍ରୀଡ଼ା ଉଭୟ କ୍ଷେତ୍ରରେ ପାକିସ୍ତାନର ପ୍ରତିଷ୍ଠା ବଜାୟ ରଖିଥିଲେ।" ଏସିଆ କପ ୨୦୨୫ ଫାଇନାଲରେ ଭାରତର ବିଜୟ ପରେ, ଟ୍ରଫି ପ୍ରଦାନ ସମାରୋହ ସମୟରେ ଏକ ବିବାଦ ଦେଖାଦେଇଥିଲା। ରିପୋର୍ଟ ଅନୁଯାୟୀ, ଭାରତୀୟ ଖେଳାଳିମାନେ ପୂର୍ବରୁ ନିଷ୍ପତ୍ତି ନେଇଥିଲେ ଯେ ଯଦି ମୋହସିନ ନକଭି ସେମାନଙ୍କୁ ଟ୍ରଫି ପ୍ରଦାନ କରନ୍ତି ତେବେ ସେମାନେ ଏହାକୁ ଗ୍ରହଣ କରିବେ ନାହିଁ। ଯେତେବେଳେ ନକଭି ମଞ୍ଚ ଉପରେ ପହଞ୍ଚିଲେ, ଭାରତୀୟ ଅଧିନାୟକ ଏବଂ ଖେଳାଳିମାନେ ଟ୍ରଫିଠାରୁ କିଛି ଦୂରରେ ଠିଆ ହୋଇଥିଲେ।

## ବିକ୍ରି ହୋଇପାରିଲେନି ଅଶ୍ୱିନୀ

ଦୁବାଇ,୩।୧୦: ଆଇଏଲ୍‌ଟି୨୦ ଖେଳାଳି ନିଲାମିରେ ଭାରତର ପୂର୍ବତନ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ବିକ୍ରି ହୋଇ ପାରିନାହାନ୍ତି। ଟୁର୍ନାମେଣ୍ଟ ପାଇଁ ଅଶ୍ୱିନ ଏକ ମାତ୍ର ଖେଳାଳି ଯାହାଙ୍କର ବେସ୍ ପ୍ରଇସ୍ ୬ ଅଙ୍କ ବିଶିଷ୍ଟ ୧୨୦,୦୦୦ ଆମେରିକୀୟ ଡଲାର ରହିଥିଲା। ମାତ୍ର କୌଣସି ଦଳ ତାଙ୍କୁ କ୍ରୟ କରିବାକୁ ରାଜି ହୋଇ ନ ଥିଲେ। କିନ୍ତୁ ସେ ଚାହିଁଲେ ୱାଇଲ୍ଡ କାର୍ଡ ହିସାବରେ କୌଣସି ଦଳ ସହିତ ଚୁକ୍ତି କରିପାରନ୍ତି। ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ଅବସର ଘୋଷଣା କରି ବା ବରେ ବିଦେଶରେ ଫ୍ରାଞ୍ଚାଇଜ ପ୍ରତିଯୋଗିତାରେ ଖେଳିବା ଲାଗି ତାଙ୍କ ପାଇଁ ରାସ୍ତା ଖୋଲିଯାଇଥିଲା। ସେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଭିତ୍ତିକ ଲିଗ୍‌ରେ ଖେଳିବା ଲାଗି ତାଙ୍କ ନାମ ପଞ୍ଜିକୃତ କରିଥିଲେ। ସେ ପୁରା ସିଜନ ପାଇଁ ଲପଲବ୍ଧ ହେବେ ବୋଲି ସ୍ପଷ୍ଟ କରିଦେଇଥିଲେ ।୩୯ ବର୍ଷୀୟ ଏହି କ୍ରିକେଟର ଗତ ସପ୍ତାହରେ ବିଗ୍ ବାଶ ଲିଗ୍ ପାଇଁ ସିଡ୍‌ନୀ ଥଣ୍ଡର ସହିତ ଚୁକ୍ତି କରଛନ୍ତି। ଫଳତଃ ସେ ପ୍ରଥମ ଭାରତୀୟ ହାଇପ୍ରୋଫାଇଲ କ୍ରିକେଟର ଭାବେ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଛନ୍ତି। ଗତବର୍ଷ ଭାରତର ଅଷ୍ଟ୍ରେଲିଆ ଟୁର୍ ଚାଲିଥିବା ବେଳେ ଅଶ୍ୱିନ ଏହାର ମଧ୍ୟ ଭାଗରେ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଥିଲେ। ନିଲାମି ବେଳେ ପୂର୍ବ ବିଦର୍ଭ ଅଫ୍ ସ୍ପିନର ତଥା ରଣଜୀ ଟ୍ରଫି ବିଜେତା ଅକ୍ଷୟ ୱାଖାରେଙ୍କ ସହିତ ଦୁବାଇ କ୍ୟାପିଟାଲ୍ସ ଚୁକ୍ତି ସ୍ୱାକ୍ଷର କରିଛି। ସେହିପରି ବର୍ତ୍ତମାନ ଆମେରିକାରୁ ଖେଳୁଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଅଧିନାୟକ ଉନ୍ମୁକ୍ତ ଚାନ୍ଦଙ୍କୁ ଆବୁଧାବି ନାଇଟ ରାଇଡର୍ସ ନେଇଛି।

# ଗିଲ୍ ଦିନିକିଆ ଅଧିନାୟକ

## ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଦଳକୁ ଫେରିଲେ ରୋହିତ, କୋହଲି




ମୁମ୍ବାଇ,୪।୧୦ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଅଷ୍ଟ୍ରେଲିଆ ଗସ୍ତ ପାଇଁ ଟିମ୍ ଇଣ୍ଡିଆର ଏକଦିବସୀୟ ଦଳ ଘୋଷିତ ହୋଇଛି। ଏକ ଦିବସୀୟ ଦଳ ପାଇଁ ଶୁବମନ ଗିଲ୍ ଅଧିନାୟକ ଥିବାବେଳେ ଦଳକୁ ରୋହିତ ଶର୍ମା ଏବଂ ବିରାଟ କୋହଲି ଫେରିଛନ୍ତି।

ଟିମ୍ ଇଣ୍ଡିଆ ଅକ୍ଟୋବର-ନଭେମ୍ବରରେ ଅଷ୍ଟ୍ରେଲିଆ ବିରୋଧରେ ୩ ଏକ ଦିବସୀୟ ଏବଂ ୫ଟି ଟି-୨୦ ମ୍ୟାଚ୍ ଖେଳିବ। ବିସିସିଆଇର ଚୟନ ବୈଠକ ଅହମଦାବାଦରେ ଅନୁଷ୍ଠିତ ହୋଇଥିଲା ।ଶ୍ରେୟସ ଆୟାରଙ୍କୁ ଏକଦୀବସୀୟ ଦଳର ଉପଅଧିନାୟକ ନିଯୁକ୍ତ କରାଯାଇଛି। ଏକଦୀବସୀୟ ଦଳ ପାଇଁ କେଏଲ ରାହୁଲଙ୍କୁ ୱିକେଟ କିପର ନିଯୁକ୍ତ କରାଯାଇଛି। ସେହିପରି ଟି-୨୦ ଦଳ ପାଇଁ ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ ଘୋଷଣା କରାଯାଇଛି।

୨୬ ବର୍ଷୀୟ ଗିଲଙ୍କ ନେତୃତ୍ୱରେ ଉଭୟ ରୋହିତ ଓ ବିରାଟ ଦିନିକିଆ। କ୍ରିକେଟ ଖେଳିବେ ଗିଲଙ୍କୁ ଇଂଲଣ୍ଡ ବିପକ୍ଷ ସିରିଜରେ ଅର୍ଥାତ ମେ' ମାସରେ ଟେଷ୍ଟ ଟିମର ଅଧିନାୟକ କରାଯାଇଥିଲା ।ନିକଟରେ ସେ ଭାରତର ନୂଆ। ଟି-୨୦ ଉପ ଅଧିନାୟକ ଭାବେ ଦାୟିତ୍ୱପାଇଥିଲେ ଏବେ ତାଙ୍କୁ ଦିନିକିଆ। କ୍ରିକେଟର ଅଧିନାୟକ କରାଯାଇଛି ।

ରୋହିତ ଶର୍ମା ୨୦୨୧ ଡିସେମ୍ବର ମାସରୁ ଭାରତୀୟ ଦିନିକିଆ। ଟିମର ଅଧିନାୟକ ଭାବେ କାର୍ଯ୍ୟ କରୁଥିଲେ। ସେ ୫୬ଟି ଦିନିକିଆ।ରେ ଭାରତର ନେତୃ ନେଇଛନ୍ତି ଏହା ମଧ୍ୟରୁ ଭାରତ ୪୨ଟି ଜିତିଛି, ୧୨ଟି ହାରିଛି, ଗୋଟିଏ ଟାଇ ରହିଥିବା ବେଳେ ଆ।ଉ ଗୋଟିଏ ମ୍ୟାଚ୍‌ର ଫଳାଫଳ ବାହାରି ନଥିଲା। ସେ ୨୦୧୮ରେ ଭାରତର କାମଚଲା ଅଧିନାୟକ ଭାବେ ଏସିଆ। କପ ଓ ୨୦୨୩ରେ ପୂର୍ଣ୍ଣକାଳୀନ ଅଧିନାୟକ ଭାବେ ଏସିଆ। କପ ଭେଟି ଦେଇଥିଲେ। ୨୦୨୩ ଦିନିକିଆ। ବିଶ୍‌କପରେ ଭାରତ ରୋହିତଙ୍କ ନେତୃତ୍ୱରେ ଫାଇନାଲ ଖେଳିଥିଲା ୨୦୨୫ ଚାମ୍ପିୟନ ଟ୍ରଫିରେ ରୋହିତଙ୍କ ଟିମ ଇଣ୍ଡିଆ। ଚାମ୍ପିୟନ ହୋଇଥିଲା । କିନ୍ତୁ ଅକ୍ଟୋବର ୧୯ରୁ ଗିଲ ଯୁଗ ଦିନିକିଆ।ରେ ଆ।ରମ୍ଭ ହେବାକୁ ଯାଉଛି ଅଷ୍ଟ୍ରେଲିଆ। ଗସ୍ତରେ ଭାରତୀୟ ଟିମ ୩ଟି ଦିନିକିଆ। ମ୍ୟାଚ୍ ଖେଳିବ ଏହି ସିରିଜ ପାଇଁ ଆ।ହତ ସମସ୍ୟାରୁ ମୁକୁଳି ନଥିବା ଋଷଭ ପନ୍ତଙ୍କୁ ଚୟନ କରାଯାଇ ନଥିବା ଜଣାପଡ଼ିଛି ।

**ଏକ ଦିବସୀୟ ଦଳ:**

ଶୁବମନ ଗିଲ୍(ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟାର(ଉପଅଧିନାୟକ) କେଏଲ ରାହୁଲ(ୱିକେଟ କିପର), ଯଶସ୍ୱୀ ଜୟସ୍ୱାଲ, ଅକ୍ଷର ପଟେଲ୍, ନୀତିଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ ସିରାଜ, ଅର୍ଶଦୀପ ସିଂ, ପ୍ରସିଦ୍ଧ କୃଷ୍ଣା,ହର୍ଷିତ ରାଣା,ଧ୍ରୁବ ଜୁରେଲ(ୱିକେଟ କିପର)।

ପ୍ରଥମ ଏକଦିବସୀୟ: ୧୯ ଅକ୍ଟୋବର-ପର୍ଥ

ଦ୍ୱିତୀୟ ଏକଦିବସୀୟ: ୨୩ ଅକ୍ଟୋବର-ଏଡିଲେଡ୍

ତୃତୀୟ ଏକଦିବସୀୟ: ୨୪ ଅକ୍ଟୋବର-ସିଡନୀ

**ଟି-୨୦ ଦଳ:**

ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ଅଭିଷେକ ଶର୍ମା, ଶୁବମନ ଗିଲ(ଉପ-ଅଧିନାୟକ), ତିଳକ ବର୍ମା, ନୀତିଶ କୁମାର ରେଡ୍ଡୀ, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା। (ୱିକେଟକିପର), ବରୁଣ ଚକ୍ରବର୍ତ୍ତୀ, ଜସପ୍ରୀତ ବୁମରା, ଅର୍ଶଦୀପ ସିଂ, କୁଲଦୀପ ଯାଦବ(ୱିକେଟ୍ କିପର), ରିଙ୍କୁ ସିଂ, ୱାଶିଂଟନ୍ ସୁନ୍ଦର ।

**ଟି-୨୦ ସିରିଜର ସୂଚୀ:**

ପ୍ରଥମ ଟି୨୦-୨୯ ଅକ୍ଟୋବର-କାନବେରା। ଦ୍ୱିତୀୟ ଟି-୨୦-୩୧ ଅକ୍ଟୋବର-ମେଲବୋର୍ଣ୍ଣ । ତୃତୀୟ ଟି-୨୦-୨ ନଭେମ୍ବର-ହୋବାର୍ଟ। ଚତୁର୍ଥଟି-୨୦-୬ ନଭେମ୍ବର-ଗୋଲ୍ଡ କୋଷ୍ଟ ୫ମ ଟି-୨୦ -୮ ନଭେମ୍ବର-ବ୍ରିସବେନ।

# ଭାରତ-ପାକିସ୍ତାନ ମ୍ୟାଚ୍ ପୂର୍ବରୁ ଷ୍ଟାଡିୟମରେ ପଶିଲା ସାପ

ନୂଆଦିଲ୍ଲୀ,୪।୧୦: ଭାରତ-ପାକିସ୍ତାନ ମ୍ୟାଚ୍ ପୂର୍ବରୁ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ମହିଳା ଦିନିକିଆ ବିଶ୍ୱକପ ୨୦୨୫ରେ ଏହି ମ୍ୟାଚ୍ ଆସନ୍ତାକାଲି ଖେଳାଯିବ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏହି ମ୍ୟାଚ୍ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ଅନୁଷ୍ଠିତ ହେବ। ରିପୋର୍ଟ ଅନୁଯାୟୀ, ଏହି ମ୍ୟାଚ୍ ପୂର୍ବରୁ ଟିମ ଇଣ୍ଡିଆ ୩ ଅକ୍ଟୋବର, ଶୁକ୍ରବାର ସନ୍ଧ୍ୟାରେ କଲମ୍ବୋର ଆର. ପ୍ରେମଦାସା




ଷ୍ଟାଡିୟମରେ ଅଭ୍ୟାସ କରୁଥିଲା। ଅଭ୍ୟାସ ସେସନ ସମୟରେ, ଖେଳାଳିମାନଙ୍କ ମଧ୍ୟରେ ହଠାତ୍ ଏକ ସାପ ଦେଖାଗଲା, ଯାହା ପଡ଼ିଆରେ ହଙ୍ଗାମା ସୃଷ୍ଟି କଲା।

ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ପୂର୍ବରୁ ଷ୍ଟାଡିୟମରେ ଏକ ସାପ ଦେଖାଯିବା ଘଟଣା। ଟିମ ଇଣ୍ଡିଆ କଲମ୍ବୋ ଗ୍ରାଉଣ୍ଡରେ ଅଭ୍ୟାସ କରୁଥିବା ସମୟରେ ଏହି ଘଟଣା ଘଟିଥିଲା। ଭାରତୀୟ ଖେଳାଳିମାନେ ନେଟ ଆଡକୁ ଯାଉଥିବା ସମୟରେ ପଡ଼ିଆରେ ଏକ ମାଟିଆ ସାପ ଦେଖାଗଲା। ଜଣେ ଗ୍ରାଉଣ୍ଡକିପର ସାପଟିକୁ 'ଗରାଣ୍ଡିଆ' ବୋଲି ବର୍ଣ୍ଣନା କରିଛନ୍ତି। ଏହି ସାପଟି ବିଷାକ୍ତ ନୁହେଁ ଏବଂ କାହାକୁ କାମୁଡ଼େ ନାହିଁ। ଏହା କେବଳ ମୂଷା ଖୋଜେ ।ଯେତେବେଳେ ଭାରତୀୟ ଦଳର ଖେଳାଳିମାନେ ପଡ଼ିଆରେ ଏହି ସାପକୁ ଦେଖିଲେ, ଭୟଭୀତ ହେବା ପରିବର୍ତ୍ତେ ଖେଳାଳି ଏବଂ ସପୋର୍ଟ ଷ୍ଟାଫ ଏହାକୁ ଆଗ୍ରହର ସହିତ ଦେଖୁଥିଲେ। ସାପଟି କୌଣସି ଖେଳାଳିଙ୍କୁ କୌଣସି କ୍ଷତି ପହଞ୍ଚାଇ ନଥିଲା। ମହିଳା ଏକଦିବସୀୟ ବିଶ୍ୱକପରେ ଭାରତ-ପାକିସ୍ତାନ ମ୍ୟାଚ୍ ରବିବାର, ଅକ୍ଟୋବର ୫ ତାରିଖରେ ଖେଳାଯିବ। ଭାରତ ଚଳିତ ବର୍ଷ ମହିଳା ବିଶ୍ୱକପ ଆୟୋଜନ କରୁଛି, କିନ୍ତୁ ପାକିସ୍ତାନର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳାଯିବ। ଏକଦିବସୀୟ କ୍ରିକେଟରେ ଭାରତ ଏବଂ ପାକିସ୍ତାନ ମହିଳା ଦଳ ମଧ୍ୟରେ କୌଣସି ପ୍ରତିଦ୍ୱନ୍ଦ୍ୱିତା ନାହିଁ। ଦୁଇ ଦଳ ଏକଦିବସୀୟରେ ୧୧ ଥର ପରସ୍ପରର ସାମ୍ନା କରିଛନ୍ତି, ଏବଂ ଟିମ ଇଣ୍ଡିଆ ପ୍ରତ୍ୟେକ ଥର ପାକିସ୍ତାନକୁ ପରାସ୍ତ କରିଛି। ପାକିସ୍ତାନ କେବେ ବି ଏକଦିବସୀୟରେ ଭାରତ ବିରୁଦ୍ଧରେ ଜିତିନାହିଁ।

## ସାନା ମିରଙ୍କ ବିବାଦୀୟ ବୟାନ

ନୂଆ।ଦିଲ୍ଲୀ: ମହିଳା ବିଶ୍ୱକପର ପାକିସ୍ତାନ-ବାଂଲାଦେଶ ମ୍ୟାଚ୍‌ରେ ଧାରା ବିବରଣୀ ଦେଉଥିଲା ବେଳେ ପାକ୍ ଅଧିକୃତ କାଶ୍ମୀର (ପିଓକେ)କୁ ଆ।ଜାଦ କାଶ୍ମୀର ଭାବେ ସମ୍ବୋଧନ କରି ପୂର୍ବତନ ପାକିସ୍ତାନୀ କ୍ରିକେଟର୍ ସାନା ମିର୍ ବିବାଦ ଘେରକୁ ଆ।ସିଛନ୍ତି। ପାକିସ୍ତାନ ବେଆ।ଇନ ଭାବେ ପିଓକେକୁ ନିଜ ନିୟନ୍ତ୍ରଣରେ ରଖିଥିଲା ବେଳେ କ୍ରିକେଟ୍ ମ୍ୟାଚ୍ ବେଳେ ଏଭଳି ସ୍ପର୍ଶକାତର ବିଷୟ ଉଠାଇ ମିର୍ ଅଯଥା ରାଜନୀତି କରୁଛନ୍ତି ବୋଲି ଅଭିଯୋଗ ହୋଇଛି ।ଏହାକୁ ଭାରତୀୟ କ୍ରିକେଟ୍‌ପ୍ରେମୀ ତୀବ୍ର ବିରୋଧ କରିବା ସହ ତାଙ୍କର ଭୀଷଣ ଟ୍ରୋଲ୍ କରିଛନ୍ତି।

ଚରିଆ।ଡ଼ୁ ସମାଲୋଚିତ ହେବା ପରେ ମିର ସ୍ପଷ୍ଟୀକରଣ ଦେବାକୁ ବାଧ ହୋଇଛନ୍ତି। ପ୍ରକାଶଯୋଗ୍ୟ ଯେ ଏହି ମ୍ୟାଚ୍‌ର ଧାରାବିବରଣୀ ଦେଉଥିଲା ବେଳେ ନିଜ ଦେଶର ଖେଳାଳି ନାତାଲିଆ। ପରଭେଜଙ୍କ ବିଷୟରେ ଆ।ଲୋଚନା କରି ମିର୍ କହିଥିଲେ ଯେ ନାତାଲିଆ। ହେଉଛନ୍ତି ଆ।ଜାଦ କାଶ୍ମୀର (ପିଓକେକୁ ପାକିସ୍ତାନ କହିଥାଏ ଆ।ଜାଦ କାଶ୍ମୀର)ର ମୂଳ ବାସିନ୍ଦା ସେ ଲାହୋରରେ ନିୟମିତ ଭାବେ ଖେଳି ଆ।ସୁଥିଲେ ବି ତାଙ୍କର ଏଭଳି ମନ୍ତବ୍ୟ ପରେ ମିର ଜାଣିଶୁଣି ପିଓକେକୁ ଆ।ଜାଦ କାଶ୍ମୀର ଭାବେ ସମ୍ବୋଧନ କରିଥିବା ଅଭିଯୋଗ ହୋଇଛି। ତେବେ ଏହି ମାମଲାରେ ନିଜ ପ୍ରତିକ୍ରିୟା ରଖିବାକୁ ଯାଇ ସେ କହିଛନ୍ତି, ମୁଁ କାହା ମନରେ କଷ୍ଟ ଦେବା ପାଇଁ ଏଭଳି ମନ୍ତବ୍ୟ ଦେଇ ନଥିଲି। କୌଣସିବିଷୟର ରାଜନୀତୀକରଣ ମୋର ଉଦ୍ଦେଶ୍ୟ ନଥିଲା ଅଯଥାରେ ଏଥିନେଇ ବିବାଦ ସୃଷ୍ଟି କରାଯାଉଛି।

## ଡବ୍ଲୁଟିସି : ଭାରତର ସ୍ଥାନ ଅପରିବର୍ତ୍ତିତ

ଦୁବାଇ,୪।୧୦: ଭାରତ ଅହମଦାବାଦ ଟେଷ୍ଟକୁ ଅଢ଼େଇ ଦିନରେ ଶେଷ କରି ଦେଇଛି। ତେବେ ଭାରତ ଏହି ବଡ଼ ବିଜୟ ପରେ ବିଶ୍ ଟେଷ୍ଟ ଚାମ୍ପିୟନଶିପ(୨୦୨୫-୨୭)ର ପଏଣ୍ଟ ଟେବୁଲରେ କେତେ ନମ୍ବର ସ୍ଥାନରେ ପହଞ୍ଚିଛି, ତା ଉପରେ ଏବ ସମସ୍ତଙ୍କ ନଜର ରହିଛି। ଭାରତର ବିଜୟ ପରେ ଆ।ଇସିସି ପକ୍ଷରୁ ଅପଡେଟ ହୋଇଥିବା ପଏଣ୍ଟ ଟେବୁଲରେ ଭାରତ ପୂର୍ବ ଭଳି ତୃତୀୟ ସ୍ଥାନରେ ରହିଛି ।ପଏଣ୍ଟ ଟେବୁଲର ୧ନଂ ସ୍ଥାନରେ ଅଷ୍ଟ୍ରେଲିଆ। ଓ ଦୁଇ ନମ୍ବରେ ଶ୍ରୀଲଙ୍କା ରହିଛି ।ଗିଲଙ୍କ କ୍ୟାପ୍ଟେନ୍ସିରେ ୨୦୨୫-୨୭ ଅଭିଯାନ ଆ।ରମ୍ଭ କରିଥିବା ଭାରତ ପ୍ରଥମେ ଇଂଲଣ୍ଡ ମାଟିରେ ୫ଟି ଟେଷ୍ଟ( ଖେଳିଥିଲା। ଏହି ସିରିଜ ୨-୨ରେ ବରାବର ରହିଥିଲେ। ଏବେ ଘରୋଇ ମାଟିରେ ଦଳ ଇଣ୍ଡିଜ ବିପକ୍ଷରେ ୨ଟି ଟେଷ୍ଟ ଖେଳିବ। ପ୍ରଥମ ଟେଷ୍ଟକୁ ଭାରତ ଜିତି ନେଇଛି। ଦ୍ୱିତୀୟ ଟେଷ୍ଟ ଅକ୍ଟୋବର ୧୦ରୁ ଦିଲ୍ଲୀରେ ଖେଳାଯିବ। ଭାରତ ବିଜୟ ସତ୍ତ୍ୱେ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଛି। ଭାରତର ବିଜୟ ପ୍ରତିଶତ ପଏଣ୍ଟ ୫୫.୫୬ ରହିଛି। ପ୍ରଥମ ସ୍ଥାନରେ ଥିବା ଅଷ୍ଟ୍ରେଲିଆ। ୩ଟି ମ୍ୟାଚ୍ ଖେଳି ୩ଟିରେ ଜିତିଛି ।ଦଳର ବିଜୟ ପ୍ରତିଶତ ୧୦୦% ରହିଛି। ଶ୍ରୀଲଙ୍କା ଦୁଇଟି ଟେଷ୍ଟ ଖେଳିଥିବା ବେଳେ ଗୋଟିଏ ଜିତିଛି ଓ ଗୋଟିଏ ଡ୍ର ରହିଛି ତେଣୁ ଶ୍ରୀଲଙ୍କାର ବିଜୟ ପ୍ରତିଶତ ୬୬.୬୭ ପଏଣ୍ଟ ଅଷ୍ଟ୍ରେଲିଆ।, ଶ୍ରୀଲଙ୍କା ଓ ଭାରତ ପରେ ଇଂଲଣ୍ଡ(୪୩.୩୩) ଓ ବାଂଲାଦେଶ(୧୬.୬୭) ରହିଛି ।ୱେଷ୍ଟଇଣ୍ଡିଜ ୨୦୨୫-୨୭ ରେ ଏଯାଏ ୪ଟି ଟେଷ୍ଟ ଖେଳିଛି। କିନ୍ତୁ ଦଳକୁ ୪ଟି ଯାକ ଟେଷ୍ଟ ହାରିବାକୁ ପଡ଼ିଛି। ଭାରତ ପୂର୍ବରୁ ୱେଷ୍ଟଇଣ୍ଡିଜ ୩ଟି ଟେଷ୍ଟ ଅଷ୍ଟ୍ରେଲିଆ। ବିପକ୍ଷରେ ଖେଳିଥିଲା। ଘରୋଇ ମାଟିରେ ବି ଇଣ୍ଡିଜ ଟିମକୁ ୩ଟି ଯାକ ଟେଷ୍ଟରେ ହାରିବାକୁ ପଡ଼ିଥିଲା। ଏବେ ଭାରତ ବିପକ୍ଷ ଟେଷ୍ଟ ଅଭିଯାନ ମଧ୍ୟ ପରାଜୟରୁ ଆରମ୍ଭ କରିଛି ରୋଷ୍ଟନ ଚେଜଙ୍କ ଦଳ ।

# ରୋହିତଙ୍କୁ ନେଇ ମୁହଁ ଖୋଲିଲା ବିସିସିଆଇ

ନୂଆ।ଦିଲ୍ଲୀ,୪।୧୦: ଅଷ୍ଟ୍ରେଲିଆ। ଗସ୍ତରେ ଖେଳାଯିବାକୁ ଥିବା ଦିନିକିଆ ଏବଂ ଟି୨୦ ସିରିଜ ପାଇଁ ବିସିସିଆଇ ଟିମ ଇଣ୍ଡିଆ। ଘୋଷଣା କରିଛି। ଦଳରେ ଏକ ବଡ଼ ପରିବର୍ତ୍ତନ ଦେଖାଯାଇଛି ରୋହିତ ଶର୍ମାଙ୍କୁ ଅଧିନାୟକ ଦିନିକିଆ ପଦରୁ ହଟାଇ ଦିଆଯାଇଛି, ଏବଂ ଶୁବମନ ଗିଲଙ୍କ ଏହି ଦାୟିତ୍ୱ ଦିଆଯାଇଛି ବୋର୍ଡର ଏହି ନିଷ୍ପତ୍ତି ପଛରେ କଣ କାରଣ ରହିଛି ତାହା ଆ।ମେ ବ୍ୟାଖ୍ୟା କରିବା, ଯାହା ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ନିଜେ ପ୍ରକାଶ କରିଛନ୍ତି ।ଅଷ୍ଟ୍ରେଲିଆ। ଗସ୍ତ ପାଇଁ ମନୋନୀତ ଭାରତୀୟ ଦଳର ଅଧିନାୟକ ଭାବରେ ଶୁବମନ ଗିଲଙ୍କୁ ମନୋନୀତ କରାଯାଇଛି ରୋହିତ ଶର୍ମା ଦଳରେ ଅଛନ୍ତି, କିନ୍ତୁ ତାଙ୍କୁ ଅଧିନାୟକ ପଦରୁ ହଟାଇ ଦିଆ।ଯାଇଛି ଏହା ସୋସିଆ।ଲ ମିଡିଆ।ରେ ହଇଚଇ ସୃଷ୍ଟି କରିଛି, ଏବଂ ପ୍ରଶଂସକମାନେ ଜାଣିବାକୁ ଚାହୁଁଛନ୍ତି ଯେ ବୋର୍ଡ ଏତେ କଠୋର ନିଷ୍ପତ୍ତି କାହିଁକି ନେଲା ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି ।ଅଗରକର ବ୍ୟାଖ୍ୟା କରିଛନ୍ତି, ତିନୋଟି ଫର୍ମାଟ ପାଇଁ ତିନି ଜଣ ଅଧିନାୟକ ରଖିବା ପ୍ରାୟତଃ ଅସମ୍ଭବ, ଏବଂ ଏହା ବର୍ତ୍ତମାନ ସବୁଠାରୁ କମ ଖେଳାଯାଉଥିବା ଫର୍ମାଟ ଆ।ମର ଧ୍ୟାନ ୨୦ ବିଶ୍‌କପ ଉପରେ ଆ।ମର ଯୋଜନା ହେଉଛି ଗିଲଙ୍କୁ ସଠିକ ଭାବରେ ସ୍ଥିର ହେବା ପାଇଁ ସମୟ ଦେବା ।ଅଭିଜ୍ଞ ଭାରତୀୟ କ୍ରିକେଟର ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ସମ୍ପର୍କରେ ଏକ ଅପଡେଟ ପ୍ରଦାନ କରାଯାଇଛି ମୁଖ୍ୟ ଚୟନକର୍ତ୍ତା କହିଛନ୍ତି ଯେ ବିରାଟ ଏବଂ କୋହଲି ସମସ୍ତ ଆ।ବଶ୍ୟକୀୟ ଔପଚାରିକତା ପୂରଣ କରିଛନ୍ତି।

ଅଜିତ ଅଗରକର କହିଛନ୍ତି, ବିରାଟ କୋହଲି ଏବଂ ରୋହିତ ଶର୍ମା। ଦଳରେ ଯୋଗଦେବା ପାଇଁ ସମସ୍ତ ଆ।ବଶ୍ୟକୀୟ ଔପଚାରିକତା ପୂରଣ କରିଛନ୍ତି ଆ।ମେ ସର୍ବଦା ଚୟନିତ ନାମଗୁଡ଼ିକୁ ସିଓଇ ନିକଟକୁ ପଠାଉ ଏବଂ ସେମାନଙ୍କ ଫିଟନେସ ନିଶ୍ଚିତ କରୁ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ